ବର୍ଷ-୨୫, ସଂଖ୍ୟା-୨୦୧
ଭୁବନେଶ୍ୱର
୨୮, ଜୁଲାଇ, ୨୦୨୫ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 201
Bhubaneswar
28, July, 2025 Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

## ହରିଦ୍ୱାର ମନସା ଦେବୀ ମାର୍ଗରେ ଦଳାଚକଟା

# ୮ ମୃତ, ୩୦ରୁ ଅଧିକ ଆହତ

ହରିଦ୍ୱାର, ୨୭।୭(ମହାଭାରତ): ହରିଦ୍ୱାରର ମନସା ଦେବୀ ମନ୍ଦିର ମାର୍ଗରେ ରବିବାର ସକାଳେ ଘଟିଥିବା ଦଳାଚକଟା ଘଟଣାରେ ୮ ଜଣଙ୍କ ମୃତ୍ୟୁ ଓ ୩୦ ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଆହତମାନଙ୍କୁ ହସ୍ପିଟାଲକୁ ନିଆଯାଇଛି ଏବଂ ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଚାଲିଛି। ଅନୁସାରେ, ମନସା ଦେବୀ ମନ୍ଦିର ମାର୍ଗରେ ଆଜି ସକାଳ ୯:୩୦ଟାରେ ଦଳାଚକଟା ଯୋଗୁ ୮ ଜଣଙ୍କ ମୃତ୍ୟୁ ହୋଇଛି ଓ ୩୦ ଆହତଙ୍କୁ ରାଜ୍ୟ ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏସଡିଆରଏଫ୍‌ର ୩ଟି ଟିମ୍ ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି। ପୋଲିସ୍ ଓ ପ୍ରଶାସନିକ ଟିମ୍‌ମାନଙ୍କ ସହିତ



ଏସଡିଆରଏଫ୍ ଟିମ୍‌ମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି। ଆହତମାନେ ବର୍ତ୍ତମାନ ଜିଲ୍ଲା ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଉତ୍ତରାଖଣ୍ଡର ହରିଦ୍ୱାରରେ ମନସା ଦେବୀ ମନ୍ଦିର ପଥରେ ଘଟିଥିବା ଦଳାଚକଟା ଘଟଣାରେ ଧନଜୀବନ ହାନିକୁ ନେଇ ଶୋକ ପ୍ରକାଶ କରିଛନ୍ତି। ହରିଦ୍ୱାର ସ୍ଥିତ ମନସା ଦେବୀ ମନ୍ଦିର ମନ୍ଦିର ରାସ୍ତାରେ ୧୦୦ ମିଟର ତଳେ ସିଡ଼ିରେ ବିଦ୍ୟୁତ ଆଘାତ ଲାଗିବା ଗୁଜବ ଯୋଗୁ ଦଳାଚକଟା ହୋଇଥିଲା। ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ଏହି ଦୁଃଖଦ ଘଟଣା ପ୍ରତି ଗଭୀର ଶୋକ ପ୍ରକାଶ କରିଛନ୍ତି ଏବଂ କହିଛନ୍ତି ଯେ ସରକାର ଘଟଣାକ୍ରମ ଉପରେ ଲଗାତାର ନଜର ରଖୁଛି। ଗଡ଼ୱାଲ ମଣ୍ଡଳର କମିଶନର ଆୟୁକ୍ତ ବିନୟ ଶଙ୍କର ପାଣ୍ଡେୟ ମାର୍ଗରେ ଦଳାଚକଟା ଘଟଣାରେ ୮ ଜଣଙ୍କ ମୃତ୍ୟୁ ହୋଇଥିବା ନିଶ୍ଚିତ ହୋଇଛି। ରାଷ୍ଟ୍ରପତି ଏକ୍ସରେ ଏକ ପୋଷ୍ଟରେ ଲେଖିଛନ୍ତି ଯେ, 'ହରିଦ୍ୱାରରେ ମନସା ଦେବୀ ମନ୍ଦିର ମାର୍ଗରେ ଦଳାଚକଟା ଘଟଣାରେ ଅନେକ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଥିବା ସମ୍ବାଦ ବହୁତ ଯନ୍ତ୍ରଣାଦାୟକ। ମୁଁ ସମସ୍ତ ଶୋକାକୁଳ ପରିବାର ପ୍ରତି ଗଭୀର ସମବେଦନା ଜଣାଉଛି। ଆହତ ହୋଇଥିବା ସମସ୍ତ ଶ୍ରଦ୍ଧାଳୁ ଶୀଘ୍ର ସୁସ୍ଥ ହୁଅନ୍ତୁ ବୋଲି କାମନା କରୁଛି।"

# ଓଡ଼ିଶାକୁ ପ୍ରଶଂସା କଲେ ମୋଦୀ

**ନୂଆଦିଲ୍ଲୀ,** ୨୭।୭(ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ତାଙ୍କର ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ କୀ ବାତ'ର ୧୨୪ତମ ଅଧ୍ୟାୟରେ ଦେଶବିଦେଶର ଶ୍ରୋତାଙ୍କ ସହ ମତବିନିମୟ କରିଛନ୍ତି। ଶ୍ରୀ ମୋଦୀ ଏହି କାର୍ଯ୍ୟକ୍ରମରେ ଦେଶର ଉଲ୍ଲେଖନୀୟ ଉପଲବ୍ଧି ଏବଂ ସମୃଦ୍ଧ ଲୋକ ପରମ୍ପରା ବିଷୟରେ ଆଲୋଚନା ବେଳେ ଓଡ଼ିଶାର କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲା ବିଷୟରେ ଉଲ୍ଲେଖ କରିଛନ୍ତି।





ଦେଶର ସ୍ୱଦେଶୀ ଆନ୍ଦୋଳନ, ସ୍ଥାନୀୟ ଉତ୍ପାଦ ଏବଂ ସମୃଦ୍ଧ ହସ୍ତଶିଳ୍ପ ପରମ୍ପରା ବିଷୟରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ସାନ୍ତାଳି ଶାଢ଼ି ବୁଣୁଥିବା ମୟୂରଭଞ୍ଜର ଆଦିବାସୀ ମହିଳାଙ୍କ ଉଦାହରଣ ଦେଇଛନ୍ତି। ସେ କହିଛନ୍ତି, ମୟୂରଭଞ୍ଜ ଜିଲ୍ଲାର ୬୫୦ରୁ ଅଧିକ ଆଦିବାସୀ ମହିଳା ପାରମ୍ପରିକ ସାନ୍ତାଳି ଶାଢ଼ୀର ପୁନରୁଦ୍ଧାର କରି ପାରିଛନ୍ତି । ବର୍ତ୍ତମାନ ଏହି ମହିଳାମାନେ ପ୍ରତ୍ୟେକ ମାସରେ ହଜାର ହଜାର ଟଙ୍କା ରୋଜଗାର କରିପାରୁଛନ୍ତି। ସେମାନେ କେବଳ ବସ୍ତ୍ର ତିଆରି କରୁନାହାନ୍ତି ବରଂ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି।

ପ୍ରଧାନମନ୍ତ୍ରୀ ତାଙ୍କର ମନ କୀ ବାତ କାର୍ଯ୍ୟକ୍ରମରେ ବିଶ୍ୱ ପାଇଁ ଚିନ୍ତାଜନକ ସମସ୍ୟା ପାଲଟିଥିବା ବନାଗ୍ନି ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରୟାସ କରୁଥିବା କେନ୍ଦୁଝରର କୀର୍ତ୍ତନ ମଣ୍ଡଳୀ ବିଷୟରେ ମଧ୍ୟ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି, ଭାରତର ବିବିଧତାର ସବୁଠାରୁ ସୁନ୍ଦର ଝଲକ ଦେଶର ଲୋକଗୀତ ଏବଂ ପରମ୍ପରାରେ ଦେଖିବାକୁ ମିଳିଥାଏ। ଏହାର ଅଂଶ ହେଉଛି ଆମର ଭଜନ ଓ କୀର୍ତ୍ତନ । କିନ୍ତୁ ବନାଗ୍ନି ସମ୍ପର୍କରେ କୀର୍ତ୍ତନ ମାଧ୍ୟମରେ ଲୋକମାନଙ୍କୁ ସଚେତନ କରାଯାଉଥିବା କଥା ଆପଣମାନେ କେବେ ଶୁଣିଛନ୍ତି କି ? ବୋଧହୁଏ, ଆପଣମାନେ ଏକଥାକୁ ବିଶ୍ୱାସ କରି ନ ପାରନ୍ତି, କିନ୍ତୁ ଓଡ଼ିଶାର କେନ୍ଦୁଝର ଜିଲ୍ଲାରେ ଏଭଳି ଏକ ଅଭିନବ ପ୍ରୟାସ କରାଯାଇଛି ।

ଏଠାରେ ରାଧାକୃଷ୍ଣ ସଂକୀର୍ତ୍ତନ ମଣ୍ଡଳୀ ନାମକ ଗୋଟିଏ ଦଳ ଅଛି। ଏହି ଦଳ ଆଜି ଭକ୍ତି ସହିତ ପରିବେଶ ସୁରକ୍ଷାର ମନ୍ତ୍ର ମଧ୍ୟ ଜପୁଛି। ପ୍ରମିଳା ପ୍ରଧାନ ଏହି ପ୍ରୟାସ ଲାଗି ପ୍ରେରଣା ସାଜିଛନ୍ତି । ଜଙ୍ଗଲ ଓ ପରିବେଶ ସୁରକ୍ଷା ପାଇଁ ସେ ପାରମ୍ପରିକ ଗୀତରେ ନୂଆ ଶବ୍ଦ, ନୂଆ ବାର୍ତ୍ତା ଯୋଡ଼ିଛନ୍ତି । ତାଙ୍କ ଦଳ ଗାଁ ଗାଁ ବୁଲି ଜଙ୍ଗଲରେ ଲାଗୁଥିବା ନିଆଁରୁ କେତେ କ୍ଷତି ହୁଏ, ତାହା ଗୀତ ମାଧ୍ୟମରେ ଲୋକଙ୍କୁ ବୁଝାଉଛନ୍ତି । ଦେଶର ଲୋକ ପରମ୍ପରାଗୁଡ଼ିକ ଆଦୌ ପୁରୁଣାକାଳିଆ ନୁହେଁ, ଏଥିରେ ଆଜି ବି ସମାଜକୁ ଦିଗଦର୍ଶନ ଦେବାର ଶକ୍ତି ରହିଛି ବୋଲି ଏହି ଉଦାହରଣରୁ ପ୍ରମାଣିତ ହୋଇଥାଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

# ଛାତ୍ରଛାତ୍ରୀଙ୍କୁ ଗୁରୁ ମନ୍ତ୍ର ଦେଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,** ୨୭।୭(ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଦିନ ଭୁବନେଶ୍ୱର ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ଥିବା ବନବାସୀ କଲ୍ୟାଣ ଆଶ୍ରମ ପରିସରରେ ଆଶ୍ରମ ଅନ୍ତେବାସୀ ପିଲାଙ୍କ ଗହଣରେ ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମ ଶୁଣିଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମର ଆଜି ଥିଲା ୧୨୪ ତମ ଅଧ୍ୟାୟ। ମୁଖ୍ୟମନ୍ତ୍ରୀ ବନବାସୀ କଲ୍ୟାଣ ଆଶ୍ରମ ପରିସରରେ ପିଲାଙ୍କ ସହ ଏହି କାର୍ଯ୍ୟକ୍ରମ ଶୁଣିବା ସହ ପିଲାମାନଙ୍କୁ ପ୍ରଧାନମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ପ୍ରେରଣାଦାୟୀ ଦିଗ ସମ୍ପର୍କରେ ବୁଝାଇଥିଲେ। ଏଥି ସହିତ ପିଲାମାନଙ୍କୁ ଭଲ ପାଠ ପଢ଼ି, କଠିନ ପରିଶ୍ରମ କରି ସଫଳତାର ସହିତ ବଡ଼ ମଣିଷ ହେବା ପାଇଁ ଉପଦେଶ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆଶ୍ରମ ପରିସରରେ ଏକ ନିମ୍ବ ବୃକ୍ଷ ଚାରା ମଧ୍ୟ ରୋପଣ କରିଥିଲେ। ସୂଚନାଯୋଗ୍ୟ ଯେ, ଆଜି ୧୨୪ ତମ ଅଧ୍ୟାୟରେ ଦେଶର ବିଭିନ୍ନ ପ୍ରାନ୍ତର ଜନ ସମୂହଙ୍କ ପ୍ରେରଣାଦାୟୀ ପଦକ୍ଷେପ ସହିତ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାର ଆଦିବାସୀ ମହିଳା ମାନଙ୍କ ଦ୍ୱାରା ସାନ୍ତାଳୀ ଶାଢ଼ୀର ପୁନରୁଦ୍ଧାର ବିଷୟରେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ। ୬୫୦ ଜଣ ଆଦିବାସୀ ମହିଳା ଆଜି ଏହି ଶାଢ଼ୀ ବୁଣି ଭଲ ରୋଜଗାର କରିବା ସହିତ ଅନ୍ୟ ମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ବୋଲି ସେ କହିଛନ୍ତି। ଏଥିସହିତ ପ୍ରଧାନମନ୍ତ୍ରୀ ପ୍ରକୃତିର ସୁରକ୍ଷା ପାଇଁ ଆମ ଦାୟିତ୍ୱ ବିଷୟରେ କେନ୍ଦୁଝର ଜିଲ୍ଲାର ନାମ ନେଇଛନ୍ତି। କେନ୍ଦୁଝର ଜିଲ୍ଲାର ପ୍ରମିଳା ପ୍ରଧାନଙ୍କ ପ୍ରୟାସରେ ସଂକୀର୍ତ୍ତନ ମଣ୍ଡଳୀ ଜରିଆରେ କିଭଳି ପରିବେଶ ଓ ଜଙ୍ଗଲର ସୁରକ୍ଷା ସହିତ ଜଙ୍ଗଲ ନିଆଁ ରୋକିବା ପାଇଁ ସଚେତନ କରାଯାଉଛି ସେ ବିଷୟରେ ପ୍ରଶଂସା କରିଥିଲେ।ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀ ମନ୍ କି ବାତ୍ କାର୍ଯ୍ୟକ୍ରମ ଜରିଆରେ ସାଧାରଣ ଲୋକଙ୍କ ସଂଘର୍ଷ, ସଫଳତା ଓ ନବସୃଜନ ଉପରେ ଗୁରୁତ୍ୱଦେଇ ଅନ୍ୟ ମାନଙ୍କୁ ପ୍ରେରଣା ଓ ମାର୍ଗଦର୍ଶନ ଦେଇ ଆସୁଛନ୍ତି ।

# ଟଙ୍କା ପୋତିଥିଲେ ମାଓବାଦୀ

ଭୁବନେଶ୍ୱର, ୨୭।୭(ନି.ପ୍ର): ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ସରଣ୍ଡା ଜଙ୍ଗଲରୁ ମାଟି ତଳୁ ମିଳିଛି ଲକ୍ଷ ଲକ୍ଷ ଟଙ୍କା। ମାଓବାଦୀମାନେ ଏହି ଟଙ୍କା ଲୁଚାଇ ରଖିଥିବା ଜଣାପଡ଼ିଛି ଗୁପ୍ତ ସୂଚନା ଆଧାରରେ ଝାଡ଼ଖଣ୍ଡର ଚାଇବାସା ପୁଲିସ ପ୍ରାୟ ୩୫ ଲକ୍ଷ ଟଙ୍କା ଜବତ କରିଛି। ଉଦ୍ଧାର ଟଙ୍କାବିଡ଼ାଗୁଡ଼ିକ କାଗଜ



ଏବଂ ପ୍ଲାଷ୍ଟିକରେ ଗୁଡ଼ାଯାଇଛି। ମୋଟ ୩୫ଟି ପୃଥକ ବିଡ଼ା ରହିଛି। ଉଦ୍ଧାର ଟଙ୍କା ମାଓବାଦୀମାନେ ସୁରକ୍ଷା ବାହିନୀ ବିରୁଦ୍ଧରେ ଅଞ୍ଚଳରେ ଲ୍ୟାଣ୍ଡମାଇନ୍ ବିଛାଇବା ଏବଂ ବିସ୍ଫୋରକ କିଣିବା ପାଇଁ ରଖିଥିଲେ। ସମସ୍ତ ଟଙ୍କା ଏକ ଷ୍ଟିଲ୍ କ୍ୟାନରେ ରଖାଯାଇ ମାଟିରେ ପୋତାଯାଇଥିଲା ଜବତ ଟଙ୍କାର ମୂଲ୍ୟ ପ୍ରାୟ ୩୫ ଲକ୍ଷ ହେବ ବୋଲି ଆକଳନ କରାଯାଉଥିବାବେଳେ ଥାନାକୁ ନେଇ ଟଙ୍କା ଗଣନା ପରେ ସଠିକ୍ ପରିମାଣ ଜଣାପଡ଼ିବ ବୋଲି ରାଞ୍ଚି ଆଇଜି ମନୋଜ କୌଶିକ୍ ଏକ୍ସ ଯୋଗେ ସୂଚନା ଦେଇଛନ୍ତି।



ତାମିଲନାଡୁ ଯାତ୍ରାର ଦ୍ୱିତୀ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚୋଳ ସମ୍ରାଟ୍ ରାଜେନ୍ଦ୍ର ଚୋଳ ପ୍ରଥମଙ୍କ ଐତିହାସିକ ଓ ସାଂସ୍କୃତିକ ଐତିହ୍ୟକୁ ସମର୍ପିତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି।

# ପୁଣି ଦିଲ୍ଲୀ ଏମ୍ସ ଗଲା ପୋଲିସ

ଭୁବନେଶ୍ୱର, ୨୭।୭(ମହାଭାରତ): ବହୁ ଚର୍ଚ୍ଚିତ ବଲଙ୍ଗା ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ସବୁଦିଗରୁ ତଦନ୍ତ ଜାରି ରଖିଛି ପୋଲିସ। ଆଜି ପୋଲିସର ଦୁଇ ଜଣିଆ ଟିମ୍ ପୀଡ଼ିତାଙ୍କ ବୟାନ ରେକର୍ଡ ପାଇଁ ପୁଣି ଥରେ ଦିଲ୍ଲୀ ଏମ୍‌ସ ଯାଇଛି। କାରଣ ପୀଡ଼ିତା ଦେଇଥିବା ବୟାନରେ ତାଳମେଳ ରହୁନାହିଁ। ଡିଏସି (ମୁଖ୍ୟାଳୟ) କଳ୍ପନା କହଁର ଏବଂ ବଲଙ୍ଗା ଆଇଆଇସି ଚିତ୍ତରଞ୍ଜନ ପଣ୍ଡାଙ୍କୁ ନେଇ ଗଠିତ ଏହି ଦଳ ରବିବାର ଦିନ ରାଜଧାନୀ ଦିଲ୍ଲୀରେ ପହଞ୍ଚି ତଦନ୍ତକୁ ଆଗକୁ ବଢାଇବା ପାଇଁ ଲକ୍ଷ୍ୟ ରଖିଛି। ପୋଲିସ ଏଥର ତାଙ୍କ ବାପା ଏବଂ ପରିବାରର ଅନ୍ୟ ନିକଟତମ ସଦସ୍ୟଙ୍କଠାରୁ ମଧ୍ୟ ବୟାନ ନେବ ବୋଲି ଆଶା କରାଯାଉଛି।

ରିପୋର୍ଟଗୁଡ଼ିକ ଏମ୍ସ ଭୁବନେଶ୍ୱର ଏବଂ ଦିଲ୍ଲୀରେ ପୀଡିତାଙ୍କ ଦ୍ୱାରା ପୂର୍ବରୁ ଦିଆଯାଇଥିବା ବୟାନ ମଧ୍ୟରେ ତାଳମେଳ ରହୁନାହିଁ। ତଦନ୍ତ ଦଳ ଏହି ପାର୍ଥକ୍ୟଗୁଡ଼ିକୁ ସ୍ପଷ୍ଟ କରିବା ଏବଂ ମାମଲା ସମ୍ପର୍କରେ ଅଧିକ ବ୍ୟାପକ ବିବରଣୀ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛି।ଦିଲ୍ଲୀରୁ ଫେରିଥିବା କ୍ରାଇମବ୍ରାଞ୍ଚ ଦଳ ପୁରୀ ଏସପିଙ୍କ ସହିତ ଏକ ବିସ୍ତୃତ ଆଲୋଚନା କରିଥିଲେ। ସମୀକ୍ଷା ବୈଠକରେ ସମ୍ପୃକ୍ତ ହସ୍ପିଟାଲରେ ରେକର୍ଡ ହୋଇଥିବା ଦୁଇଟି ସଂସ୍କରଣ ମଧ୍ୟରେ ଦେଖାଦେଇଥିବା ପାର୍ଥକ୍ୟ ମୂଲ୍ୟାଙ୍କନ କରିଥିଲେ। ପୀଡ଼ିତା ଦେଇଥିବା ପ୍ରଥମ ବୟାନ ଅନୁଯାୟୀ ଘଟିଥିବା ଘଟଣା ସହ କୌଣସି ମେଳ ଖାଉନି। କିନ୍ତୁ ଦ୍ୱିତୀୟ ବୟାନ ସଠିକ୍ ରହିଛି। ବଲଙ୍ଗା ଥାନାରେ କ୍ରାଇମବ୍ରାଞ୍ଚ, ସ୍ଥାନୀୟ ପୋଲିସ ଏବଂ ଡାକ୍ତରୀ ବିଶେଷଜ୍ଞମାନଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ହୋଇଥିଲା।

# କେନ୍ଦ୍ର ସରକାରଙ୍କ ସହାୟତାରେ ହେବ ମେଟ୍ରୋ

**ଭୁବନେଶ୍ୱର,** ୨୭।୭(ମହାଭାରତ) : ରାଜଧାନୀରେ ମେଟ୍ରୋ ପ୍ରକଳ୍ପ ନେଇ ବିଜେଡି ମିଛ କହୁଛି ବୋଲି କହିଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର। ସେ କହିଛନ୍ତି ଯେ, କେନ୍ଦ୍ରର ସହାୟତାରେ ମେଟ୍ରୋ କରାଯିବ। ସେଥିପାଇଁ କମିଟି ନିଷ୍ପତ୍ତି ନେଇଛି। ଏହା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓଙ୍କୁ ଦାୟିତ୍ୱ ଦେଇଛନ୍ତି। ବର୍ତ୍ତମାନ ଓ ଭବିଷ୍ୟତ ପାଇଁ ମେଟ୍ରୋର ଆବଶ୍ୟକତା ଅଛି। ଭୁବନେଶ୍ୱରରେ ଟ୍ରାଫିକ ସମସ୍ୟା ବଢ଼ିଛି। ଏହାର ସମାଧାନ ପାଇଁ ନିଷ୍ପତ୍ତି ହୋଇଛି। କଳ୍ପନା ପାଖରୁ ନନ୍ଦନକାନନକୁ ଯାଇଥିବା ରାସ୍ତାକୁ ପ୍ରଥମେ ଓଭର ବ୍ରିଜ ନିର୍ମାଣ ହେବ। ବୃହତ ଭୁବନେଶ୍ୱର ପାଇଁ ଏହି ଯୋଜନା ହୋଇଛି। ଏହା ପରେ ମେଟ୍ରୋ ନିଷ୍ପତ୍ତି ହେବ। ତର ତର ହେଲେ ହେବ ନାହିଁ ଏହା ଦୀର୍ଘ ସ୍ଥାୟୀୟ ସେଥିପାଇଁ ପୁରା ଟିମ୍ ଲାଗିଛି। ଲୋକଙ୍କ ଉପଯୋଗୀ ହେବ ସେ ନିଷ୍ପତ୍ତି କମିଟି ନେବ ବୋଲି ମନ୍ତ୍ରୀ କହିଛନ୍ତି।



ଏନେଇ ବିଜେଡି ନେତା ପ୍ରତାପ କେଶରୀ ଦେବ କହିଛନ୍ତି, ଭୁବନେଶ୍ୱରକୁ ପ୍ରଗତିଶୀଳ କରିବା ପାଇଁ ମେଟ୍ରୋର ବ୍ୟବସ୍ଥା କରିଥିଲେ ନବୀନ ସରକାର। ନିଜସ୍ୱ ବଜେଟରେ ନବୀନ ପଟ୍ଟନାୟକ ଆଗକୁ ବଢ଼ିଥିଲେ। ଅଢେଇ ବର୍ଷରେ ଡିପିଆର ଓ ଅନ୍ୟାନ କାମ ସରିଥିଲା। ହେଲେ ବିଜେପି ସରକାର ଏହାକୁ ବାତିଲ କରିଦେଲେ। କାରଣ ଏହାକୁ ପୂର୍ବ ସରକାର କରିଥିଲେ। ପୁଣି ଆପଣ ଏବେ ଡିପିଆର କରିବେ, ଟେଣ୍ଡର କରିବେ। ଏମିତିରେ ୫ ବର୍ଷ ଲାଗିଯିବ। ଏହା ଦ୍ୱାରା ଓଡ଼ିଶା ଓ ଭୁବନେଶ୍ୱରର କ୍ଷତି ହେଲା। ଏହା ଦୁଃଖ ଦାୟକ କଥା। ଏହି ୫ ବର୍ଷରେ କିଛି ଭଲ କାମ ହୋଇ ପାରିବ ନାହିଁ। ଏଥିରେ ରାଜ୍ୟର ଯେଉଁ ଅର୍ଥ ଖର୍ଚ୍ଚ ହୋଇଛି।

# ବନ୍ୟାରେ ୬ ଜିଲ୍ଲା ପ୍ରଭାବିତ



**ଭୁବନେଶ୍ୱର,** ୨୭।୭(ନି.ପ୍ର): ରାଜ୍ୟରେ କିଛିଦିନ ଧରି ଲଘୁଚାପଜନିତ ଲଗାଣ ବର୍ଷା ହେବା ଫଳରେ ୬ଟି ଜିଲ୍ଲା ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, ଯାଜପୁର, ସୁନ୍ଦରଗଡ଼ ଓ କେନ୍ଦୁଝରରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏଥିରେ ୧୧ ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଥିବାବେଳେ ଏକ ହଜାରରୁ ଅଧିକ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ୯ଟି ଆଶ୍ରୟସ୍ଥଳରେ ରଖାଯାଇଛି ।

ବନ୍ୟା ପରିସ୍ଥିତି ନେଇ ରବିବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱତନ୍ତ୍ର ରିଲିଫ କମିଶନର ଦେଓରଞ୍ଜନ କୁମାର ସିଂହଙ୍କ ଉପସ୍ଥିତିରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ସମ୍ବଲପୁର, ସୁନ୍ଦରଗଡ଼ ଜିଲ୍ଲାପାଳ ଓ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ସହ ଆଭାସି ମାଧ୍ୟମରେ ବନ୍ୟା ପରିସ୍ଥିତିର ସମୀକ୍ଷା କରିଥିଲେ। ଜିଲ୍ଲା ପ୍ରଶାସନ ବନ୍ୟା ପ୍ରଭାବିତ ଅଂଚଳରେ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ଜନସାଧାରଣଙ୍କୁ ନିରାପଦ ଆଶ୍ରୟସ୍ଥଳିରେ ରଖିବା ଓ ରିଲିଫ୍ ଯୋଗାଇ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ।

ରାଜୀବ ଭବନଠାରେ ଗଣମାଧ୍ୟମର ପ୍ରତିନିଧିଙ୍କୁ ସୂଚନା ଦେଇ ସ୍ୱତନ୍ତ୍ର ରିଲିଫ୍ କମିଶନର ଶ୍ରୀ ସିଂହ କହିଲେ ଯେ ବାଲେଶ୍ୱର ଜିଲ୍ଲାରେ ୫ଟି ଓଡ୍ରାଫ୍ ଟିମ୍ ସହ ଗୋଟିଏ ଏନ୍‌ଡିଆରଏଫ୍, ୨୬ଟି ଅଗ୍ନିଶମ ଓ ଜରୁରୀକାଳୀନ ସେବା ବାହିନୀ ନିୟୋଜିତ ହୋଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ଗୋଟିଏ ଓଡ୍ରାଫ୍ ଦଳ, ୨୩ଟି ଅଗ୍ନିଶମ ବାହିନୀ, ଭଦ୍ରକ ଜିଲ୍ଲାରେ ଗୋଟିଏ ଓଡ୍ରାଫ୍, ଗୋଟିଏ ଏନ୍‌ଡିଆରଏଫ୍ ଓ ୧୩ଟି ଅଗ୍ନିଶମ ବାହିନୀ, ଯାଜପୁର ଜିଲ୍ଲାରେ ଗୋଟିଏ ଓଡ୍ରାଫ୍ ଟିମ୍ ସହ ୧୪ଟି ଅଗ୍ନିଶମ ବାହିନୀ ସମେତ ଏହି ସବୁ ଜିଲ୍ଲାରେ ୧୦୬ଟି ବୋଟ୍ ମଧ୍ୟ ଉଦ୍ଧାର ଓ ରିଲିଫ୍ ବଂଟନ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ସୁବର୍ଣ୍ଣରେଖା ନଦୀକୁ ଛାଡ଼ି ଅନ୍ୟ ସମସ୍ତ ନଦୀର ଜଳପତନ ହ୍ରାସ ପାଇବାରେ ଲାଗିଛି। ସୁବର୍ଣ୍ଣରେଖାରେ ବନ୍ୟାଜଳକୁ ଆଖିରେ ରଖି ବାଲେଶ୍ୱର ଜିଲ୍ଲା ପ୍ରତି ସତର୍କ ଦୃଷ୍ଟି ରଖାଯାଇଛି। ବୈତରଣୀ ଓ ଜଳକା ନଦୀରେ ଜଳପତନ କମିବାରେ ଲାଗିଛି। ବନ୍ୟା କ୍ଷତିଗ୍ରସ୍ତ ଅଂଚଳରେ ରାତ୍ରକାଳୀନ ପ୍ରେଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

ବନ୍ୟାଞ୍ଚଳରେ ଜଳବିଶୋଧନ ଓ ଜନସାଧାରଣଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇଦେବାର ବ୍ୟବସ୍ଥା କରାଯିବା ସହ ଆବଶ୍ୟକ ପରିମାଣରେ ଆଂଟିଭେନମ୍ ମହଜୁଦ ରଖାଯାଇଛି। ଆବଶ୍ୟକତା ଅନୁଯାୟୀ ଲୋକମାନଙ୍କୁ ସ୍ଥିତି ସାମାନ୍ୟ ହେବା ପର୍ଯ୍ୟନ୍ତ ରନ୍ଧାଖାଦ୍ୟ ଯୋଗାଇଦିଆଯିବ। ଅତିରିକ୍ତ ରିଲିଫ୍ କମିଶନର ମନୀଷ ଅଗ୍ରୱାଲଙ୍କୁ ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାକୁ ବନ୍ୟାଞ୍ଚଳରେ ପୁନରୁଦ୍ଧାର ଓ ରିଲିଫ୍ କାର୍ଯ୍ୟର ତଦାରଖ କାର୍ଯ୍ୟ ପଠାଯାଇଛି। ଏହି ଅବସରରେ ଓସଡ଼ମାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କମଳ ଲୋଚନ ମିଶ୍ର ଓ ଅତିରିକ୍ତ ରିଲିଫ୍ କମିଶନର ପଦ୍ମନାଭ ବେହେରାଙ୍କ ସମେତ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ଓ ଓସ୍‌ଡମାର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

ଜଳସଂପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ର ଶେଖର ପାଢୀ କହିଛନ୍ତି, ସୁବର୍ଣ୍ଣରେଖାରେ ଜଳସ୍ତର ବଢୁଥିବାରୁ ବାଲେଶ୍ୱରରେ ବନ୍ୟା ସ୍ଥିତି ଦେଖା ଦେଇପାରେ। ଭୋଗରାଇ,ବାଲିଆପାଳ, ବସ୍ତା, ଜଳେଶ୍ୱର ବ୍ଲକ ପ୍ରଭାବିତ ହେବ। ତେବେ ଆଖୁଆପଦାରେ ବୈତରଣୀ ନଦୀ ଜଳସ୍ତର କ୍ରମଶଃ ହ୍ରାସ ପାଉଛି। ଖୁବଶୀଘ୍ର ବିପଦ ସଙ୍କେତ ତଳକୁ ଖସିବ ବୈତରଣୀ ଜଳସ୍ତର। ଏହାସହ ସେ କହିଛନ୍ତି ହୀରାକୁଦ ଜଳସ୍ତର ୬୧୪ ଫୁଟ ରହିଛି, ୨୦ଟି ଗେଟ୍ ଖୋଲା ଅଛି। ବର୍ତ୍ତମାନ ୫ ଲକ୍ଷ ୧୭ ହଜାର କ୍ୟୁସେକ ଜଳ ପ୍ରବେଶ କରୁଥିବାବେଳେ ୩ ଲକ୍ଷ ୪୧ ହଜାର କ୍ୟୁସେକ ଜଳ ନିଷ୍କାସିତ ହେଉଛି। ଆଗକୁ ଇନ୍ ଫ୍ଲୋ କମିଲେ ପର୍ଯ୍ୟାୟ କ୍ରମେ ହୀରାକୁଦ ଗେଟ୍ ବନ୍ଦ କରାଯିବ। ରେଙ୍ଗାଲିର ୩ଟି ଗେଟ୍ ଖୋଲାଅଛି, ଆଉ ଗେଟ୍ ଖୋଲିବାର ସମ୍ଭାବନା ନାହିଁ ବୋଲି କହିଛନ୍ତି ସର୍ବୋଚ୍ଚ ଯନ୍ତ୍ରୀ।

## ଗେଙ୍ଗୁଟି ନଦୀ ପୋଲ ଭୁଶୁଡ଼ିଲା

ଭଦ୍ରକ, ୨୭।୭(ମହାଭାରତ): ଭଦ୍ରକ ଆଖୁଆପଦାରେ ବୈତରଣୀ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି । ଭଣ୍ଡାରିପୋଖରୀ ଓ ଧାମନଗର ଅଂଚଳର ଅନେକ ଗ୍ରାମ ବନ୍ୟାପାଣିଘେରରେ ରହିଛି । ବନ୍ୟା ଫଳରେ ଗତକାଲି ବିଳମ୍ବିତ ରାତିରେ ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ଷୋଳମପୁର ପଂଚାୟତରେ ଗେଙ୍ଗୁଟି ନଦୀ ଉପରେ ରହିଥିବା ପୋଲ ଭୁଶୁଡ଼ିଛି । ଯାହାଦ୍ୱାରା ଟିକିଲିଆ - ଦାଣ୍ଡକୁଳକୁ ସଂଯୋଗ କରୁଥିଲା ଏହି ପୋଲ । ପୋଲ ଭୁଶୁଡ଼ିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି ।

ସେହିପରି ଐତିହାସିକ ପୀଠ ଗୋହିରାଟିକିରି ମଠରେ ପଶିଛି ବୈତରଣୀ ନଦୀର ବନ୍ୟା ଜଳ । ଉଦ୍ଧାର ପାଇଁ ନିବେଦନ କରିଛନ୍ତି ବାବା । ଭିଡ଼ିଓ କଲ୍ କରି ସେ ଉଦ୍ଧାର ପାଇଁ

## ହୀରାକୁଦ ଜଳଭଣ୍ଡାରରୁ ୨୦ ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି

ସମ୍ବଲପୁର, ୨୭।୭(ମହାଭାରତ) ରବିବାର ସନ୍ଧ୍ୟା ୬ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରରୁ ମୋଟ୍ ୨୦ଟି ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି । ଜଳଭଣ୍ଡାରର ବାମ ପାର୍ଶ୍ୱ ଡାଇକ୍ ର ୧୩ଟି ଓ ଡାହାଣ ପାର୍ଶ୍ୱ ଡାଇକ୍ ର ୭ଟି ସ୍ଲୁଇସ୍ ଗେଟ୍ ଖୋଲା ରହିଛି ।

ଜଳଭଣ୍ଡାରର ଜଳ ଧାରଣ କ୍ଷମତା ୬୩୦ ଫୁଟ୍ ରହିଥିବା ବେଳେ ସନ୍ଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ଜଳ ପତନ ୬୧୪.୯୫ ଫୁଟ୍ ରହିଛି। ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୪ ଲକ୍ଷ ୧୭ ହଜାର ୯୦୭ କ୍ୟୁସେକ୍ ଜଳ ପ୍ରବେଶ କରୁଥିଲା ବେଳେ ୨୦ଟି ସ୍ଲୁଇସ୍ ଗେଟ୍, ସ୍ପିଲୱେ ଓ ପାୱାର ଚେନେଲ ଦେଇ ପ୍ରତି ସେକେଣ୍ଡରେ ୩ ଲକ୍ଷ ୪୫ ହଜାର ୬୮୬ କ୍ୟୁସେକ୍ ଜଳ ନିଷ୍କାସନ ହେଉଛି । ଗତ ୬ ତାରିଖ ଠାରୁ ହୀରାକୁଦ ଜଳଭଣ୍ଡାରରୁ ଛଡାଯାଉଛି ଚଳିତ ବର୍ଷର ପ୍ରଥମ ବନ୍ୟାଜଳ । ଜଳଭଣ୍ଡାରର ଜଳ ପତନ ଉପରେ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଓ ବିଶେଷଜ୍ଞ ମାନେ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି । ବିଶେଷ କରି ଉପରେ ମୁଣ୍ଡର ପାଣି ଉପରେ ନିର୍ଭର କରି ହୀରାକୁଦର ସ୍ଲୁଇସ୍ ଗେଟ୍ ଖୋଲା ବନ୍ଦରେ ଘନଘନ ପରିବର୍ତ୍ତନ ହେଉଥିବାରୁ ହୀରାକୁଦ ବନ୍ଧ ସଂଲଗ୍ନ ସମ୍ପୂର୍ଣ୍ଣ ବୁର୍ଲା ଏବଂ ହୀରାକୁଦ ଅଂଚଳ ପ୍ରତି ମଧ୍ୟ ନଜର ରଖିଛି ପ୍ରଶାସନ । ଗତ ୨୪ ଘଂଟା ମଧ୍ୟରେ ଉପର ମୁଣ୍ଡରେ ୬.୯୯ ମି.ମି. ବର୍ଷା ରେକର୍ଡ଼ ହୋଇଥିବା ବେଳେ ତଳ ମୁଣ୍ଡରେ ୬.୧୯ ମି.ମି. ବର୍ଷା ରେକର୍ଡ଼ ହୋଇଛି ।

## ଆଜି ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ୧୪ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର, ୨୭।୭(ମହାଭାରତ): ଆଗାମୀ ୨୪ ଘଂଟା ପାଇଁ କୌଣସି ଚେତାବନୀ ନଥିବା ବେଳେ ୨୮ ତାରିଖ ଅର୍ଥାତ୍ ଆସନ୍ତାକାଲି ରାଜ୍ୟର କେତେକ ସ୍ଥାନରେ ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ଚେତାବନୀ ଜାରି କରିଛି ପାଣିପାଗ ବିଭାଗ । ୨୯ ତାରିଖରେ ଭୀଷଣ ବର୍ଷା ସହିତ ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ କେତେକ ଜିଲ୍ଲାକୁ ଚେତାବନୀ ଜାରି ହୋଇଛି । ପରବର୍ତ୍ତୀ ୪ ଦିନ ପାଇଁ କୌଣସି ଚେତାବନୀ ନାହିଁ ।

୨୮ ତାରିଖରେ ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ୧୪ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସେହି ଜିଲ୍ଲା ଗୁଡିକ ହେଲା ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଢେଙ୍କାନାଳ, ଅନୁଗୁଳ, ଦେବଗଡ଼, ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା ଏବଂ ବରଗଡ଼ । ଏସବୁ ଜିଲ୍ଲାର କେତେକ ସ୍ଥାନରେ ପବନର ବେଗ ଘଂଟା ପ୍ରତି ୩୦ରୁ ୪୦ କି.ମି. ରହିପାରେ । ୨୯ ତାରିଖରେ ଭୀଷଣ ବର୍ଷା ସହିତ ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ୩ ଜିଲ୍ଲା(ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର)କୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ୧୨ ଜିଲ୍ଲା(ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଯାଜପୁର, ଢେଙ୍କାନାଳ, ଅନୁଗୁଳ, ଦେବଗଡ଼, ସମ୍ବଲପୁର, ଝାରସୁଗୁଡ଼ା ଏବଂ ବରଗଡ଼)କୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି ।

## ବେସନ ଲଡୁ



**ସାମଗ୍ରୀ:**

ବେସନ-୨୦୦ ଗ୍ରାମ୍, ଚିନି-୧୮୦ ଗ୍ରାମ୍ ଓ ଘିଅ-୧୫୦ ଗ୍ରାମ୍ ।

**ପ୍ରଣାଳୀ:**

ପ୍ୟାନ୍‌ରେ ଘିଅ ଗରମ କରି ଆଞ୍ଚ କମାନ୍ତୁ । ବେସନକୁ ପକାଇ ଭଲ କରି ଏପରି ଭାଜନ୍ତୁ, ଯେପରି ବିଣ୍ଡା ଭଳି ହେବ ନାହିଁ । ଏଥର କମ୍ ଆଞ୍ଚରେ ବେସନକୁ ସୁନେଲି ରଙ୍ଗ ହେବା ଯାଏଁ ଭାଜନ୍ତୁ । ଏହା ପରେ ଏଥିରେ ଚିନି ପକାଇ ଗୋଳାନ୍ତୁ ଓ ଗ୍ୟାସ୍ ବନ୍ଦ କରନ୍ତୁ । ଭଲ ଭାବେ ଗୋଳାନ୍ତୁ, ଯେପରି ଗରମରେ ଚିନି ଟିକେ ତରଳି ମିଶିଯିବ । ଏଥର ଘିଅ ହାତ ହୋଇ ଗରମ ବେସନ ଚିନି ମିଶ୍ରଣରୁ ଅଳ୍ପ ଅଳ୍ପ ନେଇ ଲଡୁ ଭଳି ଗୋଲ ଗୋଲ କରନ୍ତୁ । ଭଲ ଭାବେ ବାନ୍ଧି ହୋଇଗଲେ ସୁରକ୍ଷିତ ପାତ୍ରରେ ରଖନ୍ତୁ । ଏହା ଖୁବ୍ ନରମ । ତେଣୁ ଟିକେ ଅଧିକ ଚାପ ଦେଲେ ଭାଙ୍ଗିଯାଇପାରେ । ତେଣୁ ସାବଧାନ ସହକାରେ ରଖିବେ । ବେସନ ଲଡୁକୁ ଏକ ସପ୍ତାହ ପର୍ଯ୍ୟନ୍ତ ରଖି ଖାଇହେବ ।

ଖବର

## ଫିଲ୍ମ ପ୍ରିମିୟରରେ ହଙ୍ଗାମା: ପ୍ରଯୋଜକଙ୍କୁ ଚପଲରେ ପିଟିଲେ ଅଭିନେତ୍ରୀ



ଫିଲ୍ମ ପ୍ରଯୋଜକ କରଣ ସିଂହ ଚୌହାନଙ୍କ ବିରୋଧରେ ୨୪ ଲକ୍ଷ ଟଙ୍କାର ଠକେଇ ଅଭିଯୋଗ ଆଣିଥିବା ଅଭିନେତ୍ରୀ ରୁଚି ଗୁଜରଙ୍କ ବିରୋଧରେ ମୁମ୍ବାଇ ପୁଲିସ ଏକ ଏଫଆଇଆର ରୁଜୁ କରିଛି। ଫିଲ୍ମ 'ସୋ ଲଙ୍ଗ୍ ଭ୍ୟାଲି' ପ୍ରଯୋଜକ ମାନ ଲାଲ ସିଂହଙ୍କ ଅଭିଯୋଗ ଆଧାରରେ ମୁମ୍ବାଇର ଆମ୍ବୋଲି ପୁଲିସ ରୁଚି ଗୁଜରଙ୍କ ସମେତ ୬ ଜଣଙ୍କ ବିରୋଧରେ ଏଫଆଇଆର ରୁଜୁ କରିଛି ।ରୁଚିଙ୍କ ବିରୋଧରେ ପ୍ରିମିୟର ସୋ' ସମୟରେ ତାଙ୍କ ବ୍ୟକ୍ତିଗତ ସୁରକ୍ଷା କର୍ମୀଙ୍କ ସହିତ ବିନା ଅନୁମତିରେ ସିନେମା ହଲ୍ ଭିତରକୁ ପ୍ରବେଶ କରି ହଙ୍ଗାମା କରିଥିବା ଅଭିଯୋଗ ହୋଇଛି। ସେ ଅପମାନଜନକ ଭାଷା ବ୍ୟବହାର କରିଥିଲେ ଏବଂ ଫିଲ୍ମର ପ୍ରିମିୟରକୁ ବାଧା ଦେବାକୁ ଚେଷ୍ଟା କରିଥିଲେ। ଏହି ଘଟଣା ଜୁଲାଇ ୨୫ ତାରିଖରେ ଅନ୍ଧେରୀ ପଶ୍ଚିମର ସିନେପୋଲିସ୍ ସିନେମାରେ ଘଟିଥିଲା, ଯେଉଁଠାରେ ରାତି ୯ଟାରେ ଫିଲ୍ମର ପ୍ରିମିୟର ସୋ' ଆୟୋଜନ କରାଯାଇଥିଲା। ଅଭିଯୋଗକାରୀ ମନ ଲାଲ ସିଂହ ପୁଲିସକୁ କହିଛନ୍ତି ଯେ 'ସୋ ଲଙ୍ଗ୍ ଭ୍ୟାଲି' ଫିଲ୍ମଟି ୨୦୨୩ ମସିହାରୁ ନିର୍ମାଣାଧୀନ ଥିଲା। ଏହାର ଆନୁଷ୍ଠାନିକ ମୁକ୍ତିଲାଭ ଜୁଲାଇ ୨୫ ତାରିଖରେ ହୋଇଥିଲା। କିନ୍ତୁ ପ୍ରିମିୟର ସୋ'ର ଠିକ୍ ପୂର୍ବରୁ, ରାତି ପ୍ରାୟ ୮:୪୦ସମୟରେ, ରୁଚି ଗୁଜର ଚାରି ଜଣ ମହିଳା ଏବଂ କିଛି ଅଙ୍ଗରକ୍ଷୀଙ୍କ ସହିତ ସିନେମା ହଲ୍ରେ ପହଞ୍ଚିଥିଲେ। ସେ କୌଣସି ନିମନ୍ତ୍ରଣ କିମ୍ବା ଅନୁମତି ବିନା ପ୍ରବେଶ କରିଥିଲେ।ଫିଲ୍ମ ପ୍ରିମିୟରରେ ରୁଚି ହଙ୍ଗାମା କରିଥିଲେ। ସେ ସେଠାରେ ଉପସ୍ଥିତ ଲୋକଙ୍କ ସମ୍ମୁଖରେ ଜୋରରେ ଚିତ୍କାର କରି କହିଥିଲେ ଯେ ସେ, ଫିଲ୍ମର ପ୍ରିମିୟର ହେବାକୁ ଦେବେ ନାହିଁ। ସେ ପ୍ରଯୋଜକ ମାନ ଲାଲ ସିଂହଙ୍କୁ ଗାଳି ଦେଇଥିଲେ ଏବଂ ତାଙ୍କଠାରୁ ଟଙ୍କା ଦାବି କରିବା ସହିତ ତାଙ୍କୁ ଧମକ ମଧ୍ୟ ଦେଇଥିଲେ। ଯେତେବେଳେ ସେଠାରେ ଉପସ୍ଥିତ ସୁରକ୍ଷା କର୍ମୀମାନେ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ, ସେତେବେଳେ ରୁଚିଙ୍କ ସୁରକ୍ଷାକର୍ମୀମାନେ ତାଙ୍କୁ ଠେଲାପେଲି ଦେଇଥିଲେ ଏବଂ ରୁଚି ନିଜେ ତାଙ୍କର ଚପଲ ବାହାର କରି ମାନ ସିଂହଙ୍କୁ ଆକ୍ରମଣ କରିଥିଲେ। କେବଳ ଏତିକି ନୁହେଁ, ସେ ଏକ ପ୍ଲାଷ୍ଟିକ୍ ବୋତଲ ମଧ୍ୟ ଫିଙ୍ଗି ଦେଇଥିଲେ।ଏହି ଘଟଣାରେ, ମଦିନା ସୟଦ, ଫରଜାନା ଶେଖ, ଶବନମ ସଲିମ, ରୁକସର ଶେଖ ଏବଂ ସୋହରାବ ଫାରୁକ ଶେଖଙ୍କ ନାମ ମଧ୍ୟ ଏଫଆଇଆରରେ ଅନ୍ତର୍ଭୁକ୍ତ କରାଯାଇଛି। ଆମ୍ବୋଲି ପୁଲିସର କହିବା ଅନୁଯାୟୀ, ସମସ୍ତ ଅଭିଯୁକ୍ତଙ୍କୁ ପଚରାଉଚରା କରାଯାଇଛି ଏବଂ ପଚରାଉଚରା ପରେ, ସେମାନଙ୍କୁ ନୋଟିସ୍ ଦେବା ପରେ ଚେତାବନୀ ଦେଇ ଛାଡି ଦିଆଯାଇଛି।ଆମ୍ବୋଲି ପୁଲିସ ମାମଲାର ତଦନ୍ତ କରୁଛି ଏବଂ ସିସିଟିଭି ଫୁଟେଜ ସମେତ ଅନ୍ୟାନ୍ୟ ପ୍ରମାଣ ମଧ୍ୟ ଯାଞ୍ଚ କରାଯାଉଛି।

## କେଶ ଝଡୁଥିଲେ ଆପଣାନ୍ତୁ ମେଥି



ଦିନକୁ ଦିନ ବଦଳୁଥିବା ଜୀବନଶୈଳୀ, ଖାଦ୍ୟ, ପ୍ରଦୂଷଣ, ଧୂଳି କେବଳ ସ୍ୱାସ୍ଥ୍ୟ ଏବଂ ଚର୍ମ ଉପରେ ପ୍ରଭାବ ପକାଇ ନଥାଏ, ବରଂ ଏଥିପାଇଁ କେଶ ସମସ୍ୟା ମଧ୍ୟ ବଢ଼ିବାରେ ଲାଗିଛି ଆଜିକାଲି କେଶ ଝଡ଼ିବା ହେଉ କି କେଶ ଧଳା ପଡିଯିବା ଭଳି ସମସ୍ୟା ଅନେକଙ୍କ ସହ ଘଟୁଛି ବିଶେଷ କରି ଖରାଦିନରେ ରୁପି ସମସ୍ୟା ମଧ୍ୟ ବଢ଼ିଯାଇଥାଏ । ଏହି କେଶ ସମସ୍ୟାରୁ ମୁକ୍ତି ପାଇବା ପାଇଁ ଲୋକମାନେ ଅନେକ ପ୍ରକାରର ସାମ୍ପୁ ବ୍ୟବହାର କରନ୍ତି, କିନ୍ତୁ କେମିକାଲ ଯୋଗୁଁ ଏହା ଲାଭ ଦେବା ବଦଳରେ କେଶର କ୍ଷତି କରିଥାଏ ଯଦି ଆପଣ କେଶ ଝଡ଼ିବା ସମସ୍ୟାକୁ ନେଇ ଚିନ୍ତାରେ ପଡିଯାଇଛନ୍ତି। ତେବେ ଆଜି ଆମେ ଆପଣଙ୍କୁ ଏକ ସ୍ୱତନ୍ତ୍ର ଘରୋଇ ଉପଚାର କହିବାକୁ ଯାଉଛୁ ଏଥିପାଇଁ ଆପଣଙ୍କୁ କେଶରେ ମେଥି ପାଣି ଲଗାଇବାକୁ ପଡିବ । ଏହାଦ୍ୱାରା ଆପଣଙ୍କ କେଶ ଝଡ଼ିବା କମିଯିବା ସହ ପତଳା କେଶ ମୋଟା ହୋଇଯାଇଥାଏ। କାରଣ ମେଥିରେ ଥିବା ଲୌହର ପରିମାଣ ରକ୍ତ ସଞ୍ଚାଳନକୁ ଠିକ କରିବା ସହ କେଶକୁ ମଜଭୁତ କରିବା ସହ ରୁପିକୁ ମଧ୍ୟ ଦୂରେଇଦେଇଥାଏ କିଭଳି ଓ କେମିତି ବ୍ୟବହାର କରିବେ ?ଏଥିପାଇଁ ସର୍ବପ୍ରଥମେ ଏକ ବଡ଼ ପାତ୍ରରେ ଏକ ଗ୍ଲାସ୍ ପାଣି ନିଅନ୍ତୁ ଏହି ପାଣିରେ ମେଥି ରଖନ୍ତୁ ଏବଂ ରାତିସାରା ଭିଜିବା ପାଇଁ ଛାଡିଦିଅନ୍ତୁ ସକାଳେ ମେଥିକୁ ଅଲଗା କରି ଏହି ପାଣିକୁ ଅଲଗା ପାତ୍ରରେ ରଖନ୍ତୁ । ବର୍ତ୍ତମାନ ଏହି ପାଣିରେ କିଛି ବୁନ୍ଦା କେଶ ତେଲ ମିଶାଇ ଏହି ଜଳକୁ ଏକ ସ୍ପ୍ରେ ବୋତଲରେ ରଖନ୍ତୁ ଆପଣଙ୍କ କେଶରେ ମେଥି ପାଣି ସିଞ୍ଚନ କରିବା ପୂର୍ବରୁ ସାମ୍ପୁ ଲଗାନ୍ତୁ । ସାମ୍ପୁ ଲଗାଇବା ଦ୍ୱାରା କେଶ ମୂଳ ସଫା ହୋଇଯାଇଥାଏ । ଭଲ ଭାବରେ ମୁଣ୍ଡ ଧୋଇବା ପରେ ସେଥିରେ ମେଥି ମିଶା ପାଣି ସ୍ପ୍ରେ କରନ୍ତୁ । ଏହିପରି କେଶକୁ ଅତି କମରେ ୧ ଘଣ୍ଟା ଛାଡିଦିଅନ୍ତୁ । ଏହା ପରେ କେଶକୁ ପାଣିରେ ଧୋଇ ଦିଅନ୍ତୁ ।

## ହନୁମାନଙ୍କୁ ମାତା ସୀତାଙ୍କ ବରଦାନ

ମାତା ସୀତାଙ୍କୁ ଖୋଜିବା ପାଇଁ ଲଙ୍କାରେ ପହଞ୍ଚିବା ପରେ ହନୁମାନ ପ୍ରଥମେ ଲଙ୍କିନୀ ନାମ୍ନୀ ରାକ୍ଷସୀକୁ ଭେଟିଲେ । ହନୁମାନ ତା'କୁ ପରାଜିତ କରିଦେଲେ । ଏହାପରେ ସେ ମାତା ସୀତାଙ୍କୁ ଖୋଜିବାକୁ ଲାଗିଲେ । ହନୁମାନ ଏହି ସମୟରେ ରାବଣର କନିଷ୍ଠ ଭ୍ରାତା ବିଭୀଷଣଙ୍କୁ ଭେଟିଲେ । ସେ ମଧ୍ୟ ରାମ ଭକ୍ତ ଥିଲେ । ସେ ହନୁମାନଙ୍କୁ ମାତା ସୀତାଙ୍କ ଠିକଣା କହିଦେଲେ । ହନୁମାନ ଯାଇ ଅଶୋକ ବାଟିକାର ସେହି ବୃକ୍ଷରେ ବସିଗଲେ, ଯେଉଁ ବୃକ୍ଷ ମୂଳେ ମାତା ସୀତା ବସିଥିଲେ । ମାତା ସୀତା ଶୋକ କରୁଥିବା ହନୁମାନ ଦେଖିଲେ । ସେ ତଳକୁ ଆସିଲେ ଏବଂ ଶ୍ରୀରାମଙ୍କ ଆଙ୍ଗୁଠି ମାତା ସୀତାଙ୍କୁ ଦେଲେ । ପ୍ରଭୁଙ୍କ ଆଙ୍ଗୁଠି ଦେଖି ମାତା ଆଶ୍ଚର୍ଯ୍ୟ ହୁଅନ୍ତେ, ହନୁମାନ ତାଙ୍କୁ ନିଜର ପରିଚୟ ଦେଲେ । ହନୁମାନ କହିଲେ ଯେ ମାତା ଖୁବ୍‌ଶୀଘ୍ର ଶ୍ରୀରାମ ଆପଣଙ୍କୁ ନେବା ପାଇଁ ଆସିବେ । ହନୁମାନଙ୍କ ପ୍ରିୟ ବଚନ ଶୁଣି ମାତା ସୀତା ତାଙ୍କୁ ନିଜ ପୁତ୍ର ରୂପରେ ସ୍ୱୀକାର କଲେ ଏବଂ ତାଙ୍କୁ ଅମରତ୍ୱର ବରଦାନ ପ୍ରଦାନ କରିଥିଲେ । ପୂର୍ବରୁ ଦେବଗଣଙ୍କ ଠାରୁ ଅମର ବର ପାଇଥିବା ହନୁମାନ ଜଗଜ୍ଜନନୀଙ୍କ ଠାରୁ ପୁଣି ଥରେ ସେହି ବର ପାଇ ଧନ୍ୟ ହେଲେ ।



## ଅତିଥି ଦେବୋ ଭବ

ଭାରତୀୟ ସଂସ୍କୃତିରେ ଅଛି- ଗୃହସ୍ଥଙ୍କୁ ପ୍ରତିଦିନ ପା□ଟି ଯଜ୍ଞ କରିବାକୁ ପଡ଼ିବ। ସେଥିମଧ୍ୟରୁ ଗୋଟିଏ ହେଉଛି ନୃଯଜ୍ଞ ବା ଅତିଥିସେବା। ଘରକୁ କେହି ଅତିଥି ଆସିଲେ ତାଙ୍କୁ ଦେବତା ଜ୍ଞାନ କରି ସେବା-ସତ୍କାର କରିବା ହେଉଛି ଗୃହସ୍ଥର ଧର୍ମ। ଅତିଥିଙ୍କୁ କିପରି ସତ୍କାର କରାଯାଏ ତାହା ଭଗବାନ୍ ଶ୍ରୀକୃଷ୍ଣ ଓ ମହାତ୍ମା ବିଦୁରଙ୍କଠାରୁ ଶିଖିବା କଥା। ସୁଦାମା ଆସିଛନ୍ତି ବୋଲି ଶୁଣି ଶ୍ରୀକୃଷ୍ଣ ଖାଲିପାଦରେ ଦୌଡ଼ିଯାଇଥିଲେ ତାଙ୍କୁ ପାଛୋଟି ଆଣିବା ପାଇଁ। ସେହିପରି ଭଗବାନ୍ ଶ୍ରୀକୃଷ୍ଣଙ୍କୁ ଅତିଥିରୂପେ ପାଇ ବିଦୂର ନିଜର ସାମର୍ଥ୍ୟ ଅନୁଯାୟୀ ତାଙ୍କର କିପରି ଆଦର-ଆପ୍ୟାୟନା କରିଥିଲେ ତାହା ମହାଭାରତରେ ବର୍ଣ୍ଣିତ। ଅତିଥିଙ୍କୁ ଖାଇବାକୁ ନ ଦେଇ ଗୃହସ୍ଥ ନିଜେ ଖାଉ ନ ଥିଲେ। ଯଦି ଖାଇବା ସମୟରେ ଅତିଥି ପହଞ୍ଚିଯାନ୍ତି, ତେବେ ନିଜର ଭୋଜନ ଅତିଥିଙ୍କୁ ଦେଇ ଗୃହସ୍ଥ ଉପବାସରେ ରହିଯାଉଥିଲେ। ସେହି 'ଅତିଥି ଦେବୋ ଭବ'ର ମାନ୍ୟତା ଭାରତରେ କାହିଁ କେବେଠୁ ରହି ଆସିଛି, ଯାହା ଏବେ ଅବକ୍ଷୟିତ ହେବାକୁ ବସିଲାଣି। ଏବେ ତ ଘରକୁ ଅତିଥି ଆସନ୍ତୁ ବୋଲି ଲୋକେ ଚାହୁନାହାନ୍ତି ।ସେଥିପାଇଁ ଘର ଦୁଆରମୁହଁରେ ଗୋଟେ କୁକୁର ବାନ୍ଧି ବାହାରେ ମାରିଦେଉଛନ୍ତି 'କୁକୁର ପ୍ରତି ସାବଧାନ'ର ଫଳକ। ଭାଗବତରେ ଅଛି-

''ଯା' ପୁରୁ ଅତିଥି ବାହୁଡ଼େ । ସେ ପ୍ରାଣୀ ପ୍ରେତ ମୁଖେ ପଡ଼େ ।
ତା'ର ସଞ୍ଚିଲା ପୁଣ୍ୟ ଯେତେ । ଗମନ୍ତି ଅତିଥି ସଙ୍ଗତେ '' (ଅଷ୍ଟମ ସ୍କନ୍ଧ : ପଞ୍ଚଦଶ ଅଧ୍ୟାୟ)

ଅର୍ଥାତ ଘରକୁ ଆସିଥିବା ଅତିଥିଙ୍କୁ ନାରାୟଣ ସଦୃଶ ମନେକରି ତାଙ୍କୁ ଆଦର ଓ ସମ୍ମାନର ସହ ସ୍ୱାଗତ କରାଯିବା ଉଚିତ। ଅତିଥି ବିନା ସତ୍କାରରେ ଘରୁ ଫେରିଗଲେ ଗୃହସ୍ଥ ପ୍ରେତର କବଳିତ ହୁଅନ୍ତି। ଗୃହସ୍ଥର ଯେତେ ସଞ୍ଚିତ ପୁଣ୍ୟ ଥାଏ, ଅତିଥି ଗଲାବେଳେ ସେହି ପୁଣ୍ୟସବୁ ତାଙ୍କ ସାଙ୍ଗରେ ଚାଲିଯାଏ। ଏଣୁ ଅତିଥିସେବା ଆମ ହିନ୍ଦୁ ତଥା ଭାରତୀୟ ପରମ୍ପରାର ଅଙ୍ଗ ହୋଇଆସିଛି।

ଅତିଥି ଘରକୁ ଆସିବା ବେଳେ ତାଙ୍କ ପାଦ ଧୋଇଦେଇ ଆସନରେ ବସାଯାଉଥିଲା। ଜଳ, ତାମ୍ବୁଳ ଆଦି ଯାହା ଦରକାର ଦିଆଯାଉଥିଲା। ପଥଶ୍ରାନ୍ତ ହୋଇ ଆସିଥିଲେ, ତାଙ୍କର ପାଦ ମର୍ଦ୍ଦନ କରିବା ସହ ବ୍ୟଜନ କରାଯାଉଥିଲା। ଖାଇବାକୁ ଦେବା ବେଳେ ପଚାରି ଓ ନ ପଚାରି ଖାଇବାକୁ ଦିଆଯାଉଥିଲା। ଅନେକ ସମୟରେ ଲଜ୍ଜାବଶତଃ ଅତିଥି ଅଧିକ ଖାଇବାକୁ ଇଚ୍ଛା ଥିଲେ ମନା କରିପାରନ୍ତି। ସେଥିପାଇଁ ଅତିଥି ମନା କଲେ ବି ତାଙ୍କୁ ଆଉ ଖାଇବାକୁ ଦିଆଯାଉଥିଲା। କେତେବେଳେ ଆଉ ଖାଇବାକୁ ଦିଆଯିବ ନାହିଁ, ସେ ସମ୍ପର୍କରେ ଗୋଟିଏ ଭଲ ଶାସ୍ତ୍ରବଚନ ଅଛି-

''ହୁହୁ ଦେୟଂ ହାହା ଦେୟଂ ଦେୟଂ ମସ୍ତକଚାଳନେ ।
ବ୍ୟାଘ୍ରବ୍ ଲୁଣ୍ଠନେ ଦେୟଂ ନ ଦେୟଂ ପତ୍ରଲୁଣ୍ଠନେ।''

ଅର୍ଥାତ୍, ଆଉ ଖାଇବାକୁ ଦେବି କି ବୋଲି ପଚାରିଲେ ଅତିଥି ଯଦି ଉହୁଁ (ହୁହୁ) କହି ମନା କରନ୍ତି, ତେବେ ଖାଇବାକୁ ଦବ। ଯଦି ସେ ହାଁହାଁ ବା ଆଉ ଆଉ (ହାହା) କହି ମନା କରନ୍ତି, ତେବେ ଖାଇବାକୁ ଦେବ। କାରଣ ଏ ହୁଁହୁଁ ଓ ହାଁହାଁ ଭିତରେ ଅସ୍ପଷ୍ଟ ସମ୍ମତି ଅଛି। ଯଦି ସେ ମସ୍ତକଚାଳନା କରି ବା ମୁଣ୍ଡ ହଲେଇ ମନା କରନ୍ତି ତେବେ ତାଙ୍କୁ ଖାଇବାକୁ ଦେବ। ବ୍ୟାଘ୍ରବ୍ ଲୁଣ୍ଠନେ ଦେୟଂ- ମାନେ ବାଘ ଯେପରି ତା' ଶିକାର ଉପରେ ହାତ ପରି ବ୍ୟବହାର କରୁଥିବା ଆଗ ଦୁଇଗୋଡ଼ର ପଞ୍ଝାଗୁଡ଼ିକ ମେଲାଇ ଝାମ୍ପିପଡ଼େ, ଅତିଥି ଯଦି ସେମିତି ନିଜର ଦୁଇ ହାତକୁ ଖାଦ୍ୟଥାଳି ଉପରେ ଘୋଡ଼େଇ ଆଉ ଦେବାକୁ ମନା କରନ୍ତି, ତେବେ ବି ତାଙ୍କୁ ଆଉ ଦେବୟ ତା'ହେଲେ କେତେବେଳେ ଦବନି ? ନ ଦେୟଂ ପତ୍ରଲୁଣ୍ଠନେ- ମାନେ ଅତିଥି ଯଦି ପତ୍ରଟିକୁ ଓଲଟେଇ ଦିଅନ୍ତି ବା ଭାଙ୍ଗିଦିଅନ୍ତି ବା ଉଠେଇ ଦିଅନ୍ତି, ତେବେ ଆଉ ଦବନାହିଁ ।ଅତିଥିଙ୍କୁ ଆସନରେ ବସେଇ ଶ୍ରଦ୍ଧାର ସହ ତାଙ୍କ ପୂର୍ଣ୍ଣ ତୃପ୍ତି ପର୍ଯ୍ୟନ୍ତ ଖାଇବାକୁ ଦେବା ହେଉଛି ଆମର ପରମ୍ପରା। କିନ୍ତୁ ଦୁଃଖର ସହ କହିବାକୁ ପଡୁଛି ଯେ ଆଜିର 'ବଫେ' ଯୁଗରେ ଅତିଥିଙ୍କର କେଣସି ସମ୍ମାନ ନାହିଁୟ ତାଙ୍କୁ ଧାଡ଼ିରେ ଠିଆହୋଇ ମାଗି ଖାଇବାକୁ ପଡୁଛି। କିଛି ମର୍ଯ୍ୟାଦାବନ୍ତ ଲୋକ ବନ୍ଧୁତା ରକ୍ଷା କରି ଏପରି ଭୋଜିକୁ ଯାଉଛନ୍ତି ସିନା କିନ୍ତୁ ନ ଖାଇ ଫେରୁଛନ୍ତି। ସେ ଖାଇଲେ କି ନ ଖାଇଲେ ଗୃହକର୍ତ୍ତା ବି ଅନେକ ସମୟରେ ଜାଣିପାରନ୍ତି ନାହିଁ କି ପଚାରି ବୁଝନ୍ତି ନାହିଁ। ତେବେ ଅଜଣା-ଅଶୁଣା ଯେକେଣସି ଲୋକକୁ ଅତିଥି-ଜ୍ଞାନ କରି ଭୁଲ୍ କରିବା ଉଚିତ ନୁହେଁ। ଶାସ୍ତ୍ର କହେ- 'ଅଜ୍ଞାତକୁଳଶୀଳସ୍ୟ ବାସୋ ନ ଦେୟଃ କସ୍ୟଚିତ୍'। ଯାହାର କୁଳ କି ସ୍ୱଭାବ ଜଣାନାହିଁ, ତାକୁ ଘରକୁ ସ୍ୱାଗତ କଲେ ବା ଘରେ ଆଶ୍ରୟ ଦେଲେ ସେ କଳାକନା ବୁଲେଇ ଦେଇପାରନ୍ତି। ଆଜିକାଲି ସନ୍ନ୍ୟାସୀ-ଭେକଧାରୀ ରୋହିଙ୍ଗ୍ୟା ମୁସଲମାନ ବି ବୁଲୁଛନ୍ତି। ସେମାନଙ୍କଠାରୁ ସାବଧାନ ରହିବା ଉଚିତ। ଏହିପରି ଅତିଥିଙ୍କୁ ଆସନରେ ବସେଇ ଶ୍ରଦ୍ଧାର ସହ ତାଙ୍କ ପୂର୍ଣ୍ଣ ତୃପ୍ତି ପର୍ଯ୍ୟନ୍ତ ଖାଇବାକୁ ଦେବା ହେଉଛି ଆମର ପରମ୍ପରା। କିନ୍ତୁ ଦୁଃଖର ସହ କହିବାକୁ ପଡୁଛି ଯେ ଆଜିର 'ବଫେ' ଯୁଗରେ ଅତିଥିଙ୍କର କେଣସି ସମ୍ମାନ ନାହିଁ। ତାଙ୍କୁ ଧାଡ଼ିରେ ଠିଆହୋଇ ମାଗି ଖାଇବାକୁ ପଡୁଛି। କିଛି ମର୍ଯ୍ୟାଦାବନ୍ତ ଲୋକ ବନ୍ଧୁତା ରକ୍ଷା କରି ଏପରି ଭୋଜିକୁ ଯାଉଛନ୍ତି ସିନା କିନ୍ତୁ ନ ଖାଇ ଫେରୁଛନ୍ତି। ସେ ଖାଇଲେ କି ନ ଖାଇଲେ ଗୃହକର୍ତ୍ତା ବି ଅନେକ ସମୟରେ ଜାଣିପାରନ୍ତି ନାହିଁ କି ପଚାରି ବୁଝନ୍ତି ନାହିଁ। ତେବେ ଅଜଣା-ଅଶୁଣା ଯେକେଣସି ଲୋକକୁ ଅତିଥି-ଜ୍ଞାନ କରି ଭୁଲ୍ କରିବା ଉଚିତ ନୁହେଁୟ ଶାସ୍ତ୍ର କହେ- 'ଅଜ୍ଞାତକୁଳଶୀଳସ୍ୟ ବାସୋ ନ ଦେୟଃ କସ୍ୟଚିତ୍'। ଯାହାର କୁଳ କି ସ୍ୱଭାବ ଜଣାନାହିଁ, ତାକୁ ଘରକୁ ସ୍ୱାଗତ କଲେ ବା ଘରେ ଆଶ୍ରୟ ଦେଲେ ସେ କଳାକନା ବୁଲେଇ ଦେଇପାରନ୍ତି।

## ମା' ଲକ୍ଷ୍ମୀଙ୍କ କୃପାଦୃଷ୍ଟି ପଡ଼ିବା ପୂର୍ବରୁ ମିଳେ ଏହିସବୁ ଶୁଭ ସଙ୍କେତ

ଆମ ବାସ୍ତୁ ଶାସ୍ତ୍ରରେ ଶୁଭ ଓ ଅଶୁଭ ସଙ୍କେତ ସମ୍ପର୍କରେ ବିସ୍ତାର ଭାବେ କୁହାଯାଇଛି। ଜୀବନରେ ଘଟିବାକୁ ଥିବା ବିଭିନ୍ନ ଘଟଣା ପୂର୍ବରୁ ଏ ନେଇ କିଛି ସଙ୍କେତ ସଂପୃକ୍ତ ବ୍ୟକ୍ତିଙ୍କୁ ମିଳିଥାଏ। ଏହି ଅନୁସାରେ,



ଧନର ଦେବୀ ମା' ଲକ୍ଷ୍ମୀ ଆପଣଙ୍କ ପ୍ରତି କୃପା କରିବା ପୂର୍ବରୁ କିଛି ସଙ୍କେତ ବି ଦେଇଥା'ନ୍ତି। ଆଜି ଆମେ ଆପଣଙ୍କୁ ଏଭଳି କିଛି ଶୁଭ ସଙ୍କେତ ସମ୍ପର୍କରେ ଜଣାଇବୁ, ଯାହା ଆପଣ ଦେଖିଲେ ଖୁବ୍ ଶୀଘ୍ର ମା' ଲକ୍ଷ୍ମୀଙ୍କ କୃପାଦୃଷ୍ଟି ନିଶ୍ଚୟ ପଡ଼ିବ ବୋଲି ଜାଣିବେ। ଘରେ ସାଧାରଣତଃ ନାଲି ରଙ୍ଗର ପିମ୍ପୁଡି ଦେଖିବାକୁ ପାଇଥାନ୍ତି। ଯଦି ଘରେ ହଠାତ୍ କଳା ପିମ୍ପୁଡି ଦେଖାଗଲେ। ଶୁଭ ମନାଯାଇଥାଏ। ମା' ଲକ୍ଷ୍ମୀଙ୍କ କୃପାଦୃଷ୍ଟି ପଡ଼ିବା ପୂର୍ବର ଏହି ସଂକେତ ଦେଖାଯାଇଥାଏ ।ଆମେ ସମସ୍ତେ ଶୋଇଲା ବେଳେ ସ୍ୱପ୍ନ ଦେଖିଥାନ୍ତି। ଯଦି ସ୍ୱପ୍ନରେ ଆମେ ଶଙ୍ଖ, ଗୋଲାପ ଫୁଲ ଓ ହାତୀକୁ ସ୍ୱପ୍ନରେ ଦେଖିଥାନ୍ତି, ତାହାହେଲେ ତେବେ ବୁଝିଯାଆନ୍ତୁ ଯେ ଆର୍ଥିକ ସମସ୍ୟା ଦୂର ହେବାର ସ୍ପଷ୍ଟ ସଙ୍କେତ ଦେଇଥାଏ।

ଯଦି ଘରେ ଏକା ସାଙ୍ଗରେ ତିନୋଟି ଛିଟିପିଟି ଦେଖାଯାଏ, ତାହା ହେଲେ ଆପଣଙ୍କ ଘରକୁ ମା' ଲକ୍ଷ୍ମୀଙ୍କ ଆଗମନର ସଙ୍କେତ ଦେଇଥାଏ। ପେଚା ହେଉଛି ମା' ଲକ୍ଷ୍ମୀଙ୍କ ବାହନ। ଏହା ଏତେ ସହଜରେ କାହାରିକୁ ଦେଖାଯାଏ ନାହିଁ। ପେଚାମାନେ ସାଧାରଣତଃ ରାତିର ଅନ୍ଧାରରେ ବାହାରି ଥା'ନ୍ତି। ତେଣୁ ଯଦି ସୌଭାଗ୍ୟବଶତଃ ଆପଣଙ୍କୁ କେଉଁଠି ଧଳା ପେଚା ଦୃଶ୍ୟମାନ ହେଉଛି, ତେବେ ମା' ଲକ୍ଷ୍ମୀ ଆପଣଙ୍କ ଉପରେ

# ଓଡିଶା ଉଦ୍ୟୋଗୀ ପରିବାର ବୈଠକ



**ଭୁବନେଶ୍ୱର, ୨୭।୭ (ମହାଭାରତ):** ସ୍ଥାନୀୟ ରସୁଲଗଡସ୍ଥିତ ଏସପ୍ଲାନେଡ଼ଠାରେ ଓଡିଶା ଉଦ୍ୟୋଗୀ ପରିବାରର ମାସିକ ବୈଠକ ଅଧକ୍ଷ ତଥା ବିଶିଷ୍ଟ ଉଦ୍ୟୋଗୀ ଶିବ ନାରାୟଣ ମିଶ୍ରଙ୍କ ସଭାପତିତ୍ୱ ଓ ଶ୍ରୀକାନ୍ତ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଓଡିଶା ସଂଗୀତ ଜଗତର ଉଜ୍ଜ୍ୱଳ ପ୍ରତିଭା ତଥା ବିଶିଷ୍ଟ ସଂଗୀତଜ୍ଞ ସୁବାସ ଦାସ, ସମ୍ମାନିତ ଅତିଥି ଭାବେ ସଫଳ ଉଦ୍ୟୋଗୀ ସୁଧାଂଶୁ ଦାସ ଉପସ୍ଥିତ ରହିବା ସହ ଉଦ୍ୟୋଗୀଙ୍କ ବିଭିନ୍ନ ସମସ୍ୟା, ସୁରକ୍ଷା ତଥା କିପରି ଜଣେ ସଫଳ ଉଦ୍ୟୋଗୀ ଭାବେ ନିଜକୁ ପ୍ରତିଷ୍ଠିତ କରିବା ସହିତ ଆଧୁନିକ ଜ୍ଞାନ କୌଶଳକୁ ଅବଲମ୍ବନ କରି ନିଜର ଉତ୍ପାଦିତ ସାମଗ୍ରୀକୁ ବିତରଣ, ବିଜ୍ଞାପିତ କରିବା ପ୍ରମୁଖ ଉପରେ ଆଲୋକପାତ କରିଥିଲେ।ମୁଖ୍ୟ ଅତିଥି ଶ୍ରୀଯୁକ୍ତ ଦାସ ଦୃଢନିଷ୍ଠା, ସଂକଳ୍ପ ଦ୍ୱାରା ଜଣେ ସଫଳ ବ୍ୟକ୍ତି ଓ ଉଦ୍ୟୋଗୀ ହୋଇ ପାରିବେ। ଏହି ଅବସରରେ ଓଡିଶାର ବିଭିନ୍ନ ଜିଲ୍ଲାରୁ ବହୁ ଯୁବ, ମହିଳା ଉଦ୍ୟୋଗୀ ଯୋଗପ୍ରଦାନ କରି ନିଜନିଜ ମତ ରଖିଥିଲେ। ଘରେ ଘରେ ଉଦ୍ୟୋଗୀ ସୃଷ୍ଟି କରିବା ଲକ୍ଷ୍ୟ ହେବା ସହିତ ସମସ୍ତେ ଗୋଟିଏ ପରିବାରର ସଦସ୍ୟ /ସଦସ୍ୟା ଭାବେ ମନେ କରିବା ଆବଶ୍ୟକ ବୋଲି ସଭାପତି ଶ୍ରୀଯୁକ୍ତ ମିଶ୍ର କହିଥିଲେ। ଏହି ଅବସରରେ ପ୍ରାଉଡ଼ ପରଚେଜର ଭାବେ ନୀଳୟ କାନ୍ତ ନାୟକ, ଉଦ୍ୟୋଗୀ ସୀତାଂଶୁ ଶେଖର ମହାରଣାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

# ସିଆରପିଏଫର ପ୍ରତିଷ୍ଠା ଦିବସରେ ବୀର ଯବାନଙ୍କୁ ନମନ କଲେ ଧର୍ମେନ୍ଦ୍ର ପ୍ରଧାନ

**ଭୁବନେଶ୍ୱର, ୨୭।୭ (ମହାଭାରତ)**ସିଆରପିଏଫର ପ୍ରତିଷ୍ଠା ଦିବସରେ ବୀର ଯବାନଙ୍କୁ ନମନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏନେଇ ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ସିଆରପିଏଫର ସ୍ଥାପନା ଦିବସର ଅବସରରେ ଏହି ବୀର ଓ ନିଷ୍ଠାବାନ ବଳର ସମସ୍ତ କର୍ମଚାରୀଙ୍କୁ କୋଟି-କୋଟି ନମନ, ଯେଉଁମାନେ ଜାତିର ସୁରକ୍ଷାକୁ ନିଜର ଧର୍ମ ଓ କର୍ତ୍ତବ୍ୟ ଭାବେ ଗ୍ରହଣ କରି, ପ୍ରତ୍ୟେକ ଚ୍ୟାଲେଞ୍ଜରେ ଅଦ୍ୱିତୀୟ ସାହସ ଓ ପରାକ୍ରମ ଦେଖାଇଛନ୍ତି।ସିଆରପିଏଫ୍ କେବଳ ଏକ ସୁରକ୍ଷା ବଳ ନୁହେଁ, ବରଂ ଏହା ଦେଶର ଏକତା ଓ ଅଖଣ୍ଡତାର ପ୍ରତୀକ ପାଲଟିଛି। ଏହି ବଳ ଦେଶର ଆନ୍ତରିକ ସୁରକ୍ଷାକୁ ସୁନିଶ୍ଚିତ କରିବା ସହିତ, ନିଜ ସାହସ ଓ ସମର୍ପଣ ଦ୍ୱାରା ପ୍ରତ୍ୟେକ ଭାରତବାସୀଙ୍କ ମନରେ ଏକ ଅତୁଟ ବିଶ୍ୱାସର ଭାବନା ସୃଷ୍ଟି କରିଛି। ସିଆରପିଏଫଙ୍କ ଶୌର୍ଯ୍ୟ ଓ ପରାକ୍ରମ ଉପରେ ପ୍ରତ୍ୟେକ ଭାରତବାସୀ ଗର୍ବ ଅନୁଭବ କରୁଛନ୍ତି।

ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବଦୁଲ କାଲାମଙ୍କ ସ୍ମୃତିଚାରଣ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏନେଇ ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ପୂର୍ବତନ ରାଷ୍ଟ୍ରପତି, 'ମିସାଇଲ୍ ମ୍ୟାନ୍' ଭାବେ ପରିଚିତ ମହାନ୍ ବୈଜ୍ଞାନିକ, 'ଭାରତ ରତ୍ନ' ଡ଼ଃ ଏପିଜେ ଅବ୍ଦୁଲ୍ କଲାମଙ୍କ ପୁଣ୍ୟତିଥିରେ ତାଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି। ଡ଼ଃ କଲାମଙ୍କ ସମଗ୍ର ଜୀବନ ଦେଶପ୍ରେମ, ନମ୍ରତା ଓ ବୈଜ୍ଞାନିକ ଚିନ୍ତାଧାରାର ଏକ ଆଦର୍ଶ ଉଦାହରଣ ଥିଲା। ସେ ତାଙ୍କର ଅକଥନୀୟ ପରିଶ୍ରମ ଦ୍ୱାରା ଭାରତକୁ ରକ୍ଷା, ଅନ୍ତରିକ୍ଷ ଓ ଶିକ୍ଷା କ୍ଷେତ୍ରରେ ଏକ ନୂଆ ଦିଗନ୍ତ ଦେଇଥିଲେ। ଯୁବପିଢିଙ୍କ ସ୍ୱପ୍ନକୁ ଶକ୍ତି ଦେଇଥିବା 'ପିପଲ୍ସ ପ୍ରେସିଡେଣ୍ଟ' କଲାମ ଜୀ ତାଙ୍କର ବିଚାର, କାର୍ଯ୍ୟ ଓ ଆଚରଣ ଦ୍ୱାରା ଏହା ସିଦ୍ଧ କରିଥିଲେ ଯେ ସାଧାରଣ ପୃଷ୍ଠଭୂମି ଥିଲେ ମଧ୍ୟ ଅସାଧାରଣ ଶିଖରକୁ ପ୍ରାପ୍ତ କରିହେବ । ତାଙ୍କର ସରଳତା, ସଚ୍ଚୋଟତା ଓ ଦେଶପ୍ରେମ ଆଗାମୀ ପିଢିମାନଙ୍କୁ ସର୍ବଦା ପ୍ରେରଣା ଦେଉଥିବ ।



ବନବାସୀ ଆଶ୍ରମରେ ବୃକ୍ଷରୋପଣ କରୁଛନ୍ତି ମୁଖ୍ୟମନ୍ତ୍ରୀ।

# ବର୍ତ୍ତମାନ ସୁଦ୍ଧା ୨୦ ଲକ୍ଷ ୫୨ ହଜାର ପରିବାର ପାଖରେ ପହଂଚିପାରିନି ନଳଯୋଗେ ଜଳ

**ଭୁବନେଶ୍ୱର, ୨୭।୭ (ମହାଭାରତ)** ଟ୍ୟାପ ୱାଟର କନେକ୍ସନରେ ଓଡ଼ିଶାର ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ ରହିଛି । ୩୪ ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ମଧ୍ୟରେ ୨୮ ନମ୍ବର ସ୍ଥାନରେ ରହିଛି ଓଡ଼ିଶା । ୮୮ ଲକ୍ଷ ୬୭ ହଜାର ଗ୍ରାମାଞ୍ଚଳ ପରିବାର ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୨୦ ଲକ୍ଷ ୫୨ ହଜାର ପରିବାର ପାଖରେ ପହଁଚି ପାରିନି ଟ୍ୟାପ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ । ତଥ୍ୟ ଅନୁଯାୟୀ ୨୦୧୯-୨୦ ରେ ୪ ଲକ୍ଷ ୩୭ ହଜାର ଘରକୁ ଟ୍ୟାପ ୱାଟର କନେକେସନ ହୋଇଥିବା ବେଳେ ୨୦୨୦-୨୧ ରେ ୧୫ ଲକ୍ଷ ୪୭ ହଜାର, ୨୦୨୧-୨୨ ରେ ୧୭ ଲକ୍ଷ ୪୭ ହଜାର,୨୦୨୨-୨୩ ରେ ୧୨ ଲକ୍ଷ ୨୨ ହଜାର, ୨୦୨୩-୨୪ରେ ୧୨ ଲକ୍ଷ ୬ ହଜାର, ୨୦୨୪-୨୫ ରେ ଲକ୍ଷ ୨୫ ହଜାର, ୨୦୨୫-୨୬ ରେ ବର୍ତ୍ତମାନ ସୁଦ୍ଧା ୧୯ ହଜାର ଗ୍ରାମାଞ୍ଚଳର ପରିବାର କୁ ଟ୍ୟାପ ୱାଟର ସଂଯୋଗ ହୋଇଛି ।ଲୋକସଭାରୁ ଓଡ଼ିଶାକୁ ନେଇ ଆସିଛି ଏଭଳି ସାଙ୍ଘାତିକ ତଥ୍ୟ । ପ୍ରତି ଘରକୁ ଟ୍ୟାପ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ କେନ୍ଦ୍ର ସରକାର ୨୦୧୯ ରୁ ଆରମ୍ଭ କରିଛନ୍ତି ହର ଘର ଜଳ ଯୋଜନା । ହର ଘର ଜଳ ଯୋଜନାରେ ଗୁଜରାଟ, ହରିଆଣା, ଗୋଆ ଭଳି ୧୧ ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ କରିଛନ୍ତି ଶତ ପ୍ରତିଶତ ଲକ୍ଷ୍ୟ ହାସଲ ।ତେବେ ଓଡ଼ିଶା ଏହି ତାଲିକାରେ ୨୮ ନମ୍ବରରେ ଥିବା ବେଳେ ଏହା ତଳକୁ ରହିଛନ୍ତି ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ଭଳି ରାଜ୍ୟ ।

# ରାଜଧାନୀରେ ମହିଳା ସୁରକ୍ଷା ଯୋଜନା ବାଟବଣା

**ଭୁବନେଶ୍ୱର, ୨୭।୭ (ମହାଭାରତ):** ବାବୁଙ୍କ ବଦଳି ପରେ ବାଟବଣା ହୋଇଯାଇଛି ଯୋଜନା, କାର୍ଯ୍ୟକାରୀ ହେଉନି ସରକାରୀ ନିଷ୍ପତ୍ତି । ନିକଟରେ ରାଜ୍ୟ ସରକାରଙ୍କ ୪୯ ଅଧିକାରୀଙ୍କ ବଦଳି ନିର୍ଦ୍ଦେଶନାମା ପରେ ଯୋଜନାର କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ଉଠିଛି । ଏପରିକି ସାଧାରଣ ମହଲରେ ଚର୍ଚ୍ଚା ମଧ୍ୟ ହେଉଛି। ଯେମିତିକି ମହିଳା ସୁରକ୍ଷା ପାଇଁ ୨୦୨୪ ଏପ୍ରିଲରେ ହାଇ ଏଫିସିଏନ୍ସି ରେସପନ୍ସ ବା 'ହର୍' ଟିମ୍ ଗଠନ କରାଯାଇଥିଲା। ମାତ୍ର ଉଦ୍ବେଗର ବିଷୟ ଏବେ ସେହି ଟିମ୍ କୋମାରେ ଥିବା ବାରି ହୋଇପଡୁଛି ।

ରାଜଧାନୀରେ କୌଣସି ସ୍ଥାନରେ କେହି ମହିଳାଙ୍କୁ କମେଣ୍ଟ ବା ଅଶ୍ଳୀଳ ଇଂଗିତ କଲେ କି ଗାଳି କଲେ, ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା କୌଣସି ପରିସ୍ଥିତିରେ ବି ମହିଳାଙ୍କ ପ୍ରତି ହେଉଥିବା ଦୁର୍ବ୍ୟବହାର ବରଦାସ୍ତ କରାଯିବ ନାହିଁ। ଏଥିପାଇଁ ଗଠନ ହୋଇଥିଲା 'ହର୍ ଟିମ୍'। ହେଲେ ଏବେ ରାଜଧାନୀର ରାସ୍ତାଘାଟରେ ମହିଳାଙ୍କ ସୁରକ୍ଷା ବିପଜ୍ଜନକ ସ୍ଥିତିରେ ପହଞ୍ଚିଥିଲେ ହେଁ ହର୍ ଟିମକୁ ଦେଖିବାକୁ ମିଳୁନାହିଁ। ବର୍ତ୍ତମାନ ଏହି ଟିମ୍ ଏକପ୍ରକାର ନିଷ୍କ୍ରିୟ ହୋଇଯାଇଛି। ଆଗ ଭଳି ଆଉ ହର୍ ଟିମରେ ଧରପଗଡ଼ ନାହିଁ । ଆରମ୍ଭରୁ ରାଜଧାନୀରେ ରୋଡ୍ ରୋମିଓଙ୍କୁ ସାବାଡ଼ କରି ହଇଚଇ ସୃଷ୍ଟି କରିଥିବା 'ହର୍ ଟିମ୍' ଏବେ ଯେମିତି ଗାୟବ୍ ହୋଇଯାଇଛି। ଗତ ମଙ୍ଗଳବାର ସନ୍ଧ୍ୟାରେ ଜଣେ ଲୁଟେରା ଏଜି ଛକ ନିକଟରେ ଜଣେ ଯୁବତୀଙ୍କୁ ଟଣାଓଟରା କରି ମୋବାଇଲ୍ ଛଡ଼ାଉଥିଲେ। ରାଜଧାନୀର ଏଜି ଛକ, ଯାହାକି ହାଇସିକ୍ୟୁରିଟି ଜୋନ୍ ଭାବେ ଜଣାଶୁଣା । କୌଣସି ଉପାନ୍ତ କି ଅପହଞ୍ଚ ଅଞ୍ଚଳ ନ ଥିଲା। ରାଜଧାନୀର ଏହି ହାଇସିକ୍ୟୁରିଟି ଜୋନ୍, ଯେଉଁଠି ଲୋକସେବାଭବନକୁ ପାହୁଣ୍ଡେ ବାଟ, ପୁଣି ଯେଉଁଠି ମୁଖ୍ୟମନ୍ତ୍ରୀଙ୍କ ଆବାସଠାରୁ ଆରମ୍ଭ କରି ଅନେକ ମନ୍ତ୍ରୀଙ୍କ ଘର ରହିଛି, ସେଇଠି ଘଟିଥିଲା ଅଘଟଣ ଯ କଡ଼ା ସୁରକ୍ଷା କଥା କୁହାଯାଉଥିବା ଭିଭିଆଇପି ଅଞ୍ଚଳରେ ଜଣେ ଯୁବତୀଙ୍କୁ ଲୁଟେରା ଟଣାଓଟରା କଲା ଏବଂ ମୋବାଇଲ୍ ଛଡ଼ାଇ ଫେରାର ହୋଇଯାଉଥିଲା । ସୌଭାଗ୍ୟକୁ ଲୋକେ ଲୁଟେରାକୁ କାବୁ କଲେ। ହେଲେ ଏଠି କୌଣସି ମହିଳା ପୁଲିସ କି ହର୍ ଟିମ୍ ସଦସ୍ୟଙ୍କୁ ଦେଖିବାକୁ ମିଳିନଥିଲା। ଯଦି ଏଭଳି ସମ୍ବେଦନଶୀଳ ଜାଗାରେ ହର୍ ଟିମ୍ ନିଷ୍କ୍ରିୟ, ତେବେ ଟିମ୍ କରୁଛି କଣ, କେଉଁ କାମରେ ଲାଗୁଛି, ଟିମ୍ ଅଛି କି ଭାଙ୍ଗିଯାଇଛି, ଏମିତି ମାଳମାଳ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ମହିଳା ଓ ଯୁବତୀମାନେ କର୍ମକ୍ଷେତ୍ରରୁ ବା ଶିକ୍ଷାନୁଷ୍ଠାନରୁ ଫେରିବା ସମୟରେ ଅସାମାଜିକ ବ୍ୟକ୍ତି ମାନେ ରାସ୍ତାରେ ସେମାନଙ୍କୁ କମେଣ୍ଟ କରିବା, ଅଶ୍ଳୀଳ ଇଂଗିତ କରିବା ଭଳି ଘଟଣା ରାଜଧାନୀରେ ଏକ ସାଧାରଣ ଘଟଣା ଥିଲା। ସମିତି ମନ୍ଦିର ବା ପୂଜାପର୍ବ ସମୟରେ ଗହଳିର ସୁଯୋଗ ନେଇ ଦୁର୍ବୃତ୍ତମାନେ ମହିଳାଙ୍କୁ ଦୁର୍ବ୍ୟବହାର କରିବା ମଧ୍ୟ ସାଧାରଣ ଘଟଣା ଥିଲା । ତେଣୁ ମହିଳାଙ୍କ ସୁରକ୍ଷା ନେଇ ବାରମ୍ବାର ଏଭଳି ଅଭିଯୋଗ ଆସିବା ପରେ ତତ୍କାଳୀନ କମିସନର ସଂଜୀବ ପଣ୍ଡା ଏହି ଯୋଜନା ଆରମ୍ଭ କରିଥିଲେ। ଟିମରେ ରେ ଜଣେ ଏସିପି ର୍ୟାଙ୍କର ଅଧିକାରୀ ଥିବା ବେଳେ ଜଣେ ଆଇଆଇସି, ୨ଜଣ ଏସ୍ଆଇଙ୍କୁ ମିଶାଇ ମୋଟ୍ ୧୪ଜଣିଆ। ମହିଳା ପୁଲିସ ଟିମ୍ ଗଠନ କରାଯାଇଥିଲା। ବିଶେଷକରି ବଜାର, ଗହଳି ଅଞ୍ଚଳ, ଶିକ୍ଷାନୁଷ୍ଠାନ, ବ୍ୟବସାୟିକ ପ୍ରତିଷ୍ଠାନ, ଧର୍ମାନୁଷ୍ଠାନ ଆଦି ଅଞ୍ଚଳ ଉପରେ ନଜର ରଖିବାକୁ ଏହି ଟିମକୁ ନିର୍ଦ୍ଦେଶ ଦିଆଯାଇଥିଲା ।କିନ୍ତୁ ଏବେ ଲାଗୁଛି, ଯେମିତି କମିସନର ବଦଳିବା ପରେ ଯୋଜନା ବଦଳିଯାଇଛି। ଅପରାଧ ବିଚଳିଛି କିନ୍ତୁ ଅପରାଧିଙ୍କ ମନରୁ ଯେମିତି ଭୟ କମି କମି ଯାଉଛି।

# ଜେଲ ଗଲେ ଅମରେଶ ଜେନା

**ଭୁବନେଶ୍ୱର, ୨୭।୭ (ମହାଭାରତ)**- ବିଜେଡି କର୍ପୋରେଟର ଅମରେଶ ଜେନାଙ୍କୁ ଗିରଫ କରିଛି କମିଶନରେଟ୍ ପୁଲିସ୍। ତାଙ୍କୁ ବାଲେଶ୍ୱରରୁ ଗିରଫ କରାଯାଇଥିବାର ସୂଚନା ରହିଛି। କ୍ୟାପିଟାଲ ହସ୍ପିଟାଲ ରେ ଡାକ୍ତରି ମାଇନା ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। କୋର୍ଟରେ ଜାମିନ ନାମଞ୍ଜୁର ପରେ ତାଙ୍କୁ ଜେଲ୍ ପଠାଇ ଦିଆଯାଇଛି। ଜେଲ୍ ଯିବା ପୂର୍ବରୁ ଅମରେଶ ଜେନା ଗଣମାଧ୍ୟମକୁ କହିଛନ୍ତି, ଅର୍ଚ୍ଚନା ନାଗ ମୋତେ ଫସାଇ ଦେଇଛନ୍ତି। ଗତକାଲି ତାଙ୍କୁ ଫେରାର ହେବାରେ ସହଯୋଗ କରିଥିବା ଅଭିଯୋଗରେ ଅମରେଶଙ୍କ ୫ ସହଯୋଗୀଙ୍କୁ ଲକ୍ଷ୍ମୀସାଗର ଥାନା ପୁଲିସ ଗିରଫ କରିଥିଲା।

ଅମରେଶ ଜେନାଙ୍କ ଗିରଫଦାରି ନେଇ ଭୁବନେଶ୍ୱର ଏସିପି ଜୋନ୍-୪ କହିଛନ୍ତି ଅଭିଯୋଗ ଅନୁସାରେ ଯଥେଷ୍ଟ ତଥ୍ୟ ପ୍ରମାଣ ମିଳିବା ପରେ ତାଙ୍କୁ ଗିରଫ କରାଯାଇଛି। ଦୁଷ୍କର୍ମ, ଗାଳିଗୁଲଜ, ଧମକଚମକ ଆଦି ପରି ଦଫା ଲାଗିଛି। ପୋକ୍ସୋ ଆକ୍ଟରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ ହୋଇଛି। ସେହିପରି ଅମରେଶଙ୍କୁ ଖସାଇବାରେ ସହଯୋଗ କରିଥିବାରୁ ୫ ଗିରଫ ହୋଇଛନ୍ତି।

ସୂଚନାନୁସାରେ, ଗତ ଗୁରୁବାର ଦିନ ଲକ୍ଷ୍ମୀସାଗର ଥାନାରେ ଜଣେ ଯୁବତୀ ଅମରେଶ ଜେନା ଓରଫ ବାୟାଁଙ୍କ ନାମରେ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ଓ ଭ୍ରୁଣହତ୍ୟା ପାଇଁ ବାଧ୍ୟ କରିଥିବା ନେଇ ଅଭିଯୋଗ କରିଥିଲେ। କିନ୍ତୁ ଗିରଫ ପୂର୍ବରୁ ଅଭିଯୁକ୍ତ ଅମରେଶ ଜେନା ଫେରାର ହୋଇଯାଇଥିଲେ। ପୁଲିସ ତାଙ୍କ ମୋବାଇଲ ଟ୍ରାକିଂ କରିବା ବେଳେ କିଛି ସହଯୋଗୀଙ୍କ ସହିତ କଥା ହୋଇଥିବା ପୁଲିସ ଜାଣିବାକୁ ପାଇଥିଲା। ସେମାନଙ୍କୁ ଥାନାକୁ ଆଣି ପୁଲିସ ପଚରାଉଚରା କରିଥିଲା। ସେମାନେ ତାଙ୍କୁ ଫେରାର ହେବାରେ ସହଯୋଗ କରିଥିବା ସ୍ୱୀକାର କରିଥିଲେ। ପରେ ସେମାନଙ୍କୁ ଗିରଫ କରି ପୁଲିସ କୋର୍ଟଚାଲାଣ କରିଥିଲା।

# ରକ୍ଷାବନ୍ଧନରେ ମିଳିବ ସୁଭଦ୍ରା ଯୋଜନାର ତୃତୀୟ କିସ୍ତି

**ଭୁବନେଶ୍ୱର, ୨୭।୭ (ମହାଭାରତ)** ରକ୍ଷାବନ୍ଧନ ଦିନ କୋରାପୁଟର ଜୟପୁର ଠାରେ ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ପ୍ରଦାନ କରାଯିବ। ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏହି ସୂଚନା ଦେଇଛନ୍ତି।

ଏକ୍ସରେ ଶ୍ରମତୀ ପରିଡା ଲେଖିଛନ୍ତି ଅଗଷ୍ଟ ୯ ପବିତ୍ର ରକ୍ଷାବନ୍ଧନ ଅବସରରେ ୧ କୋଟି ୨ ଲକ୍ଷ ୪୦ ହଜାର ସୁଭଦ୍ରା ଭଉଣୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କଠାରୁ ଉପହାର ପାଇବେ। କୋରାପୁଟ ଜିଲ୍ଲାର ଜୟପୁରରୁ ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ପ୍ରଦାନ କରାଯିବ। କୋରାପୁଟର କୋଟିଆ ଗସ୍ତ କରି ସମୀକ୍ଷା କରିବା ସହ କୋଟିଆର ଓଡ଼ିଆମାନେ ସୁଭଦ୍ରା କିସ୍ତି ମିଳିବା ସୁନିଶ୍ଚିତ କରାଯିବ। ଯେଉଁମାନେ କିଛି ପ୍ରତିବନ୍ଧକ ପାଇଁ ଏହି ଯୋଜନାରେ ସାମିଲ ହୋଇପାରିନାହାନ୍ତି ଆମେ ପର୍ଯ୍ୟାୟକ୍ରମେ ସେମାନଙ୍କ ପାଇଁ ବ୍ୟବସ୍ଥା କରିବୁ।

# ରାଜ୍ୟରେ ରାଷ୍ଟ୍ରପତି ଶାସନ ଲାଗୁ ହେଉ - ପ୍ରମିଳା ମଲ୍ଲିକ

ଭୁବନେଶ୍ୱର, ୨୭।୭(ମହାଭାରତ): - ରାଜ୍ୟରେ ମଣିପୁର ଠାରୁ ଆହୁରି ସାଙ୍ଘାତିକ ସ୍ଥିତି ହୋଇଛି। ବାଲେଶ୍ୱର କଲେଜ ଛାତ୍ରୀ ଜଣଙ୍କ ସମସ୍ତଙ୍କୁ ଜଣାଇଲା ପରେ ମଧ୍ୟ ଜୀବନ ବଂଚାଇ ପାରିଲେ ନାହିଁ। ରାଜ୍ୟରେ ରାଷ୍ଟ୍ରପତି ଶାସନ ଲାଗୁ ହେବା ଉଚିତ୍ ବୋଲି କହିଛନ୍ତି ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ।

ରାଜ୍ୟର ସବୁ ଜିଲ୍ଲାରେ ମହିଳାଙ୍କ ଉପରେ ଅତ୍ୟାଚାର ହେଉଛି। ସରକାରଙ୍କର କୌଣସି ଦାୟିତ୍ୱ ତୁଲାଇବା ପାଇଁ ଆଗ୍ରହ ନାହିଁ। କେବଳ ଦଳର ପ୍ରଚାରରେ ଲାଗିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

# ୨୦୨୬ ସୁଦ୍ଧା ରାଜ୍ୟରେ ପ୍ରତିଘରକୁ ନଳ ଯୋଗେ ଜଳ- ରବି ନାୟକ

ଭୁବନେଶ୍ୱର, ୨୭।୭(ମହାଭାରତ)- ୨୦୨୬ ସୁଦ୍ଧା ରାଜ୍ୟରେ ପ୍ରତିଘରକୁ ନଳ ଯୋଗେ ଜଳ ଯୋଗାଣ ପାଇଁ ଲକ୍ଷ୍ୟ ରଖିଛନ୍ତି ବିଜେପି ସରକାର । ଏନେଇ ପଂଚାୟତିରାଜ ମନ୍ତ୍ରୀ ରବି ନାଏକ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଜଳଯୋଗାଣରେ ଫେଲ୍ ମାରିଥିଲା ତତ୍କାଳୀନ ବିଜେଡି ସରକାର । ମା, ଭଉଣୀ ମାନଙ୍କୁ ଘଣ୍ଟା ଘଣ୍ଟା ଧରି ଗରା, ବାଲଟି ଧରି ରାସ୍ତା ଉପରେ ଛିଡା ହେବାକୁ ପଡୁଥିଲା । ଜଳଯୋଗାଣ ଦାୟିତ୍ୱ ଦକ୍ଷିଣୀ ଠିକାଦାରଙ୍କୁ ଦିଆଯାଉଥିବାରୁ ଏଭଳି ସ୍ଥିତି ଉପୁଜିଥିଲା । ମୋହନ ସରକାରଙ୍କ ଅମଳରେ ଜଳଯୋଗାଣ ସ୍ଥିତିରେ ସୁଧାର ଆସିଛି । ହର୍ ଘର୍ ଜଳ ଯୋଜନାରେ ପ୍ରତ୍ୟେକ ଘରର ଦୁଆରେ ପିଇବା ପାଣି ପହଞ୍ଚୁଛି । ବିଭିନ୍ନ ସ୍ଥାନରେ ମେଗା ପାନୀୟ ଜଳ ପ୍ରକଳ୍ପ ଜୋରରେ ଚାଲିଛି । ଜଣେ ବ୍ୟକ୍ତିଙ୍କ ଘର ହେଲେ ବି ସିଙ୍ଗଲ ପ୍ରୋଜେକ୍ଟର ପ୍ରାବଧାନ କରାଯାଉଛି । ୨୦୨୬ ସୁଦ୍ଧା ଲକ୍ଷ ପୂରଣ ପାଇଁ ଲକ୍ଷ୍ୟ ରଖିଛନ୍ତି ଓଡ଼ିଶାର ବିଜେପି ସରକାର ବୋଲି ସେ କହିଛନ୍ତି ।

# ବିରୋଧୀଙ୍କ କାମ ବିରୋଧ କରିବେ : କୃଷ୍ଣ ଚନ୍ଦ୍ର ମହାପାତ୍ର

ଭୁବନେଶ୍ୱର, ୨୭।୭(ମହାଭାରତ) ଓଡ଼ିଶାରେ ରାଷ୍ଟ୍ରପତି ଶାସନ ନେଇ ପ୍ରମିଳା ମଲ୍ଲିକ ଦେଇଥିବା ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖିଛନ୍ତି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର। ସେ କହିଛନ୍ତି ଆମ ମୁଖ୍ୟମନ୍ତ୍ରୀ ରାଜ୍ୟରେ ନାରୀଙ୍କ ଉପରେ ଯେକୌଣସି ଘଟଣା ଘଟୁଛି ସେ ନେଇ ତୁରନ୍ତ ପଦକ୍ଷେପ ନେଉଛନ୍ତି। ବିରୋଧୀଙ୍କ କାମ ବିରୋଧ କରିବେ। ପ୍ରମିଳା ମଲ୍ଲିକ ଭୁଲିଯାଉଛନ୍ତି ତାଙ୍କ ଶାସନ ସମୟରେ ବେବିନା, ଛବିନା ଭଳି ଘଟଣାରେ ତାଙ୍କ ସରକାର କଣ ପଦକ୍ଷେପ ନେଇଥିଲେ। ଆମକୁ କହିବା ଆଗରୁ ନିଜେ ଚିନ୍ତା କରନ୍ତୁ।

# କୃଷି-ପ୍ରଯୁକ୍ତି ବିଦ୍ୟା ଗ୍ରହଣକୁ ତ୍ୱରାନ୍ୱିତ କରାଯିବ

**ଭୁବନେଶ୍ୱର, ୨୭।୭(ମହାଭାରତ):** ଓଡିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ସହିତ ସହଭାଗୀତାରେ ସୋସିଆଲ ଆଲଫା ଭୁବନେଶ୍ୱରର ହୋଟେଲ ପ୍ରେସିଡେନ୍ସିରେ ଓଡ଼ିଶାରେ କୃଷି-ପ୍ରଯୁକ୍ତିକୁ ପ୍ରୋତ୍ସାହିତ କରିବା ଉପରେ ଏକ ରାଜ୍ୟସ୍ତରୀୟ ବହୁଭାଗୀ କର୍ମଶାଳା ଆୟୋଜିତ ହୋଇଯାଇଛି।




କର୍ମଶାଳାରେ ପ୍ରଦର୍ଶିତ ପ୍ରଯୁକ୍ତିବିଦ୍ୟା ସହିତ ଚାଷୀମାନେ ଉଦ୍ଭାବନକୁ ପ୍ରତ୍ୟକ୍ଷ ଭାବରେ ବ୍ୟବହାର କରିଥିଲେ। ଉତ୍ପାଦ ପ୍ରଦର୍ଶନ, ଦର୍ଶକଙ୍କ ସହିତ ଏକ ଖୋଲା ପ୍ରଶ୍ନୋତ୍ତର ଏବଂ ନୀତି ନିର୍ଦ୍ଧାରକ, ପ୍ରଯୁକ୍ତିବିଦ୍ୟା ବୈଧତା ସଂସ୍ଥା ଏବଂ ଷ୍ଟାର୍ଟଅପ୍ ଆଦି ଉଚ୍ଚସ୍ତରୀୟ ପ୍ୟାନେଲ୍ ଆଲୋଚନା କର୍ମଶାଳାରେ ଅନ୍ତର୍ଭୁକ୍ତ ଥିଲା।

ପୂର୍ବ ଜୋନ୍, ସୋସିଆଲ ଆଲଫାର ନିର୍ଦ୍ଦେଶକ ଅୟାନ୍ ଦେବ ଗୁରୁତ୍ୱାରୋପ କରିଥିଲେ ଯେ ଗତ ଚାରି ବର୍ଷ ମଧ୍ୟରେ, ସୋସିଆଲ ଆଲଫା ଏବଂ ଏହାର ଅଂଶୀଦାରମାନେ ସମଗ୍ର ଓଡ଼ିଶାରେ ୧୭ଟି କୃଷି-ପ୍ରଯୁକ୍ତିବିଦ୍ୟା ସମାଧାନ ପାଇଲଟ୍ ପ୍ରୋଜେକ୍ଟ କରିଛନ୍ତି, ତନ୍ମଧ୍ୟରୁ ପାଞ୍ଚଟି ସଫଳତାର ସହ ପାଇଲଟ୍ ପର୍ଯ୍ୟାୟ ସମାପ୍ତ କରିଛି ଏବଂ ଅଧିବେଶନ ସମୟରେ ଉପସ୍ଥାପନ ହୋଇଥିଲାୟ ଏହି ନୂତନ ଉଦ୍ଭାବନଗୁଡ଼ିକ ମଧ୍ୟରୁ ଅନେକ ୭,୦୦୦ ରୁ ଅଧିକ ଗ୍ରାମୀଣ ପରିବାର ପାଖରେ ପହଞ୍ଚି ପାରିଛି।

କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଅତିରିକ୍ତ ସଚିବ ଶୁଭ୍ରାଂଶୁ ମିଶ୍ର, ଅନ୍ତର୍ଭୁକ୍ତ ପ୍ରଯୁକ୍ତିବିଦ୍ୟା ପ୍ରତି ସରକାରଙ୍କ ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ଡକ୍ଟର ଉମାଶଙ୍କର ପାଲ (ସହକାରୀ ପ୍ରଫେସର, କୃଷି ଇଞ୍ଜିନିୟରିଂ ଏବଂ ପ୍ରଯୁକ୍ତିବିଦ୍ୟା କଲେଜ୍) ପ୍ରଭାବଶାଳୀ ନବସୃଜନ ପାଇଁ ଆବଶ୍ୟକ ମୌଳିକ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗର ଉପନିର୍ଦ୍ଦେଶକ ଶ୍ରୀ ସଂଗ୍ରାମ କେଶରୀ ପଟ୍ଟନାୟକ କହିଥିଲେ, ଗତ ବର୍ଷ, ଆମେ ଗେଟ୍ସ ଫାଉଣ୍ଡେସନ ଏବଂ ସୋସିଆଲ ଆଲଫା ଭଳି ପ୍ରଯୁକ୍ତିବିଦ୍ୟା ଅଂଶୀଦାରମାନଙ୍କ ସହିତ ଆଲୋଚନା ଆରମ୍ଭ କରିଛୁ ଏବଂ ସହଯୋଗମୂଳକ ପ୍ରୟାସ ପାଇଁ ଭିତ୍ତିଭୂମି ସ୍ଥାପନ କରିଛୁ। ଆମର ଲକ୍ଷ୍ୟ ହେଉଛି ଏକ ଦୃଢ଼ ଏବଂ ପ୍ରଭାବଶାଳୀ ଦଳ ଗଠନ କରିବା ଯାହା ସମଗ୍ର ଓଡ଼ିଶାରେ କୃଷି-ପ୍ରଯୁକ୍ତିବିଦ୍ୟା ସମାଧାନକୁ ବୃଦ୍ଧି କରିପାରିବ। ବୈଷୟିକ ଦୃଷ୍ଟିକୋଣରୁ, ରାଜ୍ୟ ସ୍ତରୀୟ ଫାର୍ମ ମେସିନାରୀ ତାଲିମ ଏବଂ ପରୀକ୍ଷଣ କେନ୍ଦ୍ରର ନିର୍ଦ୍ଦେଶକ ଦେବବ୍ରତ ଶତପଥୀ କୃଷି ମୂଲ୍ୟ ଶୃଙ୍ଖଳରେ ଇଞ୍ଜିନିୟରିଂ ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ।

କର୍ମଶାଳାରେ ପାଞ୍ଚଟି କୃଷି-ପ୍ରଯୁକ୍ତିବିଦ୍ୟା ଷ୍ଟାର୍ଟଅପ୍ ପ୍ରଦର୍ଶିତ ହୋଇଥିଲାୟ ଏହି ପ୍ରଯୁକ୍ତିବିଦ୍ୟାର ପାଇଲଟ୍ ପରୀକ୍ଷଣରେ ସଫଳତା ଲାଭ କରିଛି। କେନ୍ଦୁଝର, ମୟୂରଭଞ୍ଜ, ରାୟଗଡା ଏବଂ ଢେଙ୍କାନାଳରୁ ଚାଷୀଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା।

# ପାରମ୍ପରିକ ଲୋକ କଳାକୃତି ସମାଜକୁ ଏକ ନୂତନ ଦିଗ ଦେବାର ଶକ୍ତି ରଖିଛି : ମନମୋହନ ସାମଲ

ଭୁବନେଶ୍ୱର, ୨୭।୭(ମହାଭାରତ) ଭାରତ ବର୍ଷରେ କିଛି ଅସମ୍ଭବ ନୁହେଁ । ଭାରତ ବର୍ଷରେ ଯେଉଁ ଜ୍ଞାନ ଓ ଅନୁଭବର ଶକ୍ତି ରହିଛି, ତାର ଶତ ପ୍ରତିଶତ ବିନିଯୋଗ ହେବା ଉଚିତ। ଦିନ ପ୍ରତିଦିନର ଶାସନ ସଂପର୍କିତ ବିଷୟଗୁଡ଼ିକୁ ସାଧାରଣ ଲୋକଙ୍କ ଭିତରେ ଆଲୋଚନା କରିବା ଉଦ୍ଦେଶ୍ୟରେ ୨୦୧୪ ମସିହାରୁ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ମନ୍ କି ବାତ୍ ବାସ୍ତବରେ ପ୍ରେରଣାଦାୟୀ ଓ ଉତ୍ସାହିତ କାର୍ଯ୍ୟକ୍ରମ ବୋଲି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ।

ମୟୂରଭଞ୍ଜରେ୬୫୦ରୁ ଊର୍ଦ୍ଧ୍ୱ ଆଦିବାସୀ ମହିଳାମାନେ ସାନ୍ଥାଳୀ ଶାଢୀକୁ ପୁଣି ଥରେ ଜୀବନ୍ତ କରିଥିବାର ସଫଳ ଗାଥା ଦେଖିବାକୁ ମିଳିଛି। ଏବେ ଏହି ମହିଳାମାନେ ପ୍ରତି ମାସରେ ହଜାର ହଜାର ଟଙ୍କା ଆୟ କରୁଛନ୍ତି । ସେମାନେ କେବଳ ବସ୍ତ୍ର ବୁଣୁ ନାହାନ୍ତି, ବରଂ ନିଜ ଅସ୍ତିତ୍ୱ ଓ ପରିଚୟକୁ ନୂଆ ଆକାର ଦେଉଛନ୍ତି ବୋଲି ଶ୍ରୀ ମୋଦି ନିଜ ବାର୍ତ୍ତାରେ କହିଛନ୍ତି । ସେହିପରି କେନ୍ଦୁଝରରେ କୀର୍ତନ ମାଧ୍ୟମରେ ଜଙ୍ଗଲ ଅଗ୍ନିକାଣ୍ଡ ବିଷୟରେ ସଚେତନତା ଭଳି ଅଦ୍ଭୁତ ପଦକ୍ଷେପ ଦେଖାଯାଉଛି । ଭକ୍ତି ସଙ୍ଗୀତ ପରିବେଷଣ କରି ପ୍ରମିଳା ପ୍ରଧାନଙ୍କ ନେତୃତ୍ୱରେ ରାଧାକୃଷ୍ଣ ସଂକୀର୍ତ୍ତନ ମଣ୍ଡଳୀ ପରିବେଶ ସୁରକ୍ଷାର ବାର୍ତ୍ତା ପ୍ରଦାନ କରୁଛନ୍ତି । ଜଙ୍ଗଲ ଅଗ୍ନିକାଣ୍ଡର ଭୟାଭୟତା ସଂପର୍କରେ ଓ ଜଙ୍ଗଲ ପରିବେଶ ସୁରକ୍ଷା ପାଇଁ ଗାଁ ଗାଁ ବୁଲି ପାରଂପାରିକ ଗୀତଗୁଡିକୁ ନୂତନ ଶବ୍ଦ ଓ ବାର୍ତ୍ତା ସହିତ କୀର୍ତ୍ତନ ଜରିଆରେ ଲୋକଙ୍କୁ ବୁଝାଉଛନ୍ତି । ପାରପାଂରିକ ଲୋକ କଳାକୃତି କେବଳ ଅତୀତର ଅଂଶ ନୁହେଁ, ବରଂ ସମାଜକୁ ଏକ ନୂତନ ଦିଗ ଦେବାର ଶକ୍ତି ରଖିଛି । ଏଥି ସହ କ୍ରୀଡା, ମହାକାଶ ବିଜ୍ଞାନ, ଚାଷ ଆଦି କ୍ଷେତ୍ରରେ ରହିଥିବା ଭାରତ ବର୍ଷର ସମ୍ଭାବନାକୁ ମଧ୍ୟ ଦୋହରାଇଛନ୍ତି । ଏହା ନିଶ୍ଚିତ ଭାବେ 'ବିକଶିତ ଓଡିଶା, ବିକଶିତ ଭାରତ' ଗଠନ ଦିଗରେ ପାହାଚ ସଦୃଶ ବୋଲି ଶ୍ରୀ ସାମଲ କହିଛନ୍ତି ।

ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ରବିବାର ଏକାମ୍ର ଭୁବନେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପଳାଶପଲ୍ଲୀସ୍ଥିତ ୧୧୪ ନମ୍ବର ବୁଥରେ ସ୍ଥାନୀୟ କାର୍ଯ୍ୟକର୍ତ୍ତା ଏବଂ ବାସିନ୍ଦାଙ୍କ ଗହଣରେ ପ୍ରଧାନମନ୍ତ୍ରୀ ମନ୍ କି ବାତ୍ କାର୍ଯ୍ୟକ୍ରମ ଶୁଣିଥିଲେ । ସେହିପରି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଉତ୍ତର ଭୁବନେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମଂଚେଶ୍ୱର ଶିଳ୍ପାଂଚଳସ୍ଥିତ ୧୮୯ ନମ୍ବର ବୁଥରେ ସ୍ଥାନୀୟ କାର୍ଯ୍ୟକର୍ତ୍ତା ଏବଂ ବାସିନ୍ଦାଙ୍କ ଗହଣରେ ପ୍ରଧାନମନ୍ତ୍ରୀ ମନ୍ କି ବାତ୍ କାର୍ଯ୍ୟକ୍ରମ ଶୁଣିଥିଲେ । ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର ଉତ୍ତର ଭୁବନେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀର ଶୈଳଶ୍ରୀ ବିହାରସ୍ଥିତ ୬୭ ନମ୍ବର ବୁଥରେ ସ୍ଥାନୀୟ କାର୍ଯ୍ୟକର୍ତ୍ତା ଏବଂ ବାସିନ୍ଦାଙ୍କ ଗହଣରେ ପ୍ରଧାନମନ୍ତ୍ରୀ ମନ୍ କି ବାତ୍ କାର୍ଯ୍ୟକ୍ରମ ଶୁଣିଥିଲେ । ସେହିଭଳି ଅଜି ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରମୁଖ ନେତୃବୃନ୍ଦ ଏବଂ କାର୍ଯ୍ୟକର୍ତ୍ତାମାନେ ନିଜ ନିଜ ବୁଥରେ ଉପସ୍ଥିତ ରହି ପ୍ରଧାନମନ୍ତ୍ରୀ ମନ୍ କି ବାତ୍ କାର୍ଯ୍ୟକ୍ରମ ଶୁଣିଥିଲେ ।

# ମୁମ୍ବାଇ ନ୍ୟାୟ

୨୦୦୬ ମସିହା ଜୁଲାଇ ମାସ ୧୧ତାରିଖି ଦିନ ମୁମ୍ବାଇର ଲୋକାଲ ଟ୍ରେନରେ ସଂଘଟିତ ଲୋମହର୍ଷଣକାରୀ ବିସ୍ଫୋରଣ ଏବେ ବି ଅଭୁଲା ହୋଇରହିଛି। ସ୍ମରଣଯୋଗ୍ୟ ଯେ, ସନ୍ଧ୍ୟା ସମୟରେ, ଯେତେବେଳେ ଯାତ୍ରୀଙ୍କ ଭିଡ ଲାଗି ରହିଥିଲା, ଠିକ ସେହି ସମୟରେ ୭ଟି ଲୋକାଲ ଟ୍ରେନର ୭ଟି ପ୍ରଥମ ଶ୍ରେଣୀ ବଗିରେ ମାତ୍ର ୧୧ମିନିଟ୍ ମଧ୍ୟରେ ଶକ୍ତିଶାଳୀ ବିସ୍ଫୋରଣରେ ୨୦୯ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୮୦୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଗୁରୁତର ଭାବେ ଆହତ ହୋଇଥିଲେ। ଆହତଙ୍କ ମଧ୍ୟରୁ କେତେକ ଏବେ ବି ଅକର୍ମଣ୍ୟ ହୋଇ ମୃତ୍ୟୁ ଅପେକ୍ଷାରେ ଅଛନ୍ତି। ସେତେବେଳେ ଏହି ଭୟଙ୍କର ବିସ୍ଫୋରଣ କେବଳ ମୃତାହତ ଯାତ୍ରୀଙ୍କ ପରିବାରକୁ ନିକଟରେ ମୁମ୍ବାଇ ହାଇକୋର୍ଟଙ୍କ ରାୟ ବେଳେ ଆହୁରି କ୍ଷତାକ୍ତ କରିନାହିଁ, ଦେଶରେ ପୋଲିସର ତଦନ୍ତ ପ୍ରକ୍ରିୟା ଏବଂ ନ୍ୟାୟ ପାଇଁ ନ୍ୟାୟାଳୟ ପ୍ରତି ଜନସାଧାରଣଙ୍କ ଆସ୍ଥା, ବିଶ୍ୱାସ ଓ ଭରସା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି କୁହାଯାଇପାରିବ। ଉଲ୍ଲେଖଯୋଗ୍ୟ ଯେ, ମହାରାଷ୍ଟ୍ର ଆତଙ୍କ ବିରୋଧି ସ୍କ୍ୱାର୍ଡ(ଏଟିଏସ) ଅନୁସନ୍ଧାନ ଆଧାରରେ ତଳକୋର୍ଟ ୧୨ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ସେମାନଙ୍କ ମଧ୍ୟରୁ ୫ଜଣଙ୍କୁ ଫାଶୀଦଣ୍ଡାଦେଶ ଦେଇଥିଲେ। ପ୍ରାୟ ୧୦ବର୍ଷ ଧରି ମାମଲା ଶୁଣାଣୀ ସମୟରେ ୧୯୨ଜଣଙ୍କ ସାକ୍ଷୀଙ୍କ ସାକ୍ଷ୍ୟ ପ୍ରଦାନ ଠାରୁ ଆରମ୍ଭ କରି ଡାକ୍ତର, ଫୋରେନ୍ସିକ ବିଶେଷଜ୍ଞଙ୍କ ରିପୋର୍ଟ ଆଧାରରେ ମହାରାଷ୍ଟ୍ର ଏକକୋକା କୋର୍ଟ ୨୦୧୫ ସେପ୍ଟେମ୍ବର ୧୧ରେ ୧୨ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ସେମାନଙ୍କ ମଧ୍ୟରୁ ୫ଜଣଙ୍କୁ ଫାଶୀଦଣ୍ଡାଦେଶ ଦେଇଥିଲେ। ଯାହାକି ପୀଡିତାଙ୍କୁ ଆଶ୍ୱସ୍ତ କରିଥିଲା। ଭାରତୀୟ ବିଚାରପତି ଆଧାରରେ ଅଭିଯୁକ୍ତମାନେ ମୁମ୍ବାଇ ହାଇକୋର୍ଟରେ ତଳ କୋର୍ଟର ରାୟକୁ ଚ୍ୟାଲେଞ୍ଜ କରି ଅପିଲ କରିଥିଲେ। ମୁମ୍ବାଇ ହାଇକୋର୍ଟ ଅପିଲର ଶୁଣାଣୀ କରି ୬୧୭ ପୃଷ୍ଠା ସମ୍ବଳିତ ରାୟରେ ସମସ୍ତ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଦେଇଛନ୍ତି। ହାଇକୋର୍ଟ ତାଙ୍କ ରାୟରେ ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ହୋଇଥିବା ସମସ୍ତ ପ୍ରମାଣକୁ ମୂଲ୍ୟହୀନ ବୋଲି ଦର୍ଶାଇଛନ୍ତି। ବିସ୍ଫୋରଣରେ କି ପ୍ରକାରର ବୋମା ବ୍ୟବହୃତ ହୋଇଥିଲା, ପୋଲିସ କହିବାକୁ ଅକ୍ଷମ ଥିବା ହାଇକୋର୍ଟ ଦର୍ଶାଇଛନ୍ତି। ସେହିପରି ପୋଲିସ ସଂଗ୍ରହ କରିଥିବା ସମସ୍ତ ଟୁକୁରା ତ୍ରୁଟିପୂର୍ଣ୍ଣ ଏବଂ ଅସୁରକ୍ଷିତ ଥିଲା। ପୋଲିସର ନିର୍ଯ୍ୟାତନା ଯୋଗୁଁ ଅଭିଯୁକ୍ତମାନେ ଅପରାଧରେ ସମ୍ପୃକ୍ତ ଥିବା ସ୍ୱୀକାର କରିଥିଲେ। ଏହି ସ୍ୱୀକାରୋକ୍ତି ସତ୍ୟତାପୂର୍ଣ୍ଣ କିମ୍ବା ସମ୍ପୂର୍ଣ୍ଣ ନୁହେଁ ବୋଲି ଅଦାଲତ କହିଛନ୍ତି। ଏହା ବ୍ୟତୀତ ଅଭିଯୁକ୍ତମାନେ ବେଆଇନ ଘୋଷିତ ଆତଙ୍କବାଦୀ ସଂଗଠନର ସଦସ୍ୟ ଥିବା ନେଇ ଯେଉଁସବୁ ପୁସ୍ତକ ଓ ପ୍ରମାଣପତ୍ର ଉପସ୍ଥାପନ କରାଯାଇଥିଲା, ତାହା ସେମାନେ ନିଷିଦ୍ଧ ସଂଗଠନର ସଦସ୍ୟତାକୁ ପ୍ରମାଣିତ କରୁନାହିଁ କିନ୍ତୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ସମସ୍ତ ସାକ୍ଷୀ ମିଛୁଆ ବୋଲି ହାଇକୋର୍ଟ ଦର୍ଶାଇଛନ୍ତି। ଆହୁରି ମଧ୍ୟ ୪ବର୍ଷ ପରେ ଅଭିଯୁକ୍ତମାନଙ୍କୁ ସାକ୍ଷୀମାନେ ଚିହ୍ନଟ କରିବା ଅତି ଅସଂଗତ ଏବଂ ସାକ୍ଷୀମାନେ ପେଷାଦାର ବୋଲି ଖଣ୍ଡପୀଠ ଉଲ୍ଲେଖ କରିଛନ୍ତି। ଏହା ନିସନ୍ଦେହ ଯେ, ଅଦାଲତଙ୍କର ଏହି ସବୁ ଅନୁସନ୍ଧାନ ସିଦ୍ଧାନ୍ତ ଗୁଡିକ ଚିନ୍ତାଜନକ। ତେବେ ପ୍ରଥମ ଘଟଣା କିମ୍ବା ନୂଆ ନୁହେଁ। ତେବେ ଅପରାଧୀ କେଉଁମାନେ? ଯେଉଁମାନେ କି ଏବେ ବି ମୁକ୍ତ ଭାବରେ ବିଚରଣ କରୁଛନ୍ତି ? ଯାହା ମୁମ୍ବାଇ ହାଇକୋର୍ଟଙ୍କ ରାୟ ସନ୍ଦେଶ ପ୍ରଦାନ କରେ। ଏହା ସତ୍ୟ ଯେ, ସାକ୍ଷ୍ୟ ଓ ପ୍ରମାଣ ଆଧାରରେ ଅଦାଲତ ଦୋଷୀଙ୍କୁ ଦଣ୍ଡବିଧାନ କରିଥାଏ। ଦେଶର ଦୁଇ ଅଦାଲତ ଭିନ୍ନ ଭିନ୍ନ ରାୟ ଦେଇଛନ୍ତି। କେଉଁ ଅଦାଲତ ଠିକ୍ ତାହା ଦୀର୍ଘ ୨୦ବର୍ଷ ଧରି ନ୍ୟାୟ ଅପେକ୍ଷାରେ ଥିବା ପିଡିତଙ୍କ ପରିବାରଙ୍କ ପକ୍ଷରେ ବୁଝିବା ସମ୍ଭବ ନୁହେଁ। ଅବଶ୍ୟ ମହାରାଷ୍ଟ୍ର ସରକାରଙ୍କ ଅପିଲକୁ ଗ୍ରହଣ କରି ସୁପ୍ରିମକୋର୍ଟ ମୁମ୍ବାଇ ହାଇକୋର୍ଟଙ୍କ ରାୟ ଉପରେ ରହିତାଦେଶ ଜାରି କରିଛନ୍ତି। ମୁମ୍ବାଇ ଟ୍ରେନ ବିସ୍ଫୋରଣ ମାମଲା ଉପରେ ସୁପ୍ରିମକୋର୍ଟରେ ପୁଣି ମୂଳରୁ ଶୁଣାଣୀ ହେବ। ସୁପ୍ରିମକୋର୍ଟ ଏହି ମାମଲାରେ ସମସ୍ତ ଦୋଷୀଙ୍କୁ ନୋଟିସ ଜାରି କରିଥିବାବେଳେ ହାଇକୋର୍ଟଙ୍କ ରାୟକୁ ଉଦାହରଣ ଭାବେ ଗ୍ରହଣ କରାଯାଇପାରିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି କିନ୍ତୁ ଜେଲରୁ ଖଲାସ ହୋଇଯାଇଥିବା ଅପରାଧକୁ ପୁନର୍ବାର ଜେଲକୁ ଫେରାଇ ଅଣାଯିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏବେ ସୁପ୍ରିମକୋର୍ଟଙ୍କ ଉପରେ ୨୦୦୬ ମୁମ୍ବାଇ ଟ୍ରେନ ବିସ୍ଫୋରଣରେ ମୃତାହତ ପରିବାର ଭରସା। ନ୍ୟାୟ ପାଇଁ ପିଡିତଙ୍କୁ ପରିବାର ପୁଣି ଆଉ କେତେ ବର୍ଷ ଅପେକ୍ଷା କରିବାକୁ ହେବ, ତାହା ସମୟ କହିବ।

# ପ୍ରେମ ସ୍ୱରୂପ ସତ୍ୟସାଇ

ଶ୍ରୀ କିଶୋର କୁମାର ଜେନା

'ମର୍ତ୍ତ୍ୟ ମଣ୍ଡଳେ ଦେହ ବହି, ଦେବତା ହୋଇଲେ ମରଇ।' ଚାହୁଁ ଚାହୁଁ ଚଉଦ ବର୍ଷ ବିତିଗଲା ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ତାଙ୍କ ମର ଶରୀର ତ୍ୟାଗ କରିବା। ସମଗ୍ର ବିଶ୍ୱର ସ୍ରଷ୍ଟା ଓ ପାଳକ ବୋଲି ସେ ମୁକ୍ତ କଣ୍ଠରେ ଘୋଷଣା କରିଥିଲେ। ତା ସହିତ ନିଜ ମାନବ ସ୍ୱଭାବର ଅପୂର୍ଣ୍ଣତା କଥା ମଧ୍ୟ ସ୍ୱୀକାର କରିବାକୁ କୁଣ୍ଠିତ ହୋଇ ନଥିଲେ। ସାଇଶକ୍ତି ଓ ସାଇଜ୍ଞାନ ଅମାପ ବୋଲି କହିସାରି ସେ ପ୍ରକାଶ କରିଥିଲେ, 'ମଣିଷ ଶରୀର ଗ୍ରହଣ କରିଥିବାରୁ ଏହି ଶରୀର ଅପୂର୍ଣ୍ଣତା ଓ ସ୍ୱଭାବ ଗ୍ରହଣ କରିବାର ଶୁଳ୍କ (ଟ୍ୟାକ୍ସ) ମୋତେ ଦେବାକୁ ପଡୁଛି। ଆହୁରି ଅଧିକ ସ୍ପଷ୍ଟ ଭାବରେ ସେ କହିଥିଲେ, ସମଗ୍ର ବାହ୍ୟବସ୍ତୁ ଦେଶ ଓ କାଳର ଅଧିନ, ପ୍ରକୃତି ନିୟମର ଅଧୀନ। ମୋର ବାହ୍ୟ ସ୍ୱରୂପ ମଧ୍ୟ ସେଥିରୁ ମୁକ୍ତ ନୁହେଁ।'

ଅବତାର ମଣିଷ ସ୍ତରକୁ ଓହ୍ଲାଇ ଆସିଲେ ଯାଇ ତାଙ୍କ ସହ ମଣିଷମାନଙ୍କର ଆତ୍ମୀୟତା ପ୍ରତିଷ୍ଠା କରିବା ସମ୍ଭବ। ଏହା ସତ୍ତ୍ୱେ ତାଙ୍କ ଅବତରଣ ଦ୍ୱାରା ସମ୍ପୂର୍ଣ୍ଣ ରୂପେ ଉପକୃତ ହେବାପାଇଁ ଅର୍ଥାତ୍ ତାଙ୍କ ଦିବ୍ୟ ସ୍ୱଭାବ ବ୍ରହ୍ମଚେତନା ସହିତ ଏକାତ୍ମତା ଲାଭ କରିବା ପାଇଁ, ଆମକୁ ତାଙ୍କର ବାହ୍ୟରୂପକୁ ମଧ୍ୟ ଅତିକ୍ରମ କରିଯିବାକୁ ପଡ଼ିବ। ଯେତେବେଳେ ମଣିଷ ଅନ୍ତର୍ମୁଖୀ ହେବ, ସେତେବେଳେ ସେ ଅବତାର ପୁରୁଷଙ୍କର ପ୍ରକୃତି ଦୈବ ସ୍ୱଭାବ ଉପଲବ୍ଧି କରି ଜୀବନକୁ ପୂର୍ଣ୍ଣ କରିବ। ଏହି ପରିପ୍ରେକ୍ଷୀରେ ଭଗବାନ କୃଷ୍ଣ ଉଦ୍ଧବକୁ ବଦ୍ରିକା ଆଶ୍ରମକୁ ଯାଇ ତପସ୍ୟା କରିବା ପାଇଁ ପ୍ରବର୍ତ୍ତାଇଥିଲେ। ଭଗବାନ ବାବା ଏ ବିଷୟରେ କହନ୍ତି, 'ବାହ୍ୟ ଦର୍ଶନ ପୂର୍ଣ୍ଣ ଦର୍ଶନ ନୁହେଁ ବରଂ ଏହା ଏପରି ହେବା କଥା, ତାହାହେଲେ ଯାଇ ମଣିଷ ଅନ୍ତର୍ଗତ ଦର୍ଶନ ଚାହିଁବ, ଯାହା ଚିରନ୍ତନ ଯେଉଁମାନେ ଜ୍ଞାନମାର୍ଗରେ ତୃପ୍ତିଲାଭ କରନ୍ତି, ସେମାନଙ୍କ ପାଇଁ ଭଗବାନ ବାବାଙ୍କର ଏହି ଉକ୍ତି ଅଟେ।

କିନ୍ତୁ ଯେଉଁମାନେ ନିର୍ମଳ ଭକ୍ତିରେ ଆନନ୍ଦ ପାଆନ୍ତି, ଅବତାରଙ୍କ ଠାରେ ଅପୂର୍ଣ୍ଣତା ଦେଖିଲେ ମଧ୍ୟ ସେମାନଙ୍କ ଭକ୍ତିରେ ଭଟ୍ଟା ପଡ଼େ ନାହିଁ, ସେମାନେ ପ୍ରଶ୍ନ କରନ୍ତି ନାହିଁ, ସେମାନେ ସମ୍ପୂର୍ଣ୍ଣ ଭାବରେ ତାଙ୍କୁ ଗ୍ରହଣ କରିନିଅନ୍ତି। ସାଧାରଣ ଭାବରେ କହିଲେ ଅବତାର ଚାହାନ୍ତି ସାଧକ ଯେଉଁ ମାର୍ଗରେ ଗଲେ ବି, ପୂର୍ଣ୍ଣ ବ୍ରହ୍ମଚେତନାରେ ମଗ୍ନ ହୋଇଯିବାର ଅନ୍ତିମ ଲକ୍ଷ୍ୟ ଠାରେ ପହଞ୍ଚିବା ଦରକାର।

ଉପରୋକ୍ତ କଥାରୁ ଆମେ ଏଇ ସିଦ୍ଧାନ୍ତ କରିବା ଯେ, ସତ୍ୟସାଇ ବାବାଙ୍କ ଠାରେ ମନୁଷ୍ୟ ସ୍ୱଭାବର ଅପୂର୍ଣ୍ଣତା କିଛି କିଛି ଦେଖାଯାଉଥିଲେ ମଧ୍ୟ ତାଙ୍କୁ ଅବତାର ନୁହଁନ୍ତି ବୋଲି ଆମେ କହିପାରିବା ନାହିଁ। ଶ୍ରୀରାମ ନିଜେ ବନବାସ ସମୟରେ ସୀତାଙ୍କୁ ହରାଇ ମଣିଷ ପରି କାନ୍ଦୁଥିଲେ କାହିଁକି ? କୃଷ୍ଣଙ୍କର ଜଣେ ଅତି ଅନ୍ତରଙ୍ଗ ଭକ୍ତ ଉଦ୍ଧବ କାଳଜବନ / ଜରାସନ୍ଧ ଆସିବା କଥା ଶୁଣି ଯେପରି ଭୟରେ ମଥୁରାରୁ ପଳାଇ ଯାଇଥିଲେ ସେଥିପ୍ରତି ବିସ୍ମୟ ପ୍ରକାଶ କରିଛନ୍ତି। ଯୀଶୁ କ୍ଷମା ଓ ଉଦାରତାର ମୂର୍ତ୍ତି ହେଲେ ମଧ୍ୟ ଜେରୁଜେଲମ ମନ୍ଦିର ଭିତରେ କ୍ରୋଧରେ ବ୍ୟବସାୟୀ ମାନଙ୍କୁ ପିଟି ପକାଇଲେ କାହିଁକି ? ପୁତୁରା ରାମଲାଲ ମୃତ୍ୟୁରେ, ଶ୍ରୀରାମ-କୃଷ୍ଣ ପିଲାପରି କାନ୍ଦୁଥିଲେ କାହିଁକି ? ଶ୍ରୀରାମକୃଷ୍ଣଙ୍କ ଭାଷାରେ ଖାଦ ମିଶା ଅଳଙ୍କାର, ସୁନାର ଅବମାନନା ନୁହେଁ।

ଅବତାର ମାନଙ୍କର ଜୀବନ କାହାଣୀ ଅଧ୍ୟୟନ କଲେ, ଆମେ ଦେଖିବା ସେମାନଙ୍କ ଠାରେ ଦୁଇଟି ଗୁଣ ସର୍ବଦା ଅମିଶ୍ର ଭାବରେ ବିଦ୍ୟମାନ। ତାହାହେଲେ ଧର୍ମରକ୍ଷଣ ଓ ଭକ୍ତ ରକ୍ଷଣ। ଅବଶ୍ୟ ଏହା ସତ୍ୟ ଯେ, ଧର୍ମ ସଂରକ୍ଷଣ ଅବତାରଙ୍କର ଦାୟିତ୍ୱ ହୋଇଥିବାରୁ, ସେ କେବେହେଲେ ଧର୍ମ ମାର୍ଗରୁ ବିଚ୍ୟୁତ ହୋଇପାରିବେ ନାହିଁ ଏବଂ ଭକ୍ତ ସଂରକ୍ଷଣ ତାଙ୍କର କର୍ତ୍ତବ୍ୟ ଥିବାରୁ ସେ ଏଥିପାଇଁ ଆବଶ୍ୟକ ପଡ଼ିଲେ ଦେବଶକ୍ତି ପ୍ରୟୋଗ ନକରି ରହିପାରିବେ ନାହିଁ। ତେଣୁ ଶ୍ରୀ ସତ୍ୟସାଇ ଯେ ଅବତାର ତାର ଅବିସମ୍ବାଦିତ ପ୍ରମାଣ ହେଲା - ତାଙ୍କର ଶକ୍ତି, ଯାହା ବଳରେ ସେ ସାରା ସଂସାରରେ ଲକ୍ଷ ଲକ୍ଷ ଧର୍ମଚ୍ୟୁତ ବ୍ୟକ୍ତିଙ୍କୁ ଧର୍ମ ମାର୍ଗରେ ଆସିବା ପାଇଁ ଆକୃଷ୍ଟ କରିଛନ୍ତି ଏବଂ ସାରା ପୃଥିବୀରେ ତାଙ୍କର ଭକ୍ତମାନଙ୍କୁ ପାର୍ଥିବ ଏବଂ ଅପାର୍ଥିବ ଉଭୟ ସ୍ତରରେ ଅକୁଣ୍ଠିତ ଅନୁଗ୍ରହ ପ୍ରଦାନ କରିଛନ୍ତି। ସଂସାରରେ ଚାରିଆଡ଼େ ଅଧର୍ମ ରାକ୍ଷସ ରାଜୁତି କରୁଥିଲାବେଳେ, ସେ ଲକ୍ଷ ଲକ୍ଷ ଲୋକଙ୍କୁ ଧର୍ମମାର୍ଗକୁ ଟାଣିଆଣି ପାରିଛନ୍ତି; ଏହା କେଉଁ ଶକ୍ତି ବଳରେ ସମ୍ଭବ ?

ଏଠାରେ ଆମ ମନରେ ଗୋଟିଏ ସଂଶୟ ଆସିପାରେ, ତାହାହେଲା ଅବତାର ଠାରେ ଯଦି ମାନବିକ ଗୁଣମାନ ଅଛି, ତେବେ ଆମେ କିପରି ବିଶ୍ୱାସ କରିବା ଯେ, ସେ ଆମର ବିପଦ ସମୟରେ ଡାକରା ଶୁଣିବେ; ଆଉ ଆମକୁ ସେଥିରୁ ଉଦ୍ଧାର କରିବେ। ପ୍ରକୃତରେ ଆମେ ଅବତାରଙ୍କର ମାନବକ ଗୁଣ ବୋଲି ଯାହା କହୁ, ତାହା ଅବତାର ପୁରୁଷଙ୍କର ସ୍ଥୂଳ ଶରୀରରେ ଦେଖାଦେଇପାରେ, ମାତ୍ର ସୂକ୍ଷ୍ମ ଶରୀର ସର୍ବଦା ପୂର୍ଣ୍ଣ ଏବଂ ଅସୀମ। ତେଣୁ ଆମେ ଆମର ଆସନ୍ନ ଦୁର୍ଗତି ସମ୍ବନ୍ଧରେ ଅବହିତ ନଥିଲେ ବି, ଅବତାର ପୁରୁଷଙ୍କର ସୂକ୍ଷ୍ମ ଶରୀର ସେଥିରୁ ଆମକୁ ଉଦ୍ଧାର କରନ୍ତି। ତାଙ୍କ ସର୍ବ ଶକ୍ତିମାନ ଅନୁଗ୍ରହଙ୍କୁ କୌଣସି ମାନବୀୟ ଗୁଣ ପ୍ରଭାବିତ ବା କ୍ଷୁର୍ଣ୍ଣ କରିପାରିନାହିଁ। ସ୍ଥୂଳସାଇ ଦେଶ ଓ କାଳର ଅଧୀନ ହୋଇଥିବାରୁ କେତେକ ଭକ୍ତଙ୍କୁସେ ଉପେକ୍ଷା କଲାପରି ଜଣାପଡ଼ି ପାରନ୍ତି, ମାତ୍ର ସୂକ୍ଷ୍ମସାଇ ଦେଶ କାଳାତୀତ ହୋଇଥିବାରୁ ପାଞ୍ଚୋଟି ଯାକ ମହାଦେଶରେ ବ୍ୟାପ୍ତ ତାଙ୍କର କୋଟି କୋଟି ପିଲାଙ୍କ ଯତ୍ନ ନେବାରେ ସେ ସର୍ବଦା ତତ୍ପର। ସ୍ଥୂଳସାଇ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଚାଲି ଚାଲି କିମ୍ବା କାରରେ କିମ୍ବା ବିମାନରେ ଯାଆନ୍ତି; ମାତ୍ର ସୂକ୍ଷ୍ମସାଇ ମୁହୂର୍ତ୍ତକ ମଧ୍ୟରେ ହଜାର ହଜାର ତଥା ଲକ୍ଷ ଲକ୍ଷ ମାଇଲ ଦୂରରେ ଏକାଧିକ ସ୍ଥାନରେ ଗୋଟିଏ ସମୟରେ ପହଞ୍ଚି ଯାଇପାରନ୍ତି। ସ୍ଥୂଳସାଇ ଅନ୍ୟ ଭାଷାରେ ଭକ୍ତଙ୍କ ସହିତ କଥା ହେବାପାଇଁ ହୁଏତ ଜଣେ ଦୋଭାଷୀ ଦରକାର କରନ୍ତି; ମାତ୍ର ସୂକ୍ଷ୍ମସାଇ ଭକ୍ତମାନଙ୍କ ସହ ସେମାନଙ୍କ ଭାଷାରେ ହିଁ କଥାବର୍ତ୍ତା କରନ୍ତି। ଭକ୍ତମାନେ ଯେଉଁ ଭାଷାରେ ପ୍ରାର୍ଥନା କଲେ ମଧ୍ୟ, ସୂକ୍ଷ୍ମସାଇ ତାର ଉତ୍ତର ଦିଅନ୍ତି। ଭଗବାନଙ୍କର ଅନୁଗ୍ରହର ସର୍ବୋଚ୍ଚ ନିଦର୍ଶନ ହେଲା ଆମକୁ ଭ୍ରମରୁ ମୁକ୍ତ କରି ବ୍ରହ୍ମଦର୍ଶନ କରାଇବା। ସେଥିପାଇଁ ସେ ଅବତରି ଆସନ୍ତି, ଆଉ ଆମକୁ ତାଙ୍କ ଅହେତୁକ ପ୍ରେମରେ ଆପଣାର କରନ୍ତି।

ବାଲ୍ୟକାଳରୁ ଭଗବାନ ଶ୍ରୀ ସତ୍ୟସାଇ ଅଗଣନ ବିବିଧ ଅଲୌକିକତା ପ୍ରକାଶ କରି ଆସିଛନ୍ତି ଅଖଣ୍ଡ ଭାବରେ। ଭକ୍ତମାନଙ୍କ ଉଦ୍ଧାରକ ଓ ବିପଦଭଞ୍ଜକ ପ୍ରଭୁ ଭାବରେ, ଅସାଧ ବ୍ୟାଧିର ବୈଦ୍ୟ ଭାବରେ, ମୃତ୍ୟୁ ପରେ ଭକ୍ତକୁ ପରମପଦ ପ୍ରଦାତା ଭାବରେ, ମାତ୍ର ସୁଲଭ ସ୍ନେହର ଅସରନ୍ତି ଭଣ୍ଡାର ଭାବରେ, ଦେଶ ଦେଶରେ ଅଧିକରୁ ଅଧିକ ଦୈବଶକ୍ତିର ପ୍ରକାଶକ ଭାବରେ ଏବଂ ଧର୍ମ, ଆଧାତ୍ମିକ ଜୀବନ, ତ୍ୟାଗ, ସେବା, ପ୍ରେମ ଆଦିର ପରିପୋଷକ ଭାବରେ ତଥା ବିନା ସାଧନାରେ, ବିନା ଆୟାସରେ ଏ ସମସ୍ତ ଅବଲୀଳାକ୍ରମ ସାଧନ କରିବାରେ ଭଗବାନ ସତ୍ୟସାଇ କେବଳ ନିଜ ସହିତ ନିଜେ ତୁଳନୀୟ। ତାଙ୍କ ଭାଷାରେ 'ମୋର ସ୍ୱତନ୍ତ୍ର ସଙ୍କେତ ହେଲା - ମୋର ପ୍ରେମ। ସଂକଳ୍ପ ବଳରେ ବିଭିନ୍ନ ପଦାର୍ଥ ସୃଷ୍ଟି କିମ୍ବା ସ୍ୱାସ୍ଥ୍ୟ ଓ ସୁଖ ବିଧାନ କରିବା ନୁହେଁ। ଆମେ ଭାବିପାରୁ ତାଙ୍କର ଚମତ୍କାରିତା ଦୈବତ୍ୱର ପ୍ରତ୍ୟକ୍ଷ ସଙ୍କେତ; ମାତ୍ର ତାହା ଠିକ ନୁହେଁ। ତାଙ୍କର ପ୍ରେମ ହିଁ ତାଙ୍କର ଦୈବତ୍ୱର ସଙ୍କେତ; ଯାହାକି ଲକ୍ଷ ଲକ୍ଷ ଭକ୍ତଙ୍କୁ ତାଙ୍କ ପାଖକୁ ଟାଣିଆଣେ ଏବଂ ତାଙ୍କର କଲ୍ୟାଣ ସାଧନ କରେ। ଦେଶବିଦେଶରେ ଥିବା ସାଧକ, ଦୁଃଖୀ ଓ ଦୁର୍ଗତ ଲୋକଙ୍କ ପାଖକୁ ଘେନିଯାଏ - ଏହା ହିଁ ତାଙ୍କର ଦୈବତ୍ୱର ପ୍ରତ୍ୟକ୍ଷ ସଙ୍କେତ। ସେହି ପ୍ରେମ ହିଁ ଘୋଷଣା କରେ ଯେ, ସେ 'ସାଇବାବା'। ତାଙ୍କରି ଭାଷାରେ - 'ପ୍ରେମ ମୋର ବ୍ରତ, ପ୍ରେମ ମୋର କର୍ମ, ଏବଂ ପ୍ରେମ ମୋର ଜୀବନ'।

ଆଇନଜୀବୀ, ବଙ୍ଗାଳିସାହି, କଟକ, ଦୂରଭାଷ : ୭୩୨୫୯୦୪୯୨୭/୭୩୭୭୪୩୯୦୭୭
E-mail : kishorekumarjena.adv@gmail.com

# ଭକ୍ତର ସଙ୍ଗ କରିଲେ କ'ଣ ହୁଏ ?

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଯେଉଁ ବ୍ୟକ୍ତି ଗୁରୁଙ୍କର ନିର୍ଦ୍ଦେଶଗୁଡ଼ିକ ସୂଚାରୁରୂପରେ ଅକ୍ଷରେ ଅକ୍ଷରେ ପାଳନ କରନ୍ତି ଏବଂ ଆଧାତ୍ମିକ କ୍ଷେତ୍ରରେ ଅପେକ୍ଷାକୃତ ଅଳ୍ପବିକଶିତ ଲୋକଙ୍କ ମଧ୍ୟରେ ଗୁରୁ ଉପଦେଶ ପ୍ରଚାର ଓ ପ୍ରସାର କରି ଜୀବନ ଅତିବାହିତ କରନ୍ତି, ସେ ହିଁ ପ୍ରକୃତ ଭକ୍ତ। ଯେଉଁ ଭକ୍ତ ଗୁରୁଙ୍କର ଆଜ୍ଞାବହ ହୁଏ, କେବଳ ସେ ହିଁ ଅନ୍ତରର ମୁଁ କାରତ୍ୱ ଉପରେ ବିଜୟ ଲାଭ କରେ। ଆଜ୍ଞାନୁବର୍ତ୍ତିତା ଯଥାର୍ଥ ଓ ବାସ୍ତବ ହେବା ଆବଶ୍ୟକ। ପୂର୍ଣ୍ଣପ୍ରାଣରେ ପୂର୍ଣ୍ଣ ଅଧ୍ୟବସାୟ କରି ଆଜ୍ଞାନୁବର୍ତ୍ତୀ ହେବା ଆବଶ୍ୟକ। ଯେଉଁ ଶିଷ୍ୟ ପ୍ରକୃତ ଗୁରୁ-ଆଜ୍ଞାନୁବର୍ତ୍ତୀ, ସେ ପ୍ରଶ୍ନ କରେନାହିଁ, କି ଦୀର୍ଘସୂତ୍ରିତା ପ୍ରଦର୍ଶନ କରେ ନାହିଁ। ଭଣ୍ଡ ଓ କପଟୀ ଶିଷ୍ୟ କେବଳ ଭୟବଶତଃ ଗୁରୁଆଜ୍ଞା ପାଳନ କରିଥାଏ। କିନ୍ତୁ ପ୍ରକୃତ ଅନୁରକ୍ତ ଶିଷ୍ୟ ନିଚ୍ଛକ ଅନୁରାଗର ସହିତ ଗୁରୁସେବା କରିଥାନ୍ତି।

ଭକ୍ତ ସଙ୍ଗର ଉପକାରିତା ସମ୍ବନ୍ଧରେ କଥା ଉଠିଲା। ଶ୍ରୀ ଶ୍ରୀ ଠାକୁର - ପ୍ରକୃତ ଯିଏ ଭକ୍ତ, ସେ ଭଗବାନ ଛଡ଼ା କିଛି ଚାହେଁ ନାହିଁ, ଆଉ କିଛି ବୁଝେ ନାହିଁ। ତାଙ୍କର ବିରହରେ ସେ ଚିରବ୍ୟଥିତ। ଆମ୍ଭେମାନେ ଯାହାକିଛି ପାଉନା କାହିଁକି, ତାଙ୍କ ଛଡ଼ା ଅନ୍ୟ କୌଣସିଥିରେ ପ୍ରାଣ ଭରେ ନାହିଁ। ଭରିବାର ନୁହେଁ, ତେଣୁ ଭରେନାହିଁ। ମଣିଷର ସମଗ୍ର ଅନ୍ତରଟା ଫାଙ୍କା। ତାହା କୌଣସିଥିରେ ଭରେ କି ନାହିଁ, ସେହି ଚେଷ୍ଟାରେ ସେ କେତେ କ'ଣ କରେ! କିନ୍ତୁ କିଛି ପ୍ରକାରରେ ସେ ଶାନ୍ତି ପାଏ ନାହିଁ, ତୃପ୍ତି ପାଏ ନାହିଁ, ତାର ଅସ୍ଥିରତା ଯାଏ ନାହିଁ। ଭକ୍ତ କିନ୍ତୁ ତାର ଇଷ୍ଟଙ୍କ ମଧ୍ୟରେ ସବୁ କିଛି ପାଇଥାଏ। ସେ ହିଁ ସାଇ ବସ୍ତୁ, ଏହି ମୁଖ୍ୟ କଥା ସେ ବୁଝିଥାଏ। ତେଣୁ, କାମନା ବାସନାର ଜଞ୍ଜାଳରୁ ସେ ଅନେକ ରକ୍ଷା ପାଇଥାଏ। ଏହାଦ୍ୱାରା ସେ ଶାନ୍ତି ପାଏ। ତେଣୁ ଅନ୍ୟମାନେ ବି ତାର ସଙ୍ଗ କରି ଶାନ୍ତି, ତୃପ୍ତି ଓ ଆନନ୍ଦ ପାଆନ୍ତି। ମଣିଷ ଜ୍ଞାତ ସାରରେ, ଅଜ୍ଞାତସାରରେ ଅହର୍ନିଶ ଏହା ହିଁ ଚାହିଁଥାଏ। ସତସଙ୍ଗ ମାନେ ସତ୍ତାର ସଙ୍ଗ। ସତ୍ତା ସଚ୍ଚିଦାନନ୍ଦମୟ। ସଚ୍ଚିଦାନନ୍ଦ ବିଗ୍ରହ ଯିଏ, ତାଙ୍କୁ ମଣିଷ ଖୋଜେ ନିଜର ସତ୍ତାକୁ ଅତୁଟ ଓ ବର୍ଦ୍ଧନଶୀଳ କରି ତୋଳିବା ପାଇଁ। ଯେତେବେଳେ ମଣିଷ ଦେଖେ ଯେ ତାର ଚିରଦିନର ନିଜର ବୋଲି କେହି ନାହିଁ, ସେ ଏକା ଓ ନିଃସଙ୍ଗ, ସେତେବେଳେ ତାର କ୍ଷୁଦ୍ର ସତ୍ତା ଆଲିଙ୍ଗନ କରିବାକୁ ଚାହେଁ ମହାସତ୍ତାକୁ, ଅନାଦିର ଆଦି ଗୋବିନ୍ଦଙ୍କୁ। ଆମ୍ଭେମାନେ ଭଗବାନଙ୍କୁ ମଦନମୋହନ ମଦନର ଯେତେ ମରଣ ଓ ଦୌରାତ୍ମ୍ୟ ଅଛି, ତାଙ୍କ ପାଖକୁ ଗଲେ ସବୁ ମୋହିତ ହୋଇଯାଏ। ମଦନ ତାର ନିଜର ଚରିତାର୍ଥତା ଖୋଜି ପାଏ। ମଦନକୁ ଭସ୍ମ କରି ଲାଭ କ'ଣ? ତାକୁ ବରଂ ମଦନମୋହନ ର ସେବକ କରି ସାର୍ଥକ କରି ତୋଳିବା ହିଁ ଭଲ। ସେ ମୋର ମଦନମୋହନ, ସେ ମୋର ନଟବର, ସେ ମୋର ନବକିଶୋର, ଯେଉଁମାନେ ଚାହାଁନ୍ତି, ସେମାନଙ୍କର ବି ସେ ମଦନମୋହନ, ନଟବର ଓ ନବକିଶୋର। ଆଉ ଯେଉଁମାନେ ନ ଚାହାଁନ୍ତି ସେମାନଙ୍କର ବି ମଦନମୋହନ, ସେମାନଙ୍କର ବି ସେ ନଟବର, ସେମାନଙ୍କର ବି ସେ ନବକିଶୋର। ସେ ଦୁଇବାହୁ ବଢ଼େଇ ଅଛନ୍ତି ସମସ୍ତଙ୍କୁ ଆଲିଙ୍ଗନ କରି କୋଳେଇ ନେବା ପାଇଁ। ମଣିଷ ଚାହେଁ ନାହିଁ ବୋଲି ବୁଝି ପାରେ ନାହିଁ। ଏହାଦ୍ୱାରା ତାଙ୍କ ଆଖିରୁ ଅଶ୍ରୁ ଝରେ, ବିମୁଖ ମଣିଷମାନେ ବି ମର୍ମପୀଡ଼ାରେ ମରେ। (ଆ:ପ୍ର:୧୬/୮.୪.୧୯୪୯)

ପରମାର୍ଥ ଲାଭ ମାର୍ଗରେ ବହୁ ପ୍ରତିବନ୍ଧକମାନ ରହିଛି। ସେଗୁଡ଼ିକ ହେଲା ଅହଂକାର, ଅବିଦ୍ୟା, ଲୋଭ, ମୋହ ଏବଂ କାମ। ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଏହିସବୁ ଗୁଣ ଠାରୁ ଦୂରେଇ ରହିବା ପାଇଁ ଭକ୍ତ ମାନଙ୍କୁ ସବୁବେଳେ ପରାମର୍ଶ ଦେଇଛନ୍ତି। ଆତ୍ମ ସ୍ୱରୂପ ଏବଂ ଆତ୍ମ ବିବେକରେ ରହିବା ନିମନ୍ତେ ସେ ପରାମର୍ଶ ଦେଇଛନ୍ତି। ମନ ଉପରେ ଜୟ ଲାଭ ନିମନ୍ତେ ସେ ତାଙ୍କର ଭକ୍ତମାନଙ୍କୁ ସାହାଯ୍ୟ କରିଥାଆନ୍ତି। ବିବେକ ଏବଂ ବୈରାଗ୍ୟର ମାର୍ଗରେ ଭକ୍ତଙ୍କୁ ନେଇ ଭବସାଗର ପାର କରାଇବାରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସାହାଯ୍ୟ କରନ୍ତି। ଏଥି ନିମନ୍ତେ ଭକ୍ତ ସଦଗୁରୁଙ୍କ ପାଦତଳେ ନିଜର ଶରୀର, ଧନ ଏବଂ ଆତ୍ମାକୁ ସମର୍ପଣ କରିବା ଉଚିତ। ସଦଗୁରୁ ଏତିକି ମାତ୍ର ଚାହାଁନ୍ତି। ସଦଗୁରୁଙ୍କ ଜୀବନର ଲକ୍ଷ୍ୟ ହେଉଛି ତାଙ୍କ ନିକଟରେ ଯିଏ ନିଜକୁ ସମର୍ପଣ କରିଦେଇଛି ଏବଂ ତାଙ୍କର ନାମ ଜପ କରୁଛି ତାକୁ ମୋକ୍ଷ ପ୍ରଦାନ କରିବା। ଯେଉଁ ଭକ୍ତମାନେ ଏହି ମାର୍ଗକୁ ଗ୍ରହଣ କରିଛନ୍ତି ସେମାନଙ୍କୁ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ପରି ସଦଗୁରୁମାନେ ସାହାଯ୍ୟ କରିବାକୁ ଆଗେଇ ଆସନ୍ତି।

ସହ-ପ୍ରତିରତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ପ୍ରତି ଓଡ଼ିଆଙ୍କ ଘର ମୁରବୀ : ମହାପ୍ରଭୁ ଶ୍ରୀଜଗନ୍ନାଥ

କବୀର କୁମାର ଜେନା

'ନୀଳାଦ୍ରୌ ଶଙ୍ଖମଧ୍ୟେ ଶତଦଳକମଳେ ରତ୍ନସିଂହାସନସ୍ଥମ୍
ସର୍ବାଳଙ୍କାରଯୁକ୍ତମ୍ ନବଘନରୁଚିରଂ ସଂଯୁକ୍ତଂ ଚାଗ୍ରଜେନ,
ଭଦ୍ରାୟାଃ ବାମଭାଗେ ରଥଚରଣଯୁକ୍ତଂ ବ୍ରହ୍ମରୁଦ୍ରେନ୍ଦ୍ର୍ୟ ବନ୍ଦ୍ୟମ୍
ବେଦାନାଂ ସାରମୀଶଂ ସ୍ୱଜନ ପରିବୃତଂ ବ୍ରହ୍ମଦାରୁ ସ୍ମରାମି।।'

ବ୍ରାହ୍ମ ମୁହୂର୍ତ୍ତ, ବଡ଼ି ଭୋରୁ ଶଯ୍ୟାତ୍ୟାଗ ସମୟରୁ ହିଁ ପ୍ରତିଟି ଓଡ଼ିଆ ମହାପ୍ରଭୁଙ୍କୁ ସ୍ମରଣ କରି ତା'ର ଦିନଟି ଭଲରେ ଭଲରେ କଟେଇ ଦେବା ପାଇଁ ପ୍ରାର୍ଥନା କରିଥାଏ। ଆଉ ରାତିରେ ଶେଯକୁ ଗଲାବେଳେ ଦିନଟି ଭଲରେ ବିତିଥିବାରୁ ଭରା ଅନ୍ତରରେ କୃତଜ୍ଞତା ଜଣାଇ ଆଗତ ଦିନଟି ପାଇଁ କୃପା ଓ ସମ୍ଭାବନାର ପ୍ରାର୍ଥନା କରି ମଥାନତ ପ୍ରଣାମଟି ଜଣାଇ ବିଶ୍ରାମ ନେଇଥାଏ। ସତରେ ମହାପ୍ରଭୁଙ୍କୁ ନେଇ ହିଁ ଆମ ଜୀବନ। ସେ ହେଉଛନ୍ତି ଏ ବିଶ୍ୱ ବ୍ରହ୍ମାଣ୍ଡର ସ୍ରଷ୍ଟା, ପରିଚାଳକ ଏବଂ ରକ୍ଷକ। ସେ ହେଉଛନ୍ତି ଭାବର ଆଉ ଭକ୍ତିର ପୂର୍ଣ୍ଣବ୍ରହ୍ମ, ମହାପ୍ରଭୁ ଶ୍ରୀଜଗନ୍ନାଥ। ଯାହାଙ୍କୁ ଟିକିଏ ଆଖି ପୁରାଇ ଏହି ଚର୍ମନେତ୍ରକୁ ପୁଣ୍ୟତାରେ ଭରି ଦେବା ପାଇଁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଛୁଟୁଥାନ୍ତି ପୁରୀ ତାଙ୍କୁ ଦେଖିବା ମାତ୍ରେ ଆଖି ଯୁଗଳ ଲୋତକରେ ଭରି ଯାଏ ଆଉ ବାୟୁ ଠାରୁ ମଧ୍ୟ ଆହୁରି ହାଲକା ହୋଇଯାଏ ତନମନ। ସେହି କଳା ଶ୍ରୀମୁଖଙ୍କୁ ଟିକିଏ କୋଳାଗ୍ରତ କରିବାକୁ ସମସ୍ତଙ୍କର ଇଚ୍ଛା ହୋଇଥାଏ। ଆଉ ତାଙ୍କରି ବଡ଼ ବଡ଼ ଚକା ଆଖିର ସାଗରରେ ନିଜକୁ ହଜେଇ ଦେବା ପାଇଁ ଶ୍ରଦ୍ଧାଳୁଟି ଇପସିତ ପ୍ରାର୍ଥନା କରିଥାଏ।

ସେ ହେଉଛନ୍ତି ଆମ ଓଡ଼ିଆଙ୍କ ଘର ମୁରବୀ, ସେ ହେଉଛନ୍ତି କୋଟି ବ୍ରହ୍ମାଣ୍ଡର ନିୟନ୍ତା ଓ ବ୍ରହ୍ମାଣ୍ଡ ନାଥ କରୁଣା ସାଗର ପୂର୍ଣ୍ଣବ୍ରହ୍ମ ପରମବ୍ରହ୍ମ ମହାପ୍ରଭୁ ଶ୍ରୀ ଜଗନ୍ନାଥ। ତାଙ୍କ ଦିବ୍ୟଲୀଳାର ମହିମା ବର୍ଣ୍ଣନା ତାଙ୍କ କୃପାର ଗୁଣ କୀର୍ତ୍ତନ ଯେତେ ଭଜନ ହେଉ ବା ଜଣାଣ, ସମର୍ପଣ ହେଉ ବା ଭକ୍ତି ଭାବରେ ନିଜକୁ ନିୟୋଜିତ ସେ ସବୁ ନିଅଣ୍ଟ ପଡ଼ିଯିବ। ତାଙ୍କ ମହିମା ବର୍ଣ୍ଣନା କରିବା ପାଇଁ କାହାର ବି ସାଧ ନାହିଁ। ସମ୍ଭବତଃ ଆମେ କେଉଁ ଜନ୍ମରେ କାଣିଚାଏ ସମ୍ଭବତଃ ପୁଣ୍ୟଫଳ ପ୍ରାପ୍ତ ହୋଇଥିଲେ ଯେ ତାଙ୍କୁ ଟିକିଏ ଦେଖିବା ପାଇଁ ତାଙ୍କ ସାନ୍ନିଧ ଟିକିଏ ଅନୁଭବ କରିବା ପାଇଁ। ପୁଣ୍ୟ ପାବନ ନିତ୍ୟ ବୈକୁଣ୍ଠ ଧାମ ପୁରୀ ଶ୍ରୀ ମନ୍ଦିର ଆମେ ଯିବା ପାଇଁ ସକ୍ଷମ ହୋଇପାରୁଛେ। ସେ ହେଉଛନ୍ତି ଭାବଗ୍ରାହୀ, ସେ ହେଉଛନ୍ତି ଭାବ ବିନୋଦିଆ କଳା ଠାକୁର ଯିଏ ଭକ୍ତର ଦୁଃଖର ଦୁଃଖୀ ଆଉ ଭକ୍ତର ସୁଖରେ ସୁଖୀ। ଯେତେ ଦୂର ହେଉ ବରଂ ଯେଉଁଠି ବି ଆଶ୍ରୀତ ଜଣଙ୍କ, ଭକ୍ତ ଜଣଙ୍କ ତାଙ୍କୁ ସମର୍ପଣ ହୃଦୟରେ କାତରରେ ଆକୁଳ ଭାବରେ ନିଜକୁ ସମର୍ପିତ କରି ନିଜ ଦୁଃଖ ବା ପୀଡ଼ା ଜଣାଇଥାଏ ସେ ତାକୁ ଦୂରୀଭୂତ କରିଥାନ୍ତି। ଭକ୍ତର ଆକୁଳ ଡାକରେ ସେ ତତ୍କାଳ ଉଭା ହୋଇ ଦୁଷ୍ଟଙ୍କୁ ଶାସ୍ତି ଦେଇ ଭକ୍ତର ଆନନ୍ଦରେ ଆନନ୍ଦିତ ହୁଅନ୍ତି। ପ୍ରଭୁଙ୍କ ଏହି ଭକ୍ତବତ୍ସଳ ଭାବକୁ ପାଥେୟ କରି ଆଜି ଅଗଣିତ ଶ୍ରଦ୍ଧାଳୁ ନିଜକୁ ମହାପ୍ରଭୁଙ୍କ ପାଖରେ ସମର୍ପିତ ହୃଦୟରେ ଜୀବନ ନିର୍ବାହ କରୁଛନ୍ତି। କଳା ଠାକୁର, ଭାବ ବିନୋଦିଆ ଜଗତ୍ ବନ୍ଧୁ ମହାପ୍ରଭୁ ଶ୍ରୀ ଜଗନ୍ନାଥ ହେଉଛନ୍ତି ଆମ ପ୍ରତିଟି ଓଡ଼ିଆ ଘରର ମୁରବୀ। ପ୍ରତିଟି ଓଡ଼ିଆ ଘରର ଭଲ ମନ୍ଦ, ହାନିଲାଭ ସବୁକିଛି ହିଁ ତାଙ୍କର ନିର୍ଦ୍ଦେଶନାରେ, ତାଙ୍କରି ପରିଚାଳନାରେ ସମାପିତ ହୋଇଥାଏ। ପ୍ରତିଟି ଓଡ଼ିଆଙ୍କ ଘରେ ସେ କେବଳ ଠାକୁର ହୋଇ ରହିନାହାଁନ୍ତି ପ୍ରତିଟି ଓଡ଼ିଆଙ୍କ ଜୀବନ ପିଣ୍ଡର ସେ ପ୍ରାଣ ସେ ହେଉଛନ୍ତି ଅନ୍ତରଙ୍ଗ ଆଉ ଆତ୍ମୀୟଙ୍କ ଠାରୁ ବଳୀ। ତାଙ୍କ ପୁଣ୍ୟ ପାବନ ନିତ୍ୟ ବୃନ୍ଦାବନ ଧାମ ନୀଳକନ୍ଦରର ଶ୍ରୀକ୍ଷେତ୍ର ପ୍ରତିଟି ଓଡ଼ିଆ ଆଉ ପ୍ରତିଟି ଶ୍ରୀଜଗନ୍ନାଥ ଶ୍ରଦ୍ଧାଳୁଙ୍କ ପାଇଁ ମୁକ୍ତି, ପୁଣ୍ୟ, ମୋକ୍ଷ ଓ ପରମ ଆନନ୍ଦର ପବିତ୍ର ସ୍ଥାନ। ଯେ କେହି ବି ଶ୍ରୀକ୍ଷେତ୍ରରେ ପାଦଟିଏ ରଖିବା ମାତ୍ରେ ନିଜକୁ ହଜାଇ ଦିଏ ନିଜ ଚତୁଃପାର୍ଶ୍ୱର ତେଲ ଲୁଣର ଜୀବନକୁ ନେଇ। ତାର ଅଜାଣତରେ ଚକ୍ଷୁ ଯୁଗଳରୁ ଆନନ୍ଦାଶ୍ରୁ ଝରିପଡ଼େ। ସେ ଭକ୍ତି ଭାବରେ ତନମୟ ହୋଇ ନିଜକୁ ହଜାଇ ଦେଇଥାଏ। ନିତ୍ୟ ପୁଣ୍ୟଧାମ ପୁରୀକୁ ଆସୁଥିବା ଯେ କେହି ଦର୍ଶନାର୍ଥୀ ଶ୍ରଦ୍ଧାଳୁ ଚତୁର୍ଦ୍ଧାମୂରତିଙ୍କୁ ଆନନ୍ଦରେ ଦର୍ଶନ କରି ଦିବ୍ୟ ଅନୁଭବ ନେଇ ଘରକୁ ଫେରିଥାନ୍ତି। ଏହି ନିତ୍ୟ ଧାମ ପୁରୀ ସମାନତାର ଭାବରେ ଉଦବୃଦ୍ଧ କରିଥାଏ ସମସ୍ତଙ୍କୁ। ଦାସିଆ ବାଉରୀ ହାତରୁ ନଡ଼ିଆ ନେବା ଭଳି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରତିଟି ପରିବାର ନିଜ ଘରୁ ହିଁ ଯେଉଁ ଭକ୍ତି ନୈବେଦ୍ୟର ସମର୍ପଣ କରିଥାନ୍ତି ତାହା ମହାପ୍ରଭୁଙ୍କୁ ପ୍ରାପ୍ତ ହୋଇଥାଏ। ମହାପ୍ରଭୁ କେବଳ ଶ୍ରୀ ମନ୍ଦିର ଭିତରେ ଆବଦ୍ଧ ହୋଇନାହାଁନ୍ତି ସେ ଆମ ଭାବ, ମନ, ଚେତନା ଓ କାର୍ଯ୍ୟ ଭିତରେ ତାଙ୍କ ବାଣୀ, ତାଙ୍କ ଦର୍ଶନ ସହିତ ଅନ୍ୟ ମାନଙ୍କୁ ପରୋପକାର ସେବା ଭିତରେ ଜୀବନ ନିର୍ବାହ ପାଇଁ ଆମ ମାନଙ୍କୁ କୃପା ଆଶୀର୍ବାଦ ଦେଉଛନ୍ତି। ଆମ ଜୀବନ ଚେତନାର ମୂଳ ଧର୍ମ ଓ ମର୍ମ ହେଉଛି ବାସ୍ତବରେ ସ୍ୱୟଂ ମହାପ୍ରଭୁ ସବୁ କିଛିକୁ ନିଜେ ହିଁ କରାଉଛନ୍ତି ଆମେ ସବୁ ନିମିତ୍ତ ମାତ୍ର। ପୂର୍ଣ୍ଣବ୍ରହ୍ମ କାଳିଆ ସାଆନ୍ତ ଆମ ଜାତିର ପରିଚୟ, ଆମ ମାନଙ୍କ ପରିଚୟ। ମହାପ୍ରଭୁଙ୍କୁ ଅନ୍ତରଭରା ଏତିକି ପ୍ରାର୍ଥନା କରୁଛି ପ୍ରଭୁ ଆମ ସମସ୍ତଙ୍କ ଭିତରେ ପରୋପକାର, ଭାଇଚାରା, ସାମାଜିକ ସୌହାର୍ଦ୍ଦ୍ୟ, ପରିବାର ଓ ସାମାଜିକ ଦାୟିତ୍ୱ, ବୃତ୍ତିନିଷ୍ଠା ପ୍ରତି ସଙ୍କୋଚତା ଓ ଅଙ୍ଗୀକାରବଦ୍ଧତା ଆହୁରି ଭରି ଦିଅନ୍ତୁ, ଏ ଜାତିର ଓ କୋଟି କୋଟି ଓଡ଼ିଆ ଭାଇଭଉଣୀଙ୍କର ସର୍ବ ମଙ୍ଗଳ ହେଉ ଏହା ହିଁ କାମନା।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ଦୂରଭାଷ : ୮୯୧୭୩୭୭୯୮୭

# ସୁସ୍ଥ ହୃତପିଣ୍ଡ ଲାଗି ସରଳ ସୂତ୍ର

ପ୍ରଫେସର ଡାକ୍ତର ଚନ୍ଦ୍ରକାନ୍ତ ମିଶ୍ର

ସେଥିପାଇଁ ଦୈନିକ ଦାନ୍ତ ଘଷିଲେ ହୃତପିଣ୍ଡ ସୁସ୍ଥ ରହିଥାଏ। ଧୂମପାନ ବର୍ଜନ କରନ୍ତୁ : ସିଗାରେଟ, ଇ-ସିଗାରେଟ ଠାରୁ ଆରମ୍ଭ କରି ସମସ୍ତ ପ୍ରକାରର ଧୂମ ପାନ ବର୍ଜନ କରନ୍ତୁ। ଧୂମପାନ କେବଳ ହୃଦରୋଗ ନୁହେଁ, ପକ୍ଷାଘାତ, ଫୁସଫୁସ ଓ କର୍କଟ ରୋଗର କାରଣ ହୋଇଥାଏ। କେବଳ ଧୂମ୍ରପାନ ନୁହେଁ ସମସ୍ତ ପ୍ରକାର ନିଶା ଦ୍ରବ୍ୟ ଠାରୁ ଦୂରେଇ ରୁହନ୍ତୁ ଏପରିକି ଆପଣ ନିୟମିତ ନିଦ ବଟିକା ଖାଉଥିଲେ ଏହା ମଧ୍ୟ ଦୀର୍ଘକାଳୀନ ପାଇଁ ହୃତପିଣ୍ଡ କ୍ଷେତ୍ରରେ ସହାୟକ ନୁହେଁ ବରଂ କିଛି ପରିପାର୍ଶ୍ୱିକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବାକୁ ସମର୍ଥ ହୋଇଥାଏ। ଅପରାହ୍ନରେ ଫଳାହାର କରନ୍ତୁ : ଅପରାହ୍ନରେ ମୁଠାଏ ବାଦାମ ଅଥବ ଅଖରେଟ ଖାଆନ୍ତୁ। ନତୁବା ତନ୍ତୁଭରା ଫଳ ଯେମିତି ସେଓ, ଅଙ୍ଗୁର, ଷ୍ଟବେରୀ ଏବଂ ଲେମ୍ବୁ ଆଦି ଖାଆନ୍ତୁ। ଏହା କୋଲେଷ୍ଟରଲ ମାତ୍ରା ହ୍ରାସ କରିଥାଏ, ଯାହା ହୃତପିଣ୍ଡ ଲାଗି ଉପକାରୀ। ସକାଳ ବ୍ରେକଫାଷ୍ଟରେ ଫଳ ଖାଇବାରେ ମନା ନାହିଁ କିନ୍ତୁ ଏହା ଆପଣଙ୍କ ଶରୀରକୁ ଓଜନିଆ ହୋଇଗଲା ପରି ଲାଗିବ। ଫଳ ଭିତରେ ସବୁଠାରୁ ଭଲ ଋତୁକାଳୀନ ଆଉ ତଟକା ଦେଶୀ ଫଳ। ଅଧିକ ସମୟ ଶୁଅନ୍ତୁ : ପ୍ରାପ୍ତ ବୟସ୍କମାନେ ଦୈନିକ ସାତରୁ ଏକ ଘଣ୍ଟା ଶୋଇବା ଉଚିତ। ଯଥେଷ୍ଟ ନିଦ ନହେଲେ ଦିନରେ କ୍ଳାନ୍ତ ଲାଗେ ଏବଂ ଅସ୍ୱାସ୍ଥ୍ୟକର ଭୋଜନ ଖାଇବାକୁ ଇଚ୍ଛାହୁଏ। ଫଳରେ ଓଜନ ବୃଦ୍ଧି ହୁଏ। ଖରାଦିନେ ବୟସ୍କମାନେ ଶୋଇବାରେ ମନା ନାହିଁ। ତେବେ ଆପଣ ସୁସ୍ଥ ସବଳ ଥିଲେ ଦିନରେ ଶୋଇବାକୁ ଏଡ଼ାଇ ଯାଆନ୍ତୁ ଏବଂ ରାତିରେ ଶୋଇବା ପୂର୍ବରୁ ନିଦ ବଟିକାର ସାହାରା ନ ନେଇ ବରଂ କିଛି ସମୟ ପଦ ଚାଳନା କରନ୍ତୁ। ଅନାବଶ୍ୟକ ମୋବାଇଲରେ ନିଜକୁ ବ୍ୟସ୍ତ ନରଖି ଏକାଗ୍ର ଚିତ୍ତରେ ଶୋଇବାର ଅଭ୍ୟାସ କରନ୍ତୁ। ଉତ୍କଣ୍ଠା ହ୍ରାସ କରନ୍ତୁ : ଚିନ୍ତା ବା ଉଦବିଗ୍ନତା ଉଚ୍ଚ ରକ୍ତଚାପ କରାଇପାରେ। ଉଚ୍ଚରକ୍ତ ଚାପ ହୃଦରୋଗ ସହ ଜଡ଼ିତ। ତେଣୁ ଯଥା ସମ୍ଭବ ଚିନ୍ତାମୁକ୍ତ ରୁହନ୍ତୁ। ବ୍ୟାୟାମ, ଯୋଗ, ଧ୍ୟାନ ଓ ବନ୍ଧୁବାନ୍ଧବଙ୍କ ସହିତ ସକାରାତ୍ମକ ଭାବ ବିନିମୟ ମଧ୍ୟ ଉଦବିଗ୍ନତା ହ୍ରାସ କରାଥାଏ। ଏହି ନକାରାତ୍ମକ ଅନ୍ୟ ମନସ୍କତା, ଉଦବେଗ ଓ ଉତ୍ତେଜନା ଆପଣଙ୍କ ହୃତପିଣ୍ଡ ଉପରେ ଅନାବଶ୍ୟକ ଚାପ ସୃଷ୍ଟି କରିଥାଏ।
ହୃତପିଣ୍ଡ ଆମ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। କାରଣ ଏହିଠାରେ ହିଁ ଆମ ମାନଙ୍କର ଜୀବନ ରହିଛି। ଶରୀରର ମୂଲ୍ୟବାନ ଅଙ୍ଗକୁ ଯତ୍ନଶୀଳ ଓ ଶ୍ରଦ୍ଧାଶୀଳ ରଖିବାର ଦାୟିତ୍ୱ ଆପଣଙ୍କ ପାଇଁ ଆଦୌ କଠିନ କିମ୍ବା ଆହ୍ୱାନଭରା ନୁହଁ। ଚିନ୍ତାମୁକ୍ତ ହୋଇ ସକାରାତ୍ମକ ଓ ପ୍ରଫୁଲ୍ଲିତ ମାନସିକତା ରଖନ୍ତୁ ଏହା ହିଁ ସୁସ୍ଥ ହୃତପିଣ୍ଡର ସଞ୍ଜିବନୀ।

ପ୍ରଫେସର, ହୃଦ୍‌ରୋଗ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ଖାଦ୍ୟ ଯୋଗାଣ କଲ୍ୟାଣ ବିଭାଗ ମନ୍ତ୍ରୀ ଶ୍ରୀଯୁକ୍ତ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ନବରଙ୍ଗପୁର ଗସ୍ତ




ରାଇଘର, (ମହାଭାରତ) : ଆଜି ଆମ ଖାଦ୍ୟ ଯୋଗାଣ କଲ୍ୟାଣ ବିଭାଗ ମନ୍ତ୍ରୀ ଶ୍ରୀଯୁକ୍ତ କୃଷ୍ଣ ଚନ୍ଦ୍ର ପାତ୍ର ନବରଙ୍ଗପୁର ଗସ୍ତରେ ଆସି ରାଇଘର ଗସ୍ତ କରିଥିବା ବେଳେ ରାଇଘରରେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି ।ଓଡିଶା ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ପୂର୍ବତନ ସାଂସଦ ପର୍ଶୁରାମ ମାଝୀ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ସେଠି ଙ୍କ ସମେତ ସମସ୍ତ ବ୍ଲକ କର୍ମଚାରୀ ଓ ବିଜେପିର ବରିଷ୍ଠ ଓ କନିଷ୍ଠ ନେତା, ନେତ୍ରୀ ଓ କର୍ମୀ ଓ ସମର୍ଥକ ମାନେ ବିପୁଳ ସଂଖ୍ୟାରେ ଉପସ୍ଥିତ ରହି ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କୁ ଫୁଲତୋଡ଼ା ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିବା ଦେଖିବାକୁ ମିଳିଛି ।ଏହି ପରିପ୍ରେକ୍ଷୀରେ ଏକ ସାଧାରଣ ସଭାର ମଧ ଆୟୋଜନ ହୋଇଛି ।ପ୍ରଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ଆରମ୍ଭ କରାଯାଇଥିବା ବେଳେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମଞ୍ଚ ପରିଚାଳନା କରି ଅତିଥି ପରିଚୟ ପ୍ରଦାନ କରିବା ସହିତ ଅତିଥି ମାନଙ୍କୁ ମଂଚାସୀନ କରେଇଥିଲେ ।ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅଥିତିଭାବେ ଓଡିଶା ଖାଦ୍ୟ ଯୋଗାଣ କଲ୍ୟାଣ ବିଭାଗ ମନ୍ତ୍ରୀ ଶ୍ରୀଯୁକ୍ତ କୃଷ୍ଣ ଚନ୍ଦ୍ର ପାତ୍ର ଯୋଗ ଦେଇଥିବା ବେଳେ ବରେଣ୍ୟ ଅଥିତି ମାନଙ୍କ ମଧ୍ୟରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ,ଝରିଗାଁ ବିଧାୟକ ନରସିଂ ଭତ୍ରା,ଉପ ଜିଲ୍ଲାପାଳ, ସାଂସଦ ପ୍ରତିନିଧି ପ୍ରୀତି ଶିଙ୍ଗନା ମହାପାତ୍ର ଓ ବରିଷ୍ଠ ବିଜେପି କାର୍ଯ୍ୟକର୍ତାମାନେ ମଞ୍ଚାସିନ ରହିଥିଲେ ।ମୁଖ୍ୟ ଅତିଥି ଓ ବରେଣ୍ୟ ଅତିଥିମାନେ ମୋଦି ସରକାରଙ୍କ ଶାସନ ଶୈଳୀ ଓ ମୁଖ୍ୟମନ୍ତ୍ରୀଙ୍କ ବର୍ଷ ଏକ ଉପଲବ୍ଧି ଅନେକ ପ୍ରସଙ୍ଗ ଉପରେ ବିସ୍ତୃତ ଭାବେ ଜନସାଧାରଣଙ୍କୁ ବୁଝେଇଥିଲେ ।ତତ ସହିତ ମୋଦି ସରକାରଙ୍କ ଦ୍ୱାରା ପ୍ରଣିତ ହେଉଥିବା ସମସ୍ତ ଜନ କଲ୍ୟାଣ କାରି ଯୋଜନା ସବୁ ବିଷୟରେ ପ୍ରାଞ୍ଜଳ ଭାବେ ବୁଝେଇଥିଲେ ।କାର୍ଯ୍ୟକ୍ରମ ଶେଷରେ କିଛି ଚାଷୀଙ୍କୁ ବୋନସ ଟଙ୍କା ଓ କିଛି ହିତାଧିକାରୀଙ୍କୁ ରାସନ କାର୍ଡ ବଣ୍ଟନ କରାଯାଇଥିଲା ଓ କାର୍ଯ୍ୟକ୍ରମ ଶେଷ କରାଯାଇଥିଲା ।

## ସିଆର୍ ପିଏଫ୍ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ




ଲାଞ୍ଜିଗଡ, (ମହାଭାରତ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ ଉକ୍ତ ଅଞ୍ଚଳରେ ଆଦିବାସୀ ମାନେ ଜଙ୍ଗଲ କାଟି ପୋଡୁଚାଷ କରି ପରିବାର ପ୍ରତିପୋଷଣ କରି ଆସୁଛନ୍ତି। ହେଲେ ଅଞ୍ଚଳରେ ଜଙ୍ଗଲ ସୃଷ୍ଟି ହେବା ବଦଳରେ ଦିନକୁ ଦିଅ ଜଙ୍ଗଲ ନଷ୍ଟ ହେବା ଶହ ବନ୍ୟପ୍ରାଣୀ ଖାଦ୍ୟ ଅନେଶ୍ୱଣ ପାଇଁ ଗାଁ ବସତି ମୁହାଁ ହେଉଥିବା ବେଳେ ଅନେକ ଲୋକଙ୍କ ଧନ ଜୀବନ ମଧ୍ୟ ନଷ୍ଟ ହେଉଛି । ତେ୍ୱ ଅଧିକରୁ ଅଧିକ ଗଛ ଲଗାଇ ଅଞ୍ଚଳରେ ସବୁଜିମା ବୃଦ୍ଧି କରିବା ସହ ଲୋକଙ୍କ ମଧରେ ପରିବେଶ ପ୍ରତି ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଇ/୦୪ ବାଟାଲିୟନ ପୋଲିସ୍ ବାହିନୀ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ସିଆରପିଏଫ ୦୪ର୍ଥ ବାଟାଲିୟନ କମାଣ୍ଡେଣ୍ଟ ଫିରୋଜ କୁଜୁରଙ୍କ ନିର୍ଦ୍ଦେଶ ଅନୁଯାୟୀ ଆଜି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ବିଜେପୁର ପଞ୍ଚାୟତ ବିଜେପୁର ସ୍ଥିତ ସିଆର୍ ପିଏଫ୍ କ୍ୟାମ୍ପ ପରିସରରେ ଇ/୦୪ କମ୍ପାନୀ କମାଣ୍ଡର ଟି.ରାଧାକ୍ରିଷ୍ଣାଙ୍କ ନେତୃତ୍ୱରେ ପୋଲିସ ବାହିନୀ ଓ ଅଧିକାରୀ ଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ୨୫୦ ରୁ ଉର୍ଦ୍ଧ ବୃକ୍ଷ ରୋପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଜେପୁର ବନପାଳ ପଦ୍ମଲୋଚନ ଶବର, ବାଟାଲିୟନ୍ ପୋଲିସ ବାହିନୀର ସେକେଣ୍ଡ କମାଣ୍ଡର ପି.ଆପା ରାଓ ,ବିଜେପୁର ହାଇସ୍କୁଲ ଶିକ୍ଷକ ଛାତ୍ର ଛାତ୍ରୀଙ୍କ ସମେତ ସମସ୍ତ ଯବାନ ମାନେ ଅଂଶଗ୍ରହଣ କରି ବୃକ୍ଷ ରୋପଣ ସହିତ ପରିବେଶ ସୁରକ୍ଷା ପ୍ରତି ସେମାନଙ୍କର ଦାୟିତ୍ୱ ପ୍ରଦର୍ଶନ କରିଥିଲେ । ଅଧିକ ରୁ ଅଧିକ ଗଛ ଲଗାଇ ଅଞ୍ଚଳରେ ସବୁଜିମା ବୃଦ୍ଧି କରିବା ଏବଂ ଲୋକଙ୍କ ମଧ୍ୟରେ ପରିବେଶ ପ୍ରତି ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୂଖ୍ୟ ଉଦ୍ଦେଶ୍ୟ ବୋଲି ଇ/୦୪ କମ୍ପାନୀ ବାଟାଲିୟନ କମାଣ୍ଡର ଟି.ରାଧା କ୍ରିଷ୍ଣା ମତପ୍ରକାଶ କରିଥିବା ବେଳେ ବାଟାଲିୟନ ପୋଲିସ ବାହିନୀର ସମସ୍ତ ଯବାନ ସହଯୋଗ କରିଥିଲେ।

## ମାଟିତଳୁ ୩୫ ଲକ୍ଷ ଟଙ୍କା ଜବତ

ମାଲକାନଗିରି, (ମହାଭାରତ): ମାଟି ତଳେ ୩୫ ଲକ୍ଷ ଟଙ୍କା । ଓଡ଼ିଶା ଝାଡ଼ଖଣ୍ଡ ସୀମାନ୍ତ ସରଣ୍ଡା ଜଙ୍ଗଲରୁ ୩୫ ଲକ୍ଷ ଟଙ୍କା ଜବତ କରିଛନ୍ତି ସୁରକ୍ଷା ବାହିନୀ । ସର୍ଚ୍ଚ ଅପରେସନ ଚାଲିଥିବାବେଳେ ମାଟି ତଳେ ପୋତା ହୋଇଥିବା ପ୍ରାୟ ୩୫ ଲକ୍ଷ ରୁ ଉର୍ଦ୍ଧ୍ୱ ଟଙ୍କା ଉଦ୍ଧାର କରାଯାଇଛି । ଲ୍ୟାଣ୍ଡମାଇନ ବିଛାଉଥିବା ଖବର ପାଇଁ ଚାଇଁବାସା ପୋଲିସ୍, ଝାଡ଼ଖଣ୍ଡ ଜାଗୁଆର ଓ ସିଆରପିଏଫ୍ ପକ୍ଷରୁ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଥିଲା । ଏହି ସମୟରେ ମାଟି ତଳେ ପୋତା ହୋଇଥିବା ପ୍ରାୟ ୩୫ ଲକ୍ଷରୁ ଅଧିକ ଟଙ୍କା ଉଦ୍ଧାର ହୋଇଛି । ଏହି ଟଙ୍କାରେ ମାଓବାଦୀ ମାନେ ବିସ୍ଫୋରକ ସାମଗ୍ରୀ କିଣି ଜଙ୍ଗଲରେ ଲ୍ୟାଣ୍ଡମାଇନ ବିଛାଇ ବିସ୍ଫୋରଣ କିଣୁଥିବା ସୂଚନା ମିଳିଛି ।

## ୩ ଦଶନ୍ଧି ଧରି ମାଓ ସଂଗଠନରେ ସକ୍ରିୟ ମାଓ ଦମ୍ପତି କଲେ ଆତ୍ମସମର୍ପଣ, ଧରାଇଲେ ବିପୁଳ ମାଓ ସାମଗ୍ରୀ



ମାଲକାନଗିରି, (ମହାଭାରତ) : ୩ ଦଶନ୍ଧି ଧରି ମାଓ ସଂଗଠନରେ ସକ୍ରିୟ ମାଓ ଦମ୍ପତି କଲେ ଆତ୍ମସମର୍ପଣ। ଆତ୍ମସମର୍ପଣ ପରେ ମାଓ ସଙ୍ଗଠନର ଅନେକ ମାଓ ଡମ୍ପ ବିଷୟରେ ପୋଲିସକୁ ସୂଚନା ଦେଇ ବିପୁଳ ମାଓ ସାମଗ୍ରୀ କରାଇଲେ ଜବତ। ଜୋରିଗେ ନାଗରାଜୁ ଓରଫ କମଲେଶ ଏବଂ ତାଙ୍କ ପତ୍ନୀ ମେଡକା ଜ୍ୟୋତିଶ୍ୱରୀ ଓରଫ ଅରୁଣା ମାଲକାନଗିରି ଜିଲ୍ଲା ସୀମାନ୍ତ ଆନ୍ଧ୍ର ପ୍ରଦେଶ ପୋଲିସ ମହାନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଆତ୍ମସମର୍ପଣ କରିଛନ୍ତି। କମଲେଶ ରାଜ୍ୟ ଜୋନାଲ କମିଟି ସଦସ୍ୟ ଏବଂ ପୂର୍ବ ବସ୍ତର ଡିଭିଜନର ମାଓ ସଙ୍ଗଠନର ପ୍ରଭାରୀ ଥିଲେ। ୩୪ ବର୍ଷ ଧରି ମାଓ ସଂଗଠନରେ ସେ ସକ୍ରିୟ ଥିଲେ। ସେହିପରି ଅରୁଣା ଡିଭିଜନାଲ କମିଟି ସଦସ୍ୟ ଏବଂ ମାଓ ସଙ୍ଗଠନର ମୋବାଇଲ୍ ଏକାଡେମିକ୍ ପଲିଟିକାଲ୍ ଅର୍ଗାନାଇଜେସନ୍ ର ପ୍ରଭାରୀ ଥିଲେ। ପ୍ରାୟ ୩୦ ବର୍ଷ ଧରି ସେ ସଂଗଠନରେ କାର୍ଯ୍ୟ କରିଥିଲେ। ମାଓ ସଂଗଠନର ନୀତି ଏବଂ ବିଫଳତାରେ ନିରାଶ ହୋଇ ଉଭୟ ସାଧାରଣ ଜୀବନ ଯାପନ ପାଇଁ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି। ଉଭୟଙ୍କୁ ୨୦ ହଜାର ଲେଖାଏଁ ଅର୍ଥ ରାସୀ ପ୍ରଦାନ ସହ ଆଗାମୀ ଦିନରେ ସରକାରୀ ନୀତି ନିୟମ ଅନୁଯାୟୀ ଥଇଥାନ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ତେବେ ସବୁଠାରୁ ବଡ କଥା ହେଉଛି ଆତ୍ମସମର୍ପଣ ପରେ ଏହି ମାଓ ଦମ୍ପତିଙ୍କ ସୂଚନା ଆଧାରରେ ଆନ୍ଧ୍ର ପ୍ରଦେଶ ପୋଲିସ ବିଭିନ୍ନ ଜଙ୍ଗଲ ମଧ୍ୟରୁ ମାଓବାଦୀଙ୍କ ଦ୍ୱାରା ଲୁଚାଇ ରଖା ଯାଇଥିବା ବିପୁଳ ପରିମାଣର ମାଓ ସାମଗ୍ରୀ,ଅସ୍ତ୍ର ଶସ୍ତ୍ର ଆଦି ଜବତ କରିଛି।

## ବିଧାୟକଙ୍କ ମୋଟୁ ଓ ଏମ୍. ଭି-୭୯ ଅଞ୍ଚଳ ଗ୍ରସ୍ତ



ମାଲକାନଗିରି, (ମହାଭାରତ) : କାଲି ବିଧାୟକ ମୋଟୁ ଓ ଏମ୍. ଭି-୭୯ ଅଞ୍ଚଳ ଗ୍ରସ୍ତ କରି ବିଭିନ୍ନ ସମସ୍ୟା ଉପରେ କରିଥିଲେ ଆଲୋଚନା । ସୂଚନା ଥାଉକି ଗତକାଲି ବିଧାୟକ ନରସିଂଘ ମାଡକାମୀ ମୋଟୁ ଓ ଏମ୍. ଭି-୭୯ ଗ୍ରସ୍ତ କରିଥିଲେ ଏବଂ ସେହି ଗ୍ରସ୍ତ ସମୟରେ ସେହି ଅଞ୍ଚଳର ବିଭିନ୍ନ ସମସ୍ୟା ଗୁଡିକ ଉପରେ ଆଲୋଚନା କରିଥିଲେ । ଯେଉଁଳି କି ଲଗାଣ ବର୍ଷା ପାଇଁ ବନ୍ୟା ପରିସ୍ଥିତି,ବିଦ୍ୟୁତ, ନେଟୱର୍କ, ରାସ୍ତା ଏବଂ ଚାଷୀମାନଙ୍କ ମଣ୍ଡି କାର୍ଡ଼ ବିଷୟରେ ଆଲୋଚନା କରିଥିଲେ । ସେଭଳି ପ୍ରତ୍ୟେକ ଗ୍ରାମ ଗୁଡିକରେ ଥିବା ଚାଷୀମାନେ କିଭଳି ମଣ୍ଡି କାର୍ଡରେ ସୁବିଧା ପାଇବେ ଏବଂ ଯେମିତି କିଛି ଅସୁବିଧା ସମ୍ମୁଖୀନ ହେବେ ନାହିଁ ସେହି ବିଷୟରେ ଆଲୋଚନା କରିବା ସହ ଅସୁବିଧା ହେଲେ ତୁରନ୍ତ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ବିଧାୟକ ନରସିଂଘ ମାଡକାମୀ କ୍ଷ ଏହା ସହ ଏମ୍. ଭି-୭୯ ଠାରେ ପହଞ୍ଚି ଅଞ୍ଚଳରେ ରହିଥିବା ସମସ୍ତ ବିଜେପି କର୍ମୀଙ୍କୁ ଡାକି ଏକ ବୈଠକ କରିବା ସହ ଅଞ୍ଚଳରେ ଥିବା ସମସ୍ୟା ଗୁଡିକ ଉପରେ ପଚାରି ବୁଝିଥିଲେ । ଯେପରିକି ଏମ୍. ଭି-୭୯ ଠାରୁ ମେଡିକାଲ ଦେଇ ଯାଇଥିବା ରାସ୍ତାର ଅବସ୍ଥା ବହୁତ ଶୋଚନୀୟ ହୋଇପଡିଥିବା ବେଳେ ତାହାର କେମିତି ମରାମତି କାର୍ଯ୍ୟ କରାଯିବ ଓ ଏକ ନିର୍ଦ୍ଦିଷ୍ଟ ନେଟୱର୍କ ଯାହାକି ର ଅସୁବିଧା ଯେଉଁଳି ଇଲେକ୍ଟ୍ରି ଚାଲିଗଲେ ନେଟୱର୍କ ଚାଲିଯାଏ ଏବଂ ଇଣ୍ଟରନେଟର ଅସୁବିଧା ଭୋଗିବା ପାଇଁ ପଡିଥାଏ ଏହି ଏମ୍. ଭି-୭୯ ସହ ଆଖପାଖ ଅଞ୍ଚଳବାସୀଙ୍କୁ । ଏବଂ ବହୁ ବର୍ଷ ଧରି ଏମ୍.ଭି-୭୯ରେ ଏକ ଗୋଷ୍ଠୀ ଶୌଚାଳୟ ତିଆରି ହୋଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରି ନ ଥିବା ବେଳେ ବସ ଆସୁଥିବା ଯାତ୍ରୀ, କଲେଜ ଛାତ୍ର ଛାତ୍ରୀ ଏବଂ ଏଠି ରହୁଥିବା ଅଞ୍ଚଳବାସୀ ଏହି ସୁବିଧାରୁ ବଞ୍ଚିତ ହେବା ସହ ସରକାରଙ୍କ ଲକ୍ଷାଧିକ ଟଙ୍କାରେ ନିର୍ମିତ ଏହି ଶୌଚାଳୟ ଆଜି ବଣ ଜଙ୍ଗଲ ରେ ପରିପୂର୍ଣ୍ଣ ହୋଇ ରହିଛି କ୍ଷ ତେଣୁ ଏହି ସବୁ ସୁବିଧା ଯୋଗେଇ ଦିଆଗଲେ ଲୋକେ ବହୁତ ଉପକୃତ ହେବା ସହ ସମସ୍ୟାର ସମାଧାନ ହୋଇପାରି ଥାନ୍ତା । ଏହା ସହ ଆଜି ମୋଟୁ ଠାରେ କାର୍ଗୀଲ ଦିବସ ପାଳନ କରାଯାଇଛି ଏଥିରେ ଉପସ୍ଥିତ ଥିଲେ ମାଲକାନଗିରି ବିଧାୟକ ଶ୍ରୀଯୁକ୍ତ ନରସିଂଘ ମାଡକାମି ଏବଂ ଜିଲ୍ଲା ସମ୍ପାଦକ ଭୂବନିଶଙ୍କର ମୂଖାର୍ଜୀ ଏବଂ ଜିଲ୍ଲା ଉପ ସଭାପତି ସପନ ରାୟ ଏବଂ ମାଲକାନଗିରି ବ୍ଲକ ଉପ ଅଧକ୍ଷ ନିରଞ୍ଜନ ଆଲଦାର ଏବଂ କାଲିମେଳା ବିଧାୟକ ପ୍ରତିନିଧି ହରିଲାଶ ମଣ୍ଡଳ ଜିଲ୍ଲା କାର୍ଯ୍ୟ କର୍ତ୍ତା ଏବଂ ବିଧାୟକ ସହଯୋଗି ସୋମନାଥ ମାଢ଼ି ଏବଂ ମୋଟୁ ରମେଶ ସୋଡି ଓ ଅନ୍ୟାନ୍ୟ ଭାରତୀୟ ଜନତା ପାର୍ଟି କାର୍ଯ୍ୟକର୍ତ୍ତା ଭାଇ ମାନେ ଉପସ୍ଥିତ ଥିଲେ ।

## ମାଲକାନଗିରିରେ ପୁଣି ଲଜ୍ଜା : ଲିଫ୍ଟ ଦେବା ବାହାନାରେ ନାବାଳିକାଙ୍କ ସହ କଲେ ଦୁଷ୍କର୍ମ



ମାଲକାନଗିରି, (ମହାଭାରତ) : ମାଲକାନଗିରି ଜିଲ୍ଲା ଓରକେଲ ଥାନାରେ ପୁଣି ଜଣେ ନାବାଳିକା ଦୁଷ୍କର୍ମ ର ଶିକାର ହୋଇଥିବା ନେଇ ଶନିବାର ଏକ ମାମଲା ରୁଜୁ ହୋଇଛି। ତେବେ ଗତ ୭ ଦିନ ପୂର୍ବେ ଜଣେ ନାବାଳିକା ଗଣଦୁଷ୍କର୍ମ ର ଶିକାର ହୋଇଥିବା ଖବର ସାରା ରାଜ୍ୟରେ ଚହଳ ସୃଷ୍ଟି କରିଥିବା ବେଳେ ଆଜି ପୁନଃ ମାଲକାନଗିରି ଜିଲ୍ଲା ଓରକେଲ ଥାନାରେ ଏପରି ସମାନ ଘଟଣା ଦେଖିବାକୁ ମିଳିଛି। ମିଳିଥିବା ସୂଚନାନୁଯାୟୀ ନାବାଳିକା ଜଣକ ଗତ ବର୍ଷ ଦଶମ ପରୀକ୍ଷା ରେ ଉତ୍ତୀର୍ଣ୍ଣ ହୋଇ ନିଜ ମାମୁଁ ଘର କୁଡୁମୁଲୁଗୁମ୍ମା ଫାଣ୍ଡି ଅଞ୍ଚଳରେ ରହୁଥିଲେ। ତେବେ ନାବାଳିକା ଜଣଙ୍କ ନିଜ ଘର ତାଙ୍କ ମାମୁଁ ଘର ଠାରୁ ୨୫ କିମି ଦୂରତା ହୋଇଥିବା ବେଳେ ସେ ନିଜ ଗ୍ରାମରୁ ଫେରିବା ବାଟରେ ଜଣେ ବାଇକ ଚାଳକ ତାଙ୍କ ମାମୁଁ ଘର ଗ୍ରାମ ଅଞ୍ଚଳର ହୋଇଥିବା ଦେଖି ସେ ତାଙ୍କ ବାଇକ ରେ ବସିଥିଲେ। ତେବେ ବାଇକ ଚାଳକ ଜଣକ ତାଙ୍କ ମାମୁଁ ଘର ଗ୍ରାମ କୁ ନ ନେଇ ତାଙ୍କୁ ପ୍ରବର୍ତ୍ତାଇ ଚିତ୍ରକୋଣ୍ଡା ଡ୍ୟାମ ବୁଲିବାକୁ ଉକ୍ତ ନାବାଳିକା ଙ୍କୁ ନେଇଥିଲେ। ପରେ ସନ୍ଧ୍ୟା ହେବାରୁ ସେ ଅନ୍ଧାର ର ସୁଯୋଗ ନେଇ ନାବାଳିକାଙ୍କ ସହ ଜୋର ଜବରଦସ୍ତ ଦୁଷ୍କର୍ମ କରିଥିଲେ। ଏହାପରେ ବାଇକ ଚାଳକ ଜଣଙ୍କ ଅତି ଚାଲାକ ର ସହ ରାତ୍ର ସମୟରେ ଉକ୍ତ ନାବାଳିକା ଙ୍କୁ ନେଇ ତାଙ୍କ ମାମୁଁ ଘର ଗ୍ରାମର ଶେଷ ମୁଣ୍ଡ ରେ ଛାଡି ଦେଇଥିଲେ। ପରେ ସକାଳେ ନାବାଳିକା ଜଣଙ୍କ ତାଙ୍କ ସହ ଉକ୍ତ ବାଇକ ଚାଳକ ଲିଫ୍ଟ ଦେବା ବାହାନାରେ ଗତ ୨୦ ତାରିଖରେ ଦୁଷ୍କର୍ମ କରିଥିବା ନେଇ ସବୁ ସତ୍ୟତା ବଖାଣିଥିଲେ। ଏହାପରେ ନାବାଳିକା ଙ୍କ ମାମୁଁ ଘର ଗ୍ରାମର ସବୁ ଭଦ୍ର ଲୋକମାନଙ୍କୁ ନେଇ ଏକ ପ୍ରଜାକୋର୍ଟ ବସାଇଥିଲେ। ଉକ୍ତ ବୈଠକକୁ ଉକ୍ତ ବାଇକ ଚାଳକ ଜଣଙ୍କ ନ ଆସି ଅନ୍ୟତ୍ର ଫେରାର ହୋଇ ଯାଇଥିଲେ। ପରେ ପୀଡିତା ର ମାମୁଁ ବାଧ୍ୟହୋଇ ଶନିବାର ଓରକେଲ ଥାନା ର ଦ୍ୱାରସ୍ଥ ହୋଇ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଏନେଇ ଥାନାରେ କେସ ନଂ ୨୦୦/୨୫ ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଦୁଷ୍କର୍ମକାରୀ ରୁ ଗିରଫ ନିମନ୍ତେ ଖୋଜିବା ଆରମ୍ଭ କରିଥିବା ଜଣାପଡିଛି। ତେବେ ଦୁଷ୍କର୍ମକାରୀଙ୍କ ନାମ ଦୟା ମାଢ଼ି(୪୫) ବୋଲି ସୂଚନା ମିଳିଛି। ତେବେ ବର୍ତ୍ତମାନ ସୁଦ୍ଧା ସେ ଫେରାର ରହିଥିବା ବେଳେ ଓରକେଲ ଥାନା ଧୀରେନ ପଟ୍ଟନାୟକ ଙ୍କ ନେତୃତ୍ୱରେ ଏକ ଟିମ ତାଙ୍କୁ ଖୋଜି ବାହାର କରିବା ନିମନ୍ତେ ଏକ ସକ୍ରିୟ ଟିମ ଗଠନ କରିଥିବା ସୂଚନା ମିଳିଛି। ତେବେ ବର୍ତ୍ତମାନ ପୀଡିତାଙ୍କ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରୀ ମାଇନା ଚାଲିଥିବା ଜଣାପଡିଛି।

## ଗୋଟିଏ ଗାଁରେ ଆଠଟି ପ୍ରକଳ୍ପ: ଆଇଟିଡିଏ ସାଜିଛି ସୁନା ଅଣ୍ଡା ଦିଆ କୁକୁଡ଼ା

ଗୋଲାମୁଣ୍ଡା, (ମହାଭାରତ) ଆଦିବାସୀ ଅଧ୍ୟୁସିତ କଳାହାଣ୍ଡି ଜିଲ୍ଲାର ଆଦିବାସୀଙ୍କ ବିକାଶ ଓ ହିତ ପାଇଁ ବିପୁଳ ଅର୍ଥ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) କୁ ସରକାର ଯୋଗାଇ ଦେଉଛନ୍ତି । ଏହି ସଂସ୍ଥା ମାଧ୍ୟମରେ ଗ୍ରାମାଞ୍ଚଳ ର ଆଦିବାସୀ ମାନଙ୍କ ଗମନାଗମନ ନିମନ୍ତେ କଳାହାଣ୍ଡି ଜିଲ୍ଲା ଆଇଟିଡିଏ ଥୁଆମୁଲରାମପୁର ଭବାନୀପାଟଣା ତରଫରୁ ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଗଣ୍ଡାମେର ପଞ୍ଚାୟତ ରେ ବିଭିନ୍ନ ରାସ୍ତା ନିର୍ମାଣ କାର୍ଯ୍ୟ ହୋଇଅଛି । ଗଣ୍ଡାମେର ପଞ୍ଚାୟତ ର ସର୍ଗିଗୁଡା ଆରଡ଼ି ରାସ୍ତା ଠାରୁ ବାମନିମରା ରାସ୍ତା ର କଂକ୍ରିଟ ସହ ଗାର୍ଡୱେଲ ନିର୍ମାଣ ପାଇଁ ରାଜ୍ୟସଭା ସାଂସଦ ପାଣ୍ଠି ରେ ୧୦ଲକ୍ଷ ଟଙ୍କା ଅଟକଳ ପରିମାଣ ରେ ରାସ୍ତା କାର୍ଯ୍ୟ ହୋଇଥିବା ନେଇ ସୂଚନା ଫଳକ ରେ ଦର୍ଶାଯାଇଛି । ହେଲେ ସୂଚନା ଫଳକ ଅନୁସାରେ ରାସ୍ତା ସହ ଗାର୍ଡୱେଲ ନିର୍ମାଣ ହେବା ପରିବର୍ତ୍ତେ କେବଳ ରାସ୍ତା ନିର୍ମାଣ କରି ଏତିକି ରେ କାମ ସାରି ଦେଇଛନ୍ତି । ସେହିପରି ଉକ୍ତ ପଞ୍ଚାୟତ ରେ ଆର୍ଥିକ ବର୍ଷ ୨୦୨୫-୨୬ ଅନୁସାରେ ସର୍ଗିଗୁଡା ଆରଡ଼ି ରାସ୍ତା ଠାରୁ କରାଡ଼ଙ୍ଗରି ରାସ୍ତାର କଂକ୍ରିଟ ସହ ଗାର୍ଡୱେଲ ନିର୍ମାଣ କାର୍ଯ୍ୟ ପାଇଁ ୧୦ଲକ୍ଷ ଟଙ୍କା ,ସର୍ଗିଗୁଡା ଆରଡ଼ି ଛକ ଠାରୁ ବନ୍ଧପଡା ରାସ୍ତାର କଂକ୍ରିଟ କରଣ ନିମନ୍ତେ ୧୦ଲକ୍ଷ ଟଙ୍କା,ସର୍ଗିଗୁଡା ବନ୍ଧପଡା ରାସ୍ତା ଠାରୁ ସ୍କୁଲ ରାସ୍ତା ର କଂକ୍ରିଟ କରଣ ନିମନ୍ତେ ୧୦ଲକ୍ଷ ଟଙ୍କା,ସର୍ଗିଗୁଡା ବନ୍ଧପଡା ରାସ୍ତା ଠାରୁ ଟେଙ୍କ ରାସ୍ତାର ଉନ୍ନତି କରଣ ନିମନ୍ତେ ୧୦ଲକ୍ଷ ଟଙ୍କା ଏଭଳି ଗୋଟିଏ ଗାଁ ରେ ଆଠ ଗୋଟି ପ୍ରକଳ୍ପ ବାବଦକୁ ୮୦ଲକ୍ଷ ଟଙ୍କା ବିନିମୟରେ କେବଳ ରାସ୍ତା କାର୍ଯ୍ୟ ନିର୍ମାଣ ହୋଇଅଛି। ସୂଚନା ଫଳକ ଅନୁଯାୟୀ ଗାର୍ଡୱେଲ ନିର୍ମାଣ କରିବାର ନିୟମ ରହିଥିବା ବେଳେ ଜୈନିକ ଠିକାଦାର ଜଣକ ରାସ୍ତା ତିଆରି କରି କାମ ସାରିଦେଇଥିବା ଜଣାପଡିଛି । ଅନ୍ୟପଟେ ଗୋଲାମୁଣ୍ଡା ବ୍ଲକ ରେ ଅନେକାଂଶ ଆଦିବାସୀ ଅଧ୍ୟୁଷିତ ଗ୍ରାମପଞ୍ଚାୟତ ରହିଛି ।

## ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ସାଧାରଣ ଜନତାଙ୍କ ସହ ୧୨୪ତମ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଶୁଣିଲେ








ପାରଦ୍ୱିପ, (ମହାଭାରତ) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଙ୍କ ଲୋକପ୍ରିୟ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ର ୧୨୪ତମ ସଂସ୍କରଣ ରବିବାର ଦିନ ପ୍ରସାରିତ ହୋଇଯାଇଛି । ଦଳମତ ନିର୍ବିଶେଷରେ ଏହି କାର୍ଯ୍ୟକ୍ରମ କୁ ସର୍ବସାଧାରଣରେ ଶୁଣିଥିଲେ। ଏହି ପରିପ୍ରେକ୍ଷୀରେ ପାରାଦୀପ ବିଧାୟକ ତଥା ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପାରାଦ୍ୱୀପସ୍ଥିତ ନିଜ ବାସଭବନ ପରିସରରେ ନିଜ ସମର୍ଥକ ଓ ସାଧାରଣ ଜନତାଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୨୪ତମ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଶୁଣିଲି । ସେହିପରି ପାରାଦୀପ ବିଜେପି କାର୍ଯ୍ୟାଳୟ ପରିସରରେ ମଣ୍ଡଳ ସଭାପତି ସୁବ୍ରତ ପ୍ରଧାନ, ମନ୍ତ୍ରୀ ଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂହ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଙ୍କ ସହ ଏହି କାର୍ଯ୍ୟକ୍ରମ ଶୁଣିବା ସହ ବିଭିନ୍ନ ୱାର୍ଡ ମାନଙ୍କରେ ଏହି କାର୍ଯ୍ୟକ୍ରମକୁ ବହୁସଂଖ୍ୟାରେ ଲୋକେ ଶୁଣିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଅନ୍ତରୀକ୍ଷରୁ ସୁରକ୍ଷିତ ଭାବେ ପ୍ରତ୍ୟାବର୍ତ୍ତନ କରିଥିବା ବାୟୁସେନା ଗ୍ରୁପ୍ କ୍ୟାପଟେନ୍ ଶୁଭାଂଶୁ ଶୁକ୍ଲାଙ୍କ କଥା ଏବଂ ଚନ୍ଦ୍ରଯାନ-୩ ବିଷୟରେ ଉଲ୍ଲେଖ କରିବା ସହ ମହାକାଶକୁ ନେଇ ଦେଶର ଯୁବବର୍ଗଙ୍କ ମଧ୍ୟରେ ଉତ୍କଣ୍ଠା ଜାତ ହୋଇଥିବା କଥା ପ୍ରକାଶ କରିଥିଲେ । ଆସନ୍ତା ୨୩ ଅଗଷ୍ଟରେ ପାଳିତ ହେବାକୁ ଥିବା 'ଜାତୀୟ ଅନ୍ତରୀକ୍ଷ ଦିବସ' ଉପରେ ନୂତନ କଳ୍ପନା କୁ ନମୋ ଆପ୍ ମାଧ୍ୟମରେ ପଠାଇବା ପାଇଁ କହିଛନ୍ତି । ସେହିପରି ପ୍ରଧାନମନ୍ତ୍ରୀ ଅଲିମ୍ପିୟାଡ଼ ରେ ପଦକ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କ କଥା ଉଲ୍ଲେଖ କରିଥିଲେ । ଦେଶର ସ୍ୱାଧୀନତା ପାଇଁ ବଳିଦାନ ଦେଇଥିବା ଶହୀଦ ଖୁଦିରାମ ବୋଷ, ମହାନ୍ ସ୍ୱାଧୀନତା ସଂଗ୍ରାମୀ ଲୋକମାନ୍ୟ ବାଲ ଗଙ୍ଗାଧର ତିଳକ ଏବଂ ଗାନ୍ଧିଜୀଙ୍କ ଭାରତ ଛାଡ ଆନ୍ଦୋଳନର ନେତୃତ୍ୱ କଥା ପ୍ରକାଶ କରିବା ସହ 'ବିଭାଜନ ବିଭୀଷିକା ସ୍ମୃତି ଦିବସ'କୁ ମନେ ପକାଇଥିଲେ ପ୍ରଧାନମନ୍ତ୍ରୀ । ଏହାସହ ସ୍ୱଦେଶୀ ଆନ୍ଦୋଳନ ହସ୍ତତନ୍ତକୁ କିପରି ଶକ୍ତି ପ୍ରଦାନ କରିଥିଲା ଏବଂ ଆସନ୍ତା ୭ ଅଗଷ୍ଟରେ 'ଜାତୀୟ ହସ୍ତତନ୍ତ ଦିବସ' ପାଳନର ୧୦ ବର୍ଷ ପୂର୍ତ୍ତି ସମ୍ପର୍କରେ ଉଲ୍ଲେଖ କରିବା ସହ ଟେକ୍ସଟାଇଲ୍ ଶିଳ୍ପ ବିଷୟରେ ସୂଚନା ଦେଇ ମୟୂରଭଞ୍ଜ ଜିଲ୍ଲାର ୬୫୦ ଜନଜାତି ମହିଳା କିଭଳି ଭାବେ ସାନ୍ତାଳୀ ଶାଢ଼ୀ ବୁଣି ମାସକୁ ହଜାର ହଜାର ଟଙ୍କା ରୋଜଗାର କରିପାରୁଛନ୍ତି ଏବଂ ସମାଜରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ତାହା ପ୍ରଧାନମନ୍ତ୍ରୀ 'ମନ୍ କୀ ବାତ୍'ରେ ପ୍ରକାଶ କରିଛନ୍ତି । ଏହାସହିତ ବଢୁଥିବା ଟେକ୍ସଟାଇଲ୍ ଓ ଆପାରେଲ୍ ମାର୍କେଟ ବିଷୟରେ ଅବଗତ କରାଇବା ସହ 'ଭୋକାଲ ଫର ଲୋକାଲ'କୁ ପ୍ରୋତ୍ସାହନ ଦେବାକୁ ଆହ୍ୱାନ ଦେଇଥିଲେ । ପ୍ରଧାନମନ୍ତ୍ରୀ ମୋଦୀ, କେନ୍ଦୁଝର ଜିଲ୍ଲାର ରାଧାକୃଷ୍ଣ ସଂକୀର୍ତ୍ତନ ମଣ୍ଡଳୀ ଏବଂ ଗାୟିକା ଶ୍ରୀମତୀ ପ୍ରମିଳା ପ୍ରଧାନ, କୀର୍ତ୍ତନ ମାଧ୍ୟମରେ ଭକ୍ତି ଓ ପରିବେଶ ସୁରକ୍ଷା ପାଇଁ ଦେଉଥିବା ସଚେତନତାର ବାର୍ତ୍ତା କଥା କହିବା ସହ 'ଖେଲୋ ଭାରତ ନୀତି ୨କ୍ସ୨୫' କୁ ଜନଆନ୍ଦୋଳନରେ ପରିଣତ ହୋଇଥିବା 'ସ୍ୱଚ୍ଛ ଭାରତ ମିଶନ', 'ୱେଷ୍ଟ ମ୍ୟାନେଜମେଣ୍ଟ' ଏବଂ 'ଗ୍ରୀନ ରୋଇଙ୍ଗ ଇନିସିଏଟିଭ' ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ମହାନଦୀ କୋଲଫିଲଡ ସହିତ ତିନୋଟି ବୁଝାମଣା ପତ୍ର ସ୍ୱାକ୍ଷର କରିଛି ଜିଲ୍ଲା ପ୍ରଶାସନ



ରାୟଗଡ଼ (ମହହାଭାରତ): ମହାନଦୀ କୋଲ ଫିଲଡ ସହିତ ତିନୋଟି ବୁଝାମଣା ପତ୍ର ସ୍ୱାକ୍ଷର କରିଛି ଜିଲ୍ଲା ପ୍ରଶାସନ । ଜିଲ୍ଲାପାଳ ରାୟଗଡ଼ ଶ୍ରୀମତୀ ପାରୁଲ ପାଟୱାରୀ ଓ ମହାନଦୀ କୋଲଫିଲଡର ପ୍ରବନ୍ଧକ ଶୁଭ୍ରଜ୍ୟୋତି ସାହୁଙ୍କ ମଧ୍ୟରେ ସାକ୍ଷାରିତ ହୋଇଛି । କମ୍ପାନୀରେ ସିଏସଆର ପାଣ୍ଠିରେ ବିଦ୍ୟାଞ୍ଜଳି ଯୋଜାନରେ ଜିଲ୍ଲାର ଜନଜାତି ବିଦ୍ୟାଳୟ ମାନଙ୍କରେ ଅନ୍ତେବାସୀ ମାନଙ୍କ ବିଭିନ୍ନ ସୁବିଧା ଯଥା ଖଟ, ଗଦା ଓ ଆର (ଜଡ)ଯୋଗାଇଦେବା ନିମନ୍ତେ ୪କୋଟି ୫୦ଲକ୍ଷ ଟଙ୍କାର ଗୋଟିଏ ବୁଝାମଣା ପତ୍ର ସ୍ୱାକ୍ଷର ହୋଇହିଛି । ଏହି ଅର୍ଥ ଜିଲ୍ଲାପ୍ରଶକ୍ଷସନ ଜରିଆରେ ଖର୍ଚ୍ଚ କରାଯିବ । ସେହିପରି ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗୋଟିଏ ଡାଏଲିସିସ ୟୁନିଟ କିବିବା ନିମନ୍ତେ ୫୮ଲକ୍ଷ ଟଙ୍କା କମ୍ପାନୀରେ ସିଏସ ଆର ପାଣ୍ଠିରୁ ଜିଲ୍ଲାପ୍ରଶାସନ ପ୍ରଦାନ କରାଯିବକ୍ଷ ନିମନ୍ତେ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଯାହାଫଳରେ ସ୍ଥାନୀୟ ରୋଗୀମାନେ ଚିକିତ୍ସା ସୁବିଧା ନିକଟରେ ପାଇପାରିବେ କ୍ଷସେହିପରି ଅନ୍ୟଟି ଜିଲ୍ଲାର ଗର୍ବବତୀ ମହିଳା ଓ ଶିଶୁ ସ୍ୱାସ୍ଥ୍ୟ ଅବନତି ଏବଂ ଅପବ୍ୟୟକୁ ସମାଧାନ କରିବା ପାଇଁ, ଏକ ବହୁମୁଖୀ ପଦ୍ଧତି ଆବଶ୍ୟକୟ ଗର୍ଭାବସ୍ଥା ପୂର୍ବରୁ ଏବଂ ଗର୍ଭାବସ୍ଥାରେ ମହିଳାମାନଙ୍କର ପୁଷ୍ଟିସାର ଉତ୍ତତି, ସ୍ତନ୍ୟପାନକୁ ସମର୍ଥନ କରିବା, ଛୋଟ ପିଲାମାନଙ୍କ ପାଇଁ ଖାଦ୍ୟର ଗୁଣବ□। ବୃଦ୍ଧି କରିବା ଏବଂ ସେମାନଙ୍କୁ ସଂକ୍ରମଣରୁ ରକ୍ଷା କରିବା ଉପରେ ଧ୍ୟାନ ଦେବା। ଏକକାଳୀନ, ଗୁରୁତର ଭାବରେ ଅପବ୍ୟୟ ହୋଇଥିବା ପିଲାମାନଙ୍କ ପାଇଁ ସମୟୋଚିତ ଏବଂ ଉପଯୁକ୍ତ ଯତ୍ନ ପ୍ରଦାନ କରିବା ସେମାନଙ୍କ ଜୀବନ ଏବଂ ବିକାଶକୁ ସୁରକ୍ଷିତ ରଖିବା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଜିଲ୍ଲାର କାଶୀପୁର, ପଦ୍ମପୁର ଓ ମୁନିଗୁଡା ବ୍ଲକରେ ଗର୍ଭବତୀ ମହିଳା ଓ ଶିଶୁମାନଙ୍କ ଅପପୁଷ୍ଟିରେ ଉନ୍ନତି ଆଣିବା ନିମନ୍ତେ କାର୍ଯ୍ୟକ୍ରମକୁ କାର୍ଯ୍ୟ କରିବା ନିମନ୍ତେ ୩କୋଟି ୯୬ଲକ୍ଷ ୨୧ହଜାର ୨୪୫ଟଙ୍କାର କମ୍ପାନୀ ସହିତ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ଏହି ଚୁକ୍ତି ସ୍ୱାକ୍ଷର ବେଳେ ଜିଲ୍ଲାପ୍ରଶାସନ ତରଫରୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିହାର ରଞ୍ଜନ କହଁର ଓ ମହାନଦୀ କଫିଲଡ ତରଫରୁ ରହିତ ସିଂହ ଉପସ୍ଥିତ ଥିଲେ ।

## ବାସୁଦେବ କୋଚିଂ ସେଣ୍ଟର ତରଫରୁ ରକ୍ତଦାନ ଶିବିର

ଗଣିଆ,(ମହାଭାରତ): ଗଣିଆ ବ୍ଲକର ଜଗନ୍ନାଥପ୍ରସାଦ ଗ୍ରାମର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଠାରେ ବାସୁଦେବ କୋଚିଂ ସେଣ୍ଟର ତରଫରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି ।ଏହି ଶିବିର ରେ ୩୦ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ଡଃ ରଜତ କୁମାର ପଣ୍ଡା ଙ୍କ ଅଧ୍ୟକ୍ଷତା ରେ ବାସୁଦେବ କୋଚିଂ ସେଣ୍ଟର ର ଅଧକ୍ଷ କାମାକ୍ଷା ପ୍ରସାଦ ଜେନା, - ତଥା ସମାଜ ସେବୀ ବିଭୁତି ମିଶ୍ର ସହଯୋଗ କରିଥିଲେ । ଏହାର ଉଦେଶ୍ୟ ଜୀବନ ଏକ ଅମୂଲ୍ୟ ସମ୍ପଦ ରକ୍ତ ପାଇଁ କାହା ଜୀବନ ନଯାଉ ସେଥିପାଇଁ ଏ ପ୍ରୟାସ ।ଏଥିରେ ସମସ୍ତ ଜନସାଧାରଣଙ୍କୁ ଆହ୍ୱାନ କରାଯାଉଛି ଯେ ରକ୍ତ ଦାନ ମହତ ଦାନ ।ଏହି ଶିବିର ରେ ବହୁ ପୁରୁଷ. ଓ ମହିଳା ସ୍ୱେଚ୍ଛାକୃତ ଭାବେ ଆସି ରକ୍ତ ଦାନ କରି ଏକ ଅମୂଲ୍ୟ ଜୀବନ ବଞ୍ଚାଇବାକୁ ସହଯୋଗ କରିଥିଲେ।

## ସାମ୍ବାଦିକ ଅଜିତ ମଲ୍ଲିକଙ୍କ ଅକାଳ ବିୟୋଗ ରେ ଶ୍ରଦ୍ଧାଞ୍ଜଳି ସଭା



କାକଟପୁର(ମହାଭାରତ) :କୋଣାର୍କ ର ଉଦୀୟମାନ ସାମ୍ବାଦିକ ଅଜିତ ମଲ୍ଲିକ ଙ୍କ ଅକାଳ ବିୟୋଗ ରେ ଆଜି କାକଟପୁର ପ୍ରେସ କ୍ଲବ ସହଯୋଗ ରେ ପୁରୀ ଜିଲ୍ଲା ପେଷାଦାର ସାମ୍ବାଦିକ ସଙ୍ଘ ର ଆୟୋଜନ କରିଛି ଶ୍ରଦ୍ଧାଞ୍ଜଳି ସଭା, ଅଜିତ ଜଣେ ଦକ୍ଷ, ଉଚ୍ଚ କୋଟିର ସାମ୍ବାଦିକ କେବଳ ନଥିଲେ ଜଣେ ଜନହିତକର ସମାଜସେବୀ ମଧ୍ୟ ଥିଲେ, ସାମ୍ବାଦିକତା କ୍ଷେତ୍ର ରେ ତାଙ୍କ ର ନିଷ୍ଠାବାନ ପ୍ରଚେଷ୍ଟା ଆଉ ତ୍ୟାଗ ସମାଜ କଲ୍ୟାଣ ପାଇଁ ଏକ ଉଦାହରଣ ସୃଷ୍ଟି କରିଛ। ବଳଙ୍ଗା ରେ ଜନ୍ମ ଗ୍ରହଣ କରିଥିଲେ ୧୯୭୩ ମସିହା ମଇ ମାସ ୨୪ ତାରିଖ, ଜଣେ ସ୍ୱାଧୀନତା ସଂଗ୍ରାମୀ ଙ୍କ ପରିବାର ରୁ ଆସିଥିଲେ ଅଜିତ ବାବୁ, ତାଙ୍କ ଜେଜେ ଜଣେ ସ୍ୱାଧୀନତା ସଂଗ୍ରାମୀ, ବାପା ମା ଉଭୟ ସାଧାରଣ ଶିକ୍ଷକ ଆଉ ସେ ଥିଲେ ଗଣତନ୍ତ୍ର ର ଚତୁର୍ଥ ସ୍ତମ୍ଭ ର ଏକ ଉଚ୍ଚକୋଟି ର ସାମ୍ବାଦିକ, ତାଙ୍କ ର ଅନ୍ୟ ଏକ ପରିଚୟ ରହିଛି । ସାଲିସ ବିହୀନ ସାମ୍ବାଦିକ , କୋଣାର୍କ କାର୍ଯ୍ୟାଳୟ ରେ କାର୍ଯ୍ୟରତ ସମୟ ରେ ଚଳିତ ବର୍ଷ ଜୁଲାଇ ମାସ ୨୧ ତାରିଖ ରେ ଟଳିପଡ଼ିଥିଲେ। ଏପରି ଅବସ୍ଥା ରେ ଥିଲେ ଅନ୍ୟ ମାନେ ଭାବୁଛନ୍ତି ସେ ଶୋଇଛନ୍ତି କିନ୍ତୁ ବାସ୍ତବ ରେ ସବୁଦିନ ପାଇଁ ଶୋଇଯାଇଥିଲେ ଅଜିତ। ଏହି ଶ୍ରଦ୍ଧାଞ୍ଜଳି ସଭା ରେ ଜିଲ୍ଲା ସଭାପତି ପୂର୍ଣ୍ଣ ଚନ୍ଦ୍ର ନାୟକ, ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ତ୍ରିପାଠୀ, କାକଟପୁର ପ୍ରେସ କ୍ଲବ ସଭାପତି କମଳ ଲୋଚନ ଦୀକ୍ଷିତ, ଗୋପ ର ବରିଷ୍ଠ ସାମ୍ବାଦିକ ଭାରତୀ ଭୂଷଣ ଉପାଧ୍ୟାୟ, ଅସ୍ତରଙ୍ଗ ର ବରିଷ୍ଠ ସାମ୍ବାଦିକ ନିରଞ୍ଜନ ଦାସ, ଜିଲ୍ଲା ପେଷାଦାର ସଙ୍ଘ ସମ୍ପାଦକ ଆଦିତ୍ୟ ରାଉତ, କାକଟପୁର ପ୍ରେସ କ୍ଲବ ଉପସଭାପତି ତୁଷାର ରଞ୍ଜନ ଦୀକ୍ଷିତ ମଞ୍ଚାସିନ ହୋଇ ଅଜିତ ଙ୍କ ସ୍ମୃତି ଚାରଣ କରିଥିଲେ, ମଞ୍ଚାସିନ ଅନ୍ୟ ଜଣେ ବରିଷ୍ଠ ସାମ୍ବାଦିକ ତଥା ବିଶ୍ୱବାଣୀ ସମ୍ପାଦକ ଅର୍ଜୁନ କୁମାର ମୁଦୁଲି ସ୍ମୃତି ଚାରଣ କରିବା ସହିତ ଅଜିତ ମଲ୍ଲିକ ଙ୍କ ପରିବାର କୁ ୫ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ,ଅସ୍ତରଙ୍ଗ ରୁ ସମୀର କର, ପ୍ରଶାନ୍ତ ବାରିକ, ଆର୍ଯ୍ୟ ବିଶ୍ୱାଳ, ମନୋଜ ବିଶ୍ୱାଳ, ଲୋକନାଥ ସ୍ୱାଇଁ, ସମୀର ବେହୁରା, ବିଜୟ ବେହେରା ଙ୍କ ସମେତ ଏହି ଶ୍ରଦ୍ଧାଞ୍ଜଳି ସଭା ରେ କାକଟପୁର, ଚାରିଛକ, ନିମାପଡା, ଗୋପ, କୋଣାର୍କ ସମେତ ଅନେକ ବରିଷ୍ଠ ଓ ଯୁବ ସାମ୍ବାଦିକ ରହି ଶ୍ରଦ୍ଧାଞ୍ଜଳି ସଭା ରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ, ସମସ୍ତ କାର୍ଯ୍ୟ କୁ ଜିଲ୍ଲା ପେଷାଦାର ସାମ୍ବାଦିକ ସଙ୍ଘ ର ଉପସଭାପତି ତଥା ବରିଷ୍ଠ ସାମ୍ବାଦିକ ସଞ୍ଜୟ ପତି ପରିଚାଳନା କରିଥିଲେ ।

# କାଗଜ କଲମରେ ମୁଖ୍ୟମନ୍ତ୍ରୀ ମକା ମିଶନ ଯୋଜନା

## ପ୍ରସ୍ତୁତ ହେଉଛି ଭୂତ ଚାଷୀ ତାଲିକା :ଯୋଜନା କାର୍ଯ୍ୟକାରିତା ନେଇ ପ୍ରଶ୍ନ





ନୟାଗଡ଼, ( ମହାଭାରତ ) : ନୟାଗଡ଼ ଜିଲ୍ଲାରେ କୃଷି ବିଭାଗରେ ବ୍ୟାପକ କେଲେଙ୍କାରୀ ହେଉଥିବା ବେଳେ ଚାଷୀଟିଏ ସର୍ବନିମ୍ନ ସୁବିଧା ପାଇବାରୁ ବଞ୍ଚିତ ହେଉଛି । ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଜନା ପରେ ଯୋଜାନ ପଣୟନ କରାଯାଉଥିବା ବେଳେ ବାସ୍ତବତା କିନ୍ତୁ ଭିନ୍ନ ବୋଲି ଅନୁଭବ ହେଉଛି । ନୟାଗଡ଼ ଜିଲ୍ଲାରେ ମିଲେଟ୍ ମିଶନ ତଥା ଶ୍ରୀଅନ୍ନ ଅଭିଯାନ କେଲେଙ୍କାରୀରେ ସମ୍ପୃକ୍ତ ଦୁଇଟି ଏନଜିଓ କୁ ମୁଖ୍ୟମନ୍ତ୍ରୀ ମକା ମିଶନ ଯୋଜନା ଦାୟିତ୍ୱ ଦିଆଯାଇଛି । ମକା ମିଶନ କାର୍ଯ୍ୟକାରୀ ହେବା ପୂର୍ବରୁ ଦୁଇ ଏନଜିଓ ଏବେ ଭୂତ ଚାଷୀ ଯୋଗାଡ଼ରେ ଲାଗି ପଡ଼ିଥିବା ଜଣାପଡ଼ିଛି । ନୟାଗଡ଼ ଜିଲ୍ଲାରେ ଗତ ବର୍ଷ ଠାରୁ ଆରମ୍ଭ ହୋଇଥିବା ଏହି ମକା ମିଶନ କାର୍ଯ୍ୟକ୍ରମରେ ଚଳିତ ବର୍ଷ ତଥା ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଦୁଇଟି ବ୍ଲକ ୧୫ଟି ପଞ୍ଚାୟତକୁ ସାମିଲ କରାଯାଇଛି । ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକର ୮ଟି ପଞ୍ଚାୟତକୁ ମକା ମିଶନ ଯୋଜନାରେ ସାମିଲ କରାଯାଇଥିବା ବେଳେ ୩ ଶହ ହେକ୍ଟର ଜମିରେ ଚାଷ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏଥିପାଇଁ ୬୧୧ ଜଣ ଚାଷୀ ଚାଷ କରିବାକୁ ଆଗ୍ରହୀ ଥିବା କୃଷି ବିଭାଗ ତଥ୍ୟରୁ ସୂଚନା ମିଳିଛି । ତେବେ ଏହି ମକା ମିଶନ କାର୍ଯ୍ୟକ୍ରମରେ ଓଡ଼ଗାଁ ବ୍ଲକ ଦାୟିତ୍ୱ ନିଗମ ନାମକ ଏନଜିଓ କୁ ଦିଆଯାଇଛି । ସେହିଭଳି ଭାବେ ଦଶପଲ୍ଲା ବ୍ଲକର ୭ଟି ପଞ୍ଚାୟତକୁ ମକା ମିଶନ ଯୋଜନା ପାଇଁ ଚୟନ କରାଯାଇଥିବା ବେଳେ ୬୦୬ ଜଣ ଚାଷୀ ଚାଷ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି । ଏହି ଚାଷୀ ମାନେ ୩ ଶହ ହେକ୍ଟର ଜମିରେ ଚାଷ କରିବେ ବୋଲି ଜଣାପଡ଼ିଛି । ଦଶପଲ୍ଲା ବ୍ଲକରେ ମକା ମିଶନ ଦାୟିତ୍ୱ ଇକୋ ସଲ୍ୟୁସନ୍ ନାମକ ସଂସ୍ଥାକୁ ଦିଆଯାଇଛି ।ଏହି ଦୁଇ ଏନଜିଓ ମାଣ୍ଡିଆ କେଲେଙ୍କାରୀରେ ସମ୍ପୃକ୍ତ ଥିବା ବେଳେ କିଭଳି ଦୁଇ ଏନଜିଓ କୁ ମକା ମିଶନ ପାଇଁ ପୁଣି ଚୟନ କରାଯାଇଛି ବୋଲି ପ୍ରଶ୍ନ ଉଠିଛି । ନିଗମ ନାମକ ସଂସ୍ଥା ୨୦୨୪-୨୫ ଆର୍ଥିକ ବର୍ଷରେ ଭାପୁର ବ୍ଲକରେ ମାଣ୍ଡିଆ ଦାୟିତ୍ୱ ନେଇଥିଲା । ସେହିଭଳି ଭାବେ ଇକୋ ସଲ୍ୟୁସନ୍ ଓଡ଼ଗାଁ ବ୍ଲକରେ ମାଣ୍ଡିଆ ଦାୟିତ୍ୱ ନେଇଥିଲା । ଚାଷ ନକରି ଚାଷୀଙ୍କ ନାଁରେ ସହାୟତାକୁ ଦୁଇ ଏନଜିଓ ଲୁଟ କରିଥିବା ନେଇ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା । ଯାହାର ତଦନ୍ତ ମଧ୍ୟ କରାଯାଇଛି ।ତଥାପି ଏହି ଦୁଇ ଏନଜିଓକୁ ପୁଣି ମକା ମିଶନ ପାଇଁ ଚୟନ କରାଯିବା ଜିଲ୍ଲାବାସୀଙ୍କୁ ଚିନ୍ତାରେ ପକାଇଛି। କୃଷି ବିଭାଗ ଅଧିକାରୀଙ୍କୁ ହାତ କରି ଏନଜିଓମାନେ ଦାୟିତ୍ୱ ମୁଣ୍ଡାଇ ଚାଷୀଙ୍କ ନାଁରେ ସରକାରଙ୍କୁ ଲୁଟ କରୁଥିବା ଅଭିଯୋଗ ହୋଇଛି । ମକା ମିଶନ ଯୋଜନାରେ କୃଷି ବିଭାଗ ଚାଷୀଙ୍କୁ ମାଗଣ ବିହନ ଯୋଗାଇ ଦେବାକୁ ବ୍ୟବସ୍ଥା କରୁଛି ।ଏହା ସହିତ ଚାଷୀ ସାର, ଔଷଧ କ୍ରୟ ଉପରେ ରାଜ୍ୟ ସରକାର ସବସିଡ୍ ଦେବେ ବୋଲି ସୂଚନା ମିଳିଛି ।ଚାଷୀଙ୍କ ନାଁରେ ଏହି ଦୁଇ ଏନଜିଓ ବାରମ୍ବାର ହରିଲୁଟ କରୁଥିବାରୁ ସେମାନଙ୍କୁ ମକା ମିଶନ ଯୋଜନାରୁ ହଟାଇବା ପାଇଁ ଦାବି ହେଉଛି ।

## ଯୌତୁକ ନିର୍ଯ୍ୟାତନା ଦେଇ ସ୍ତ୍ରୀ କୁ ହତ୍ୟା, ସ୍ୱାମୀ ଓ ଶାଶୁ ଶଶୁରଙ୍କ ନାମରେ ହତ୍ୟା ଅଭିଯୋଗ



ନୂଆଗାଁ (ମହାଭାରତ ): ଯୌତକ ନିର୍ଯ୍ୟାତନା ଦେଇ ବଧୂ କୁ ହତ୍ୟା ଏଭଳି ଅଭାବନୀୟ ଘଟଣା ଦେଖାଦେଇଛି ନୟାଗଡ଼ ଜିଲ୍ଲା ନୂଆଗାଁ ଥାନା ମହୀପୁର ଫାଣ୍ଡି ଅନ୍ତର୍ଗତ ବଡ଼ଗୋଠ ପଞ୍ଚାୟତ ରାଧାନାଥପୁର ଗ୍ରାମରେ। ସୂଚନା ଥାଉକି ଓଡଗାଁ ଥାନା ସିଙ୍ଗାରାପଲ୍ଲୀ ପଞ୍ଚାୟତ କଇଁଥପଲ୍ଲୀ ଗ୍ରାମର ବୈକୁଣ୍ଠ ମହାକୁଡ଼ ଙ୍କ ଝିଅ ସୀତା ଖିଲାର (୨୩) ବର୍ଷ ଙ୍କୁ ରାଧାନାଥପୁର ଗ୍ରାମର ସଂସାରୀ ଖିଲାର ଙ୍କ ପୁଅ ସୂର୍ଯ୍ୟମଣୀ ଖିଲାର (୩୦) ବର୍ଷ ଦୀର୍ଘ ଚାରିବର୍ଷ ପୂର୍ବେ ବୈଦିକ ରୀତିନୀତି ଅନୁଯାୟୀ ବିବାହ ସମ୍ପର୍ଣ୍ଣ ହୋଇଥିଲା ।ଝିଅର ବାପା ବୈକୁଣ୍ଠ ମହାକୁଡ଼ ଜଣେ ଗରିବ ପରିବାରର ହୋଇଥିବାରୁ ସେ ବିବାହ ସମୟରେ ଜ୍ୱାଇଁ ସୂର୍ଯ୍ୟମଣୀ ଖିଲାର ଙ୍କୁ ନଗଦ ୨୦ହଜାର ଟଙ୍କା ସହ ୩ଟି ମୁଦି ଓ ଗୋଟିଏ ସୁନା ଚେନ ଦେଇଥିଲେ। ଏଥି ସହିତ ଝିଅକୁ ୨ହଳ ରୂପା ପାଉଁଜି,୨ହଳ ବାସନ ସଜ, କାଠ ସଜ, ଟିଭି,କାଠ ଆଲମିରା ସହ ଅନ୍ୟାନ୍ୟ ସମସ୍ତ ନିତ୍ୟ ବ୍ୟବହାରିକ ସାମଗ୍ରୀ ଦେଇଥିବା ଝିଅର ବାପା ପ୍ରକାଶ କରିଥିଲେ ।ଏଥି ସହିତ ବିବାହର ବହୁ ବର୍ଷ ବିତିଯାଇଥିଲେ ମଧ ମୋ ଝିଅ ସୀତାର କୌଣସି ସନ୍ତାନ ସନ୍ତତି ଜନ୍ମ ହୋଇ ନଥିବାରୁ ସ୍ୱାମୀ ସମେତ ଶାଶୁ ଶଶୁର ଘର ଲୋକେ ମିଳିମିଶି ବିଭିନ୍ନ ସମୟରେ ଶାରୀରିକ ଓ ମାନସିକ ଏବଂ ଯୌତକ ନିର୍ଯ୍ୟାତନା ଦେଇ ବାପ ଘରୁ ଅଧିକ ଯୌତକ ଆଣିବାକୁ ବାଧ କରୁଥିଲେ ।ଯେହେତୁ ମୁଁ ଜଣେ ଗରିବ ହୋଇଥିବାରୁ ମୋ ଝିଅକୁ ଯୌତକ ଦେବାରେ ସକ୍ଷମ ନଥିଲା ଯାହା ଫଳରେ ଝିଅ ସୀତା ଏନେଇ ସ୍ୱାମୀଙ୍କ ପରିବାର ଲୋକଙ୍କୁ ଯୌତକ ଆଣିବା ଅସମର୍ଥ ଜଣାଇଥିବାରୁ ସ୍ୱାମୀ ସହ ଶାଶୁ ଶଶୁର ଅନେକ ସମୟରେ ମୋ ଝିଅକୁ ଅଶାଳୀନ କଟୁ କଥା କହିବା ସହ ମାରପିଟ କରୁଥିବା ମୃତ ସୀତାର ବାପା କହିଥିଲା ।ସେ ଏକଥା ମଧ୍ୟ କହିଛନ୍ତି କି ମୋ ଜ୍ୱାଇଁ ସୂର୍ଯ୍ୟମଣୀ ଖିଲାର ତାଙ୍କ ଗ୍ରାମର ଜୈନିକ ସ୍ତ୍ରୀ ଙ୍କ ସହ ପ୍ରେମ ସମ୍ପର୍କ ରଖି ମୋ ଝିଅକୁ ଶାରୀରିକ ମାନସିକ ନିର୍ଯ୍ୟାତନା ଦେଉଥିବା ପୂର୍ବରୁ ଏହି ସମ୍ପର୍କରେ ଆମକୁ ବାରମ୍ବାର ଜଣାଉଥିବା ବେଳେ ଆମେ ଅନେକ ଥର ଝିଅର ଶାଶୁ ଶଶୁର ଗାଁକୁ ଯାଇ ଉଭୟ ଙ୍କୁ ବୁଝାସୁଝା କରିବା ସହ ସାନ୍ତ୍ୱନା ଦେଇ ସମାଧାନ କରି ଆମେ ନିଜ ଗାଁକୁ ଆସୁଥିକିନ୍ତୁ ଆଜି ସକାଳ ୫ଘଟିକା ସମୟରେ ମୋ ଝିଅର ଶାଶୁ ସୁକାନ୍ତି ଖିଲାର ଫୋନ ଯୋଗେ ତୁମ ଝିଅର ପାଟି ଖୋଲୁନି ଏକଥା କହିବା ସହ ତୁରନ୍ତ ମହୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସିବା ପାଇଁ ଫୋନ ଯୋଗେ ମୋତେ କହିଥିଲେ ।ଆମେ ସେଠାରେ ପହଞ୍ଚି ଦେଖିଲା ବେଳକୁ ମୋ ଝିଅ ସୀତା ଙ୍କ ମୃତ୍ୟୁ ହୋଇଛି। ପୂର୍ବ ଘଟଣାକୁ ନେଇ ତାଙ୍କ ଶାଶୁ ଶଶୁର ପରିବାର ଲୋକେ ମୋ ଝିଅ ସୀତାକୁ ମାରିଦେଇଥିବା ବାପା ବୈକୁଣ୍ଠ କହିଛନ୍ତି। ଏନେଇ ମୃତ ସୀତାଙ୍କ ଶାଶୁ ଶଶୁର ପରିବାର ଲୋକଙ୍କ ଠାରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ସୀତାଙ୍କୁ ତାଙ୍କ ଶାଶୁ ଶଶୁର ପରିବାର ଲୋକେ ମିଳିମିଶି ହତ୍ୟା କରିଥିବା। ଅଭିଯୋଗକୁ ନେଇ ମୃତ ଝିଅର ବାପା ବୈକୁଣ୍ଠ ମହାକୁଡ଼ ମହୀପୁର ଫାଣ୍ଡିରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ଘଟଣାସ୍ଥଳରେ ମହୀପୁର ଫାଣ୍ଡି ଅଧିକାରୀ ବିରଞ୍ଚି ନାରାୟଣ ଅମାତ ଏବଂ ନୂଆଗାଁ ଥାନା ଅଧିକାରୀ ପହଞ୍ଚି ମୃତ ଶବକୁ ଜବତ କରିଥିଲେ ।ମୃତ ଶରୀରକୁ ଶବ ବ୍ୟବଛେଦ ପାଇଁ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟକୁ ପଠାଇ କେସ ନଂ ୧୬୪/୨୫ ଏକ ମାମଲା ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ନୂଆଗାଁ ଥାନା ଅଧିକାରୀ ରଶ୍ମି ରଞ୍ଜନ ସାହୁ ସୂଚନା ଦେଇଛନ୍ତି ।ଏଥି ସହିତ ସୀତାଙ୍କ କିଭଳି ମୃତ୍ୟୁ ହୋଇଛି ଏନେଇ ତାଙ୍କ ସ୍ୱାମୀ ଓ ଶାଶୁ ଶଶୁର ପରିବାର ଲୋକଙ୍କୁ ଅଟକ ରଖି ପଚରାଉଚରା ଜାରି ରହିଥିବା ନୂଆଗାଁ ଥାନା ଅଧିକାରୀ ଶ୍ରୀ ସାହୁ କହିଛନ୍ତି।

## ଭାରତୀୟ ମଜଦୁର ସଂଘ ବିଏମଏସର ଜିଲ୍ଲା ବାର୍ଷିକ ସମ୍ମିଳନୀ



ପାରାଦୀପ (ମହାଭାରତ): ଭାରତୀୟ ମଜଦୁର ସଙ୍ଘ (ବିଏମଏସ) ଜଗତସିଂହପୁର ଜିଲ୍ଲା ବାର୍ଷିକ ସମ୍ମିଳନୀ ପାରାଦୀପ ର ପୋର୍ଟ କ୍ଲବ ପରିସରରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ବିଏମଏସ ଜିଲ୍ଲା ସଭାପତି ଅକ୍ଷୟ କୁମାର ଦାସ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଏମଏସ ରାଜ୍ୟ ସଭାପତି ବାଦଲ କୁମାର ମହାରଣା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ସମ୍ମିଳନୀ କୁ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ କହିଥିଲେ ଯେ ଭାରତୀୟ ମଜଦୁର ସଙ୍ଘ ଏକ ସର୍ବ ବୃହତ ଏବଂ ସର୍ବଶ୍ରେଷ୍ଠ ଅଣରାଜନୈତିକ ଶ୍ରମିକ ସଂଗଠନ। ଏଠି ଶ୍ରମିକ ମାନଙ୍କର ଅଧିକାର ସୁରକ୍ଷା ଉପରେ ସର୍ବଦା ପ୍ରାଧାନ୍ୟ ଦିଆଯାଇଥାଏ । ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ବକ୍ତା ଭାବେ ବିଏମଏସ ରାଜ୍ୟ ଉପସଭାପତି ବସନ୍ତ କୁମାର ସାହୁ,ସମ୍ମାନିତ ଅତିଥି ଭାବେ ସର୍ବଭାରତୀୟ ପୋର୍ଟ ଆଣ୍ଡ ଡକ ମଜଦୁର ସଙ୍ଘ ରାଷ୍ଟ୍ରୀୟ ସଭାପତି ତଥା ପାରାଦୀପ ବନ୍ଦର ଶ୍ରମିକ ଟ୍ରଷ୍ଟି ଶ୍ରୀକାନ୍ତ ରାୟ,ଭାରତୀୟ ବନ୍ଦର ମଜଦୁର ସଙ୍ଘ ପାରାଦୀପ ଶାଖା ର ସଭାପତି ରାକେଶ କୁମାର ପଟ୍ଟନାୟକ, ନାରୀନେତ୍ରୀ ଯୋଗମାୟା ନନ୍ଦ ପ୍ରମୁଖ ଯୋଗଦେଇ ବନ୍ଦରରେ କାର୍ଯ୍ୟରତ ଶ୍ରମିକ ମାନଙ୍କ ସମସ୍ୟା ଉପରେ ଆଲୋଚନା କରିବା ସହ ସଂଗଠନ କୁ ଆହୁରି ସୁଦୃଢ ଓ ଗତିଶୀଳ କରିବା ଏବଂ ସଂଗଠନ ସହିତ ସମସ୍ତ ଶ୍ରମିକ ଯୋଡିହୋଇ ରହିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଶେଷରେ ଜିଲ୍ଲା ସମ୍ପାଦକ ଅବିନାଶ ଦାସ ଜିଲ୍ଲା ସଂଗଠନ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଜିଲ୍ଲା ସ୍ତରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଅତିଥି ମାନଙ୍କୁ ଉ□ରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା ଏବଂରାଜ୍ୟ ସଭାପତିଙ୍କ ଅନୁମୋଦନ କ୍ରମେ ନୂତନ ଜିଲ୍ଲା କମିଟି ଘୋଷଣା କରାଯାଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା । ଏହି ସମ୍ମିଳନୀରେ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ଦୁଇଶହ ରୁ ଉର୍ଦ୍ଧ୍ୱ ବିଏମଏସ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

## ଆମ୍ବୁଲାନ୍ସ ଗାଡି ଆଗ କାଚ ଭଙ୍ଗାରୁଜା ନେଇ ଥାନାରେ ଅଭିଯୋଗ





ଆସିକା(ମହାଭାରତ): ଆସିକା ଥାନା ଅନ୍ତର୍ଗତ ବାଣୀବିହାର ଉପଖଣ୍ଡ ଚିକିତ୍ସାଳୟ ପ୍ରାଙ୍ଗଣରେ ଥିବା ଆମ୍ବୁଲାନ୍ସ ଗାଡି ର ଆଗ କାଚ ଭଙ୍ଗାରୁଜା ନେଇ ଥାନା ରେ ଅଭିଯୋଗ ହୋଇଛି । ପ୍ରକାଶ ଥାଉକି ବାଣୀବିହାର ମେଡିକାଲ କଲୋନୀ ରେ ରହୁଥିବା ରବୀନ୍ଦ୍ର ନାୟକ (୩୭)ଙ୍କ ଏକ ଓଡି ୦୫ ବି ଜେଡ ୮୫୧୦ ନୂତନ ସୁଜିକ ଇକୋ ଆମ୍ବୁଲାନ୍ସ ଗାଡି ସବୁଦିନ ଭଳି ଆଜି ମଧ ମେଡିକାଲ ସାମ୍ନା ରେ ରଖି ଥିବା ଆମ୍ବୁଲାନ୍ସ ଗାଡିକୁ ସକାଳେ ଦେଖିଲା ବେଳକୁ କେହି ଦୁବୃତ୍ତ□ ଆଗ କାଚ କୁ ସିମେଣ୍ଟ କଂକ୍ରିଟ ଦ୍ୱାରା ଉଦେଶ୍ୟ ମୂଳକ ଭାବେ ଭାଙ୍ଗି ଥିବା ଆସିକା ଥାନା ରେ ଅଭିଯୋଗ କରିଛନ୍ତି। ସେ ଆହୁରି ମଧ ଆଖ ପାଖ ର ସିସି ଟିଭି ଯାଞ୍ଚ କଲେ ଧରାପଡିବ ବୋଲି ସେ ପୋଲିସ କୁ ଅନୁରୋଧ କରିଛନ୍ତି । ପୋଲିସ ଖବର ପାଇଁ ତଦନ୍ତ କରୁଛି ।

## ସମ୍ବାଦ ସାହିତ୍ୟ ଘର ଜଟଣୀ ଶାଖାର ଅଷ୍ଟମ ବାର୍ଷିକ ଉତ୍ସବ

ଜଟଣୀ(ମହାଭାରତ): ସମ୍ବାଦ ସାହିତ୍ୟ ଘର ଜଟଣୀ ଶାଖାର ଅଷ୍ଟମ ବାର୍ଷିକ ଉତ୍ସବ ମହାଆଡମ୍ବର ସହକାରେ ଜଟଣୀ କଲେଜ ରୋଡ୍ ସ୍ଥିତ ୱେଲ୍ କମ୍ ଗେଷ୍ଟ ହାଉସ ସଭାଗୃହରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଜଗଦୀଶ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ୟଙ୍ଗ କବି ଜ୍ଞାନହୋତା ଯୋଗଦେଇ ଥିବା ବେଳେ ମୁଖ୍ୟ ବକ୍ତାଭାବେ ସମ୍ବାଦ ସାହିତ୍ୟ ଘରର ରାଜ୍ୟ ସଂଯୋଜିକା ଶୁଭଶ୍ରୀ ଲେଙ୍କା, ସମ୍ମାନିତ ଅତିଥିଭାବେ ସାହିତ୍ୟିକ ସତ୍ୟ ସୁନ୍ଦର ମହାନ୍ତି ଯୋଗଦେଇଥିଲେ। ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା ସାହିତ୍ୟ ଘରର ବାର୍ଷିକ ପତ୍ରିକା ' ଆଖି ' ଉନ୍ମୋଚନ ହୋଇଥିଲା। ଏଥିସହ ସୀତାକାନ୍ତ ଶତପଥୀଙ୍କୁ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସ୍ନିଗ୍ଧା ସ୍ୱାଇଁ ଙ୍କ ଦ୍ୱାରା ରଚିତ ପୁସ୍ତକ ଡ. ଶୁଭେନ୍ଦ୍ରମୋହନ: ସୃଷ୍ଟି ଓ ଦୃଷ୍ଟି ପୁସ୍ତକ ଉନ୍ମୋଚିତ ହୋଇଥିଲା।

## ମଧୁକର୍ଣ୍ଣିକା ପାହାଡ଼ରୁ ଖସୁଛି ମାଟି ଅତଡ଼ା

# ଗାର୍ଡୱାଲ୍ ନିର୍ମାଣ ପାଇଁ ଅଞ୍ଚଳ ବାସୀଙ୍କ ଦାବି



ଖଣ୍ଡପଡ଼ା, ( ମହାଭାରତ ) : ରାଜ୍ୟରେ ପର୍ଯ୍ୟଟନ ସ୍ଥଳୀ ପାଇଁ ନୟାଗଡ଼ ଜିଲ୍ଲା ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି। ଜିଲ୍ଲାର କେନ୍ଦ୍ରସ୍ଥଳୀ ଠାରୁ ଆରମ୍ଭ କରି ଚତୁପାର୍ଶ୍ୱରେ ପ୍ରାକୃତିକ ଭରା ଆକର୍ଷଣୀୟ ଚିତ୍ରପଟ ରହିଛି। ଏହା ସାଙ୍ଗକୁ ପ୍ରମୁଖ ଦେବସ୍ଥଳୀ ଯୋଗୁଁ ଏହି ଜିଲ୍ଲାର ସମ୍ମାନକୁ ଆଉ ପାଦେ ଆଗକୁ ନେଇଛି। ସେହିଭଳି ଜିଲ୍ଲାର ଉ□ର ଦିଗରେ ଥିବା ଖଣ୍ଡପଡା ବ୍ଲକ୍ ଅନ୍ତର୍ଗତ ସିଧାମୂଳା ଗ୍ରାମର ଗୋକୁଳାନନ୍ଦଜୀଉଙ୍କ ମନ୍ଦିର ହେଉଛି ଅନ୍ୟତମ। ଏହି ସ୍ଥାନଟି ଓଡ଼ିଶା ସଂସ୍କୃତି ଓ ପର୍ଯ୍ୟଟନ ବିଭାଗରେ ସ୍ଥାନ ପାଇଥିବାରୁ ଏଠାରେ ପର୍ଯ୍ୟଟକ ମାନଙ୍କ ରହିବା ଏବଂ ସେମାନଙ୍କୁ ଆକର୍ଷିତ କରିବା ପାଇଁ ନିକଟରେ ଥିବା ଗୋକୁଳାନନ୍ଦ ପାହାଡ ଶିଖରରେ ରାଜ୍ୟ ସରକାର ଏକ ଇକୋ ଟୁରିଜିମ ନିର୍ମାଣ କରିଛନ୍ତି। ଯେଉଁଠାରେ ବର୍ଷସାରା ରାଜ୍ୟ ଏବଂ ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକ ମାନଙ୍କ ଭିଡ ଦେଖିବାକୁ ମିଳିଥାଏ। ପ୍ରଭୁ ଗୋକୁଳାନନ୍ଦଙ୍କ ପାଦଦେଶରେ ବହିଯାଇଥିବା ମହାନଦୀର ବିସ୍ତୀର୍ଣ୍ଣ ଜଳରାଶି ସାଙ୍ଗକୁ ଏଠିକାର ସବୁଜିମା ପାହାଡ଼ ଜଙ୍ଗଲ ପର୍ଯ୍ୟଟକ ଙ୍କୁ ବେଶ ଆକୃଷ୍ଟ କରେ। ବହୁ ଦୂରଦୂରାନ୍ତରୁ ଲୋକମାନେ ଏଠାକୁ ଆସି ଠାକୁର ଦର୍ଶନ କରିବା ସହ ଇକୋ ଟୁରିଜିମରେ ବୁଲାବୁଲି କରିବା ସାଙ୍ଗକୁ ଫୋଟୋ ଉଠାଇବା ସହ ମହାନଦୀ କୂଳରେ ପରିବାର ଓ ସାଙ୍ଗସାଥିଙ୍କ ସହ ମିଶି ଭୋଜିଭାତ କରି ବେଶ ମଜା ନିଅନ୍ତି। ପର୍ଯ୍ୟଟକ ମାନଙ୍କ ସମସ୍ତ ସୁଭିଧା ପାଇଁ ରାଜ୍ୟ ସରକାର ଏଠି କୋଟି କୋଟି ଟଙ୍କା ବିନିଯୋଗ କରିଛନ୍ତି। ବର୍ତ୍ତମାନ ଏହି ପ୍ରମୁଖ ପର୍ଯ୍ୟଟନ ସ୍ଥଳୀରେ ଗତ କିଛି ବର୍ଷ ହେଲା ଏକ ମୁଖ୍ୟ ସମସ୍ୟା ଦେଖିବାକୁ ମିଳିଛି। ପୂର୍ବରୁ ଗୋକୁଳାନନ୍ଦଙ୍କ ପୀଠକୁ ଯାତାୟତ କରିବା ପାଇଁ ମହାନଦୀ ପାର୍ଶ୍ୱର ପୂର୍ତ୍ତ ବିଭାଗ ରାସ୍ତା ଠାରୁ ଆରମ୍ଭ ହୋଇଥିବା ବିସ୍ତୀର୍ଣ୍ଣ ପାହାଡକୁ କଟାଯାଇ ରାସ୍ତା ନିର୍ମାଣ କରାଯାଇଛି। ବର୍ତ୍ତମାନ ଏହି ରାସ୍ତାଟି କ୍ରମଶଃ ଦୁର୍ବଳ ହେବା ସହ ପର୍ଯ୍ୟଟକ ମାନଙ୍କ ଠାରୁ ଆରମ୍ଭ କରି ସାଧାରଣ ଲୋକ ମାନେ ଯାତାୟତ କରିବା ପାଇଁ ବିପଦ ସୃଷ୍ଟି କରିଛି। ବର୍ଷା ଋତୁରେ ହେଉଥିବା ଲଘୁଚାପଜନିତ ବର୍ଷା ଯୋଗୁଁ ଗୋକୁଳାନନ୍ଦ ପାହାଡ଼ରୁ ମାଟି ଅତଡା ଧସିବା ସହ ବଡ଼ ବଡ଼ ପଥର ଧସିବାର ଦେଖା ଦେଇଛି। ଏହା ସାଙ୍ଗକୁ ମୂଲ୍ୟବାନ ଗଛ ସବୁ ଉପୁଡିବାରେ ଲାଗିଛି। ପାହାଡର ସ୍ଥିତି ଯାହା ରହିଛି ଆଗକୁ ଉକ୍ତ କଂକ୍ରିଟ ରାସ୍ତାଟି ମହାନଦୀ ରେ ଲୀନ ହେବାର ବହୁ ସମ୍ଭାବନା ରହିଛି। ଏଣୁ ଜିଲ୍ଲା ପ୍ରଶାସନ, ସ୍ଥାନୀୟ ବିଧାୟକ ଯଥା ପୂର୍ବରୁ ଏହି ସମସ୍ୟାର ସମାଧାନ ନିମନ୍ତେ ଯତ୍ନବାନ ହେବା ସହିତ ପାହାଡ଼ ପାଦଦେଶକୁ ଲାଗି କଂକ୍ରିଟ ଗାର୍ଡୱାଲ୍ ନିର୍ମାଣ କରିବା ପାଇଁ ଅଞ୍ଚଳର ଜନପ୍ରତିନିଧି, ବୁଦ୍ଧିଜୀବୀ ଓ ସାଧାରଣ ଲୋକେ ଦାବି କରିଛନ୍ତି।


## ଚଳନ୍ତା କାରରେ ମହିଳାଙ୍କୁ ଅପହରଣ ସହ ଦୁଷ୍କର୍ମ ଅଭିଯୋଗ

ପୁନେ : ମହାରାଷ୍ଟ୍ରରେ ଥିବା ପୁନେ ଜିଲ୍ଲାରେ ଏକ ଘଟଣା ନଜରକୁ ଆସିଛି । ୨୩ ବର୍ଷର ଏକ ମହିଳାଙ୍କର ଅପହରଣ କରାଯାଇଛି । ଏହାପରେ ଚଳନ୍ତା କାରରେ ତାଙ୍କ ସହ ଦୁଷ୍କର୍ମ ହୋଇଛି । ପରେ ତାଙ୍କୁ ରାସ୍ତା ପାଖରେ ଫୋପାଡି ଦିଆ ଯାଇଛି । ଏଭଳି ଏକ ଘଟଣା ଶୁକ୍ରବାର ଓ ଶନିବାର ରାତି ମଧ୍ୟରେ ହୋଇଛି । ପୋଲିସ୍ ଏହି ଘଟଣାରେ ୩୫ ବର୍ଷର ଏକ ବ୍ୟକ୍ତିଙ୍କୁ ଗିରଫ କରିଛି । ମହିଳା ଜଣଙ୍କ ପୋଲିସ ଅଧିକାରୀଙ୍କୁ କହିଥିଲେ ଅଭିଯୁକ୍ତ ତାଙ୍କୁ ବିଭିନ୍ନ ସ୍ଥାନକୁ ନେବା ସହ ତାଙ୍କ ସହ ବାରମ୍ବାର ଦୁଷ୍କର୍ମ କରିଛି । ଏହି ଘଟଣାକୁ ପୋଲିସ ତଦନ୍ତ କରୁଛି । ସୂଚନାଅନୁସାର ପୋଲିସ ଅଧିକାରୀ କହିଛନ୍ତି ଏହି ଘଟଣାଟି ମୁମ୍ବାଇ ଠାରୁ ୮୦ କିଲୋମିଟର ଦୁରରେ ଥିବା ଏକ ଅଞ୍ଚଳରେ ହୋଇଛି । ଯାହାକି ଏକ ପର୍ଯ୍ୟଟନ ସ୍ଥାନ । ତେବେ ପାଡିତା କହିଛନ୍ତି ଜଣେ ୩୫ ବର୍ଷୀୟ ଯୁବକଙ୍କୁ ଗିରଫ କରାଯାଇଛି । ମହିଳାଙ୍କ ଅଭିଯୋଗ ଅନୁସାରେ ସେହି ବ୍ୟକ୍ତି ଟି ସ୍ଥାନୀୟ ଅଞ୍ଚଳର ବୋଲି ଜଣାପଡିଛି । ମହିଳାଙ୍କ ବୟାନ ଅନୁସାରେ ଅଧିକାରୀ କହିଛନ୍ତି ଏକ କାର ତାଙ୍କ ପାଖରେ ଅଟକି ଥିଲା । କାର ଭିତରୁ ଜଣେ ବ୍ୟକ୍ତି ତାଙ୍କୁ ବଳ ପୂର୍ବକ ଭାବରେ କାର୍ ଭିତରକୁ ଟାଣି ନେଇଥିଲା । ଏହାପରେ ଅଭିଯୁକ୍ତ ତାଙ୍କୁ ଏକ ଶୁନସାନ ସ୍ଥାନକୁ ନେଇ ଯାଇଥିଲା । ଏହାପରେ ମହିଳାଙ୍କୁ ଚଳନ୍ତା ଗାଡିରେ ଦୁଷ୍କର୍ମ କରିଥିଲା ଅଭିଯୁକ୍ତ । ପୀଡିତା କହିଥିଲେ କି ତାଙ୍କୁ ଅଲଗା ଅଲଗା ରାସ୍ତାରେ ନିଆଯାଇଥିଲା ବୋଲି ଆରୋପ କରାଯାଇଥିଲା ଓ ଏହାପରେ ତାଙ୍କୁ ବାରମ୍ବାର ଦୁଷ୍କର୍ମ କରାଯିବା ପରେ ତାଙ୍କୁ ରାସ୍ତାରେ ଫୋପାଡି ଦିଆଯାଇଥିଲା । ଏହାପରେ ଉକ୍ତ ମହିଳା ନିକଟରେ ଥିବା ଥାନାକୁ ଯାଇ ଅଭିଯୁକ୍ତଙ୍କ ବିରୋଧରେ ଏକ ଏତଲା ରୁଜୁ କରିଥିଲେ । ତେବେ ଏହି ଘଟଣାକୁ ଆଧାର କରି ପୋଲିସ ଅଭିଯୁକ୍ତଙ୍କ ବିରୋଧରେ ନ୍ୟାୟ ସଂହିତା ୬୪(୨) ଏବଂ ୧୩୮ରେ ଏକ ମାମଲା ରୁଜୁ କରିଛି । ଏହାପରେ ଅଧିକାରୀ ଅଭିଯୁକ୍ତଙ୍କୁ ଗିରଫ କରିଛି । ଅଧିକାରୀ କହିଛନ୍ତି ମହିଳା ପ୍ରଥମରେ ଦାବି କରିଛନ୍ତି କି ତାଙ୍କୁ ୩ ଜଣ ଲୋକ ଦୁଷ୍କର୍ମ କରିଛନ୍ତି । କିନ୍ତୁ ତଦନ୍ତ ପରେ ଜଣାପଡିଲା କି କାରରେ କେବଳ ଜଣେ ହିଁ ବ୍ୟକ୍ତି ଥିଲେ । ଅଭିଯୁକ୍ତଟି ମହିଳାଙ୍କୁ ପୂର୍ବରୁ ଜାଣିଥିଲା ବୋଲି ତଦନ୍ତ ସମୟରେ ଜଣା ପଡିଛି । ଏବେ ଘଟଣାର ଆହୁରି ତଦନ୍ତ ଜାରି ରହିଛି ।

## ବୁଡ଼ିଲା କାଉଡିଆଙ୍କୁ ନେଇ ଯାଉଥିବା ଡଙ୍ଗା, ୨ ନିଖୋଜ, ୧୮ ଉଦ୍ଧାର

ବିହାର : ବିହାରର ପାଟନାର ଫତୁହା ଥାନା ଅଞ୍ଚଳରେ ଥିବା ପୁନପୁନ ନଦୀରେ ବୁଡ଼ିଲା ଡଙ୍ଗା । ଡଙ୍ଗା ବୁଡିବା ଯୋଗୁଁ ୨୦ ଜଣ ଲୋକ ବୁଡ଼ିଯାଇଥିଲେ । ଏଥିମଧ୍ୟରୁ ୧୮ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଅନ୍ୟ ୨ ଜଣ ନିଖୋଜ ରହିଛନ୍ତି । ନିଖୋଜ ଥିବା ୨ ଜଣଙ୍କୁ ସ୍ଥାନୀୟ ଲୋକଙ୍କ ଦ୍ୱାରା ଖୋଜାଚାଲିଛି । ଖବର ମୁତାବକ, ଡଙ୍ଗାଟି ତ୍ରିବେଣୀ ସଙ୍ଗମକୁ ଯାଉଥିଲା । ଡଙ୍ଗାରେ ପାଖାପାଖି ୨୦ ଜଣ ଲୋକ ରହିଥିଲେ । ଏମାନଙ୍କ ମଧ୍ୟରେ ଅଧିକାଂଶ କାଉଡିଆ ଥିଲେ । ଡଙ୍ଗାଟି ବହୁତ ଛୋଟ ଥିବାବେଳେ ଲୋକ ସଂଖ୍ୟା ଅଧିକ ରହିଥିଲେ । ଡଙ୍ଗାରେ ଅଧିକ ଲୋକ ହେବାରୁ ହଠାତ୍ ସନ୍ତୁଳନ ହରାଇ ଡଙ୍ଗାଟି ଓଲଟି ପଡିଥିଲା । ଅନ୍ୟମାନେ ପହଁରି କୂଳରେ ପହଞ୍ଚିଥିବା ବେଳେ ୨ ଜଣ ନିଖୋଜ ରହିଛନ୍ତି ।

## ୱାଲମାର୍ଟ ଷ୍ଟୋରରେ ଆତତାୟୀ ଆକ୍ରମଣ, ୧୧ ଆହତ




ଆମେରିକା : ଆମେରିକାର ଉତ୍ତର ମିଚିଗାନର ଟ୍ରାଭର୍ସ ସହରରେ ଥିବା ଏକ ୱାଲମାର୍ଟ ଷ୍ଟୋରରେ ଶନିବାର ଆତଙ୍କବାଦୀ ଆକ୍ରମଣ । ଜଣେ ଆତତାୟୀ ଷ୍ଟୋରରେ ୧୧ ଜଣ ଗ୍ରାହକଙ୍କୁ ଛୁରାମାଡ଼ କରିଛି । ଆହତଙ୍କୁ ଚିକିତ୍ସା କରାଯାଇଛି । ଏହି ଘଟଣାକୁ ନେଇ ଷ୍ଟୋର ପରିସରରେ ଭୟର ବାତାବରଣ ଖେଳିଯାଇଥିବାବେଳେ ତୁରନ୍ତ ପୋଲିସ ପହଞ୍ଚି ଅଭିଯୁକ୍ତକୁ ଗିରଫ କରିଛି ।

ଘଟଣା ପରେ ସମ୍ପୃକ୍ତ ଅଞ୍ଚଳକୁ ନ ଯିବାକୁ ପୋଲିସ ପକ୍ଷରୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି । ଛୁରାମାଡ଼ରେ ଆହତ ହୋଇଥିବା ବ୍ୟକ୍ତିମାନଙ୍କୁ ମନସନ ମେଡିକାଲ ସେଣ୍ଟରରେ ଚିକିତ୍ସା କରାଯାଉଛି । ଏମାନଙ୍କ ମଧ୍ୟରେ ୫ ଜଣଙ୍କ ଅବସ୍ଥା ଗୁରୁତର ରହିଛି । ୱାଲମାର୍ଟ ଘଟଣା ପରେ ଏକ ବୟାନ ଜାରି କରିଛି, ଯାଞ୍ଚ ଏଜେନ୍ସୀ ସହିତ ୱାଲମାର୍ଟ ପକ୍ଷରୁ ସହଯୋଗ କରାଯାଉଛି । ୱାଲମାର୍ଟରେ ଏଭଳି କାର୍ଯ୍ୟ ଅସ୍ୱୀକାର୍ଯ୍ୟ । ଆମ ସମବେଦନା ଆହତଙ୍କ ସହିତ ରହିଛି ।

# ମୁମ୍ବାଇରେ ଟେପୱାର୍ମ ବିପଦ, ସଂକ୍ରମଣ ଯୋଗୁଁ ହୋଇପାରେ ବ୍ରେନ ହାମରେଜ



ମୁମ୍ବାଇ : ମୁମ୍ବାଇକୁ ଘାରିଲା ଫିତାକୃମି ବା ଟେପୱାର୍ମ ବିପଦ । ଟେପୱାର୍ମ ସଂକ୍ରମଣ ଯୋଗୁଁ ବ୍ରେନ ହାମରେଜ ଆଶଙ୍କା ରହିଛି । ସଂକ୍ରମିତ ପାଣି କିମ୍ବା ଖାଦ୍ୟ ମାଧ୍ୟମରେ ଟେପୱାର୍ମର ଲାର୍ଭା ବା ଅଣ୍ଡା ପେଟକୁ ଯିବା ଦ୍ୱାରା ଏହି ସଂକ୍ରମଣ ବ୍ୟାପୁଥିବା ଡାକ୍ତରମାନେ ଚେତାବନୀ ଦେଇଛନ୍ତି । ବର୍ଷାଦିନେ ଖାଦ୍ୟ ପରିଚ୍ଛନ୍ନତା ଅବଲମ୍ବନ ନକରିବା, ଭଲ ଭାବେ ରନ୍ଧା ହୋଇନଥିବା ଖାଦ୍ୟ ଖାଇବା ଏବଂ ପନିପରିବା ଭଲ ଭାବେ ନଧୋଇବା ଯୋଗୁଁ ସଂକ୍ରମଣ ବ୍ୟାପୁଥିବାରୁ ଏଥିପ୍ରତି ସଚେତନ ହେବାକୁ କୁହାଯିବା ସହ ରାସ୍ତାକଡରେ ବିକ୍ରି ହେଉଥିବା ଖାଦ୍ୟ ନଖାଇବାକୁ ପରାମର୍ଶ ଦିଆଯାଇଛି । ମୁମ୍ବାଇରେ ବଢିଚାଲିଛି ଟେପୱାର୍ମ ବା ଫିତାକୃମି ସଂକ୍ରମଣ । ବର୍ଷାଋତୁରେ ବିଭିନ୍ନ ସ୍ଥାନରେ ପାଣି ଜମି ରହୁଥିବାରୁ ଫିତାକୃମି ସଂକ୍ରମିତଙ୍କ ସଂଖ୍ୟା ବଢିବାରେ ଲାଗିଛି । ସଂକ୍ରମିତ ପାଣି କିମ୍ବା ଖାଦ୍ୟ ମାଧ୍ୟମରେ ଟେପୱାର୍ମର ଲାର୍ଭା ବା ଅଣ୍ଡା ପେଟ ଭିତରକୁ ଯିବା ଦ୍ୱାରା ମସ୍ତିଷ୍କରେ 'ନ୍ୟୁରୋସିଷ୍ଟିସରକୋସିସ୍' ରୋଗ ସୃଷ୍ଟି ହୋଇଥାଏ । ଫିତାକୃମିର ଲାର୍ଭା ମସ୍ତିଷ୍କ ଓ କେନ୍ଦ୍ରୀୟ ସ୍ନାୟୁ ପ୍ରଣାଳୀରେ ସିଷ୍ଟ ସୃଷ୍ଟି କରିଥାଏ । ଏଥିରେ ସଂକ୍ରମିତଙ୍କ ମୃତ୍ୟୁ ହେବାର ଆଶଙ୍କା ଥିବାରୁ ଡାକ୍ତରମାନେ ଏଥିପାଇଁ ସତର୍କତା ଅବଲମ୍ବନ କରିବା ସହ ସଚେତନ ହେବାକୁ ପରାମର୍ଶ ଦେଇଛନ୍ତି । ସାଧାରଣତଃ ଟେପୱାର୍ମ ସଂକ୍ରମଣ ଟାଏନିଆସିସ ଜୀବନ ପ୍ରତି ବିପଦ ସୃଷ୍ଟି କରିନଥାଏ । ତେବେ ନ୍ୟୁରୋସିଷ୍ଟିସରକୋସିସ୍ ଜୀବନ ପ୍ରତି ବିପଦ ସୃଷ୍ଟି କରୁଥିବାରୁ ଏଥିରୁ ରକ୍ଷା ପାଇବାକୁ ସଚେତନ ହେବାକୁ ପରାମର୍ଶ ଦିଆଯାଇଛି । ଭଲ ଭାବେ ରନ୍ଧା ହୋଇନଥିବା ଖାଦ୍ୟ ବିଶେଷ କରି ମାଂସ, ଅପରିଷ୍କାର ଶାଗ ଓ ପନିପରିବାରେ ଫିତାକୃମି ବା ଟେପୱାର୍ମ ସୃଷ୍ଟି ହେବାର ଆଶଙ୍କା ଥାଏ । ଟେପୱାର୍ମଗୁଡିକ ପରଜୀବୀ ହୋଇଥିବାରୁ ସେମାନେ ମସ୍ତିଷ୍କରେ ସିଷ୍ଟ ସୃଷ୍ଟି କରିଥାନ୍ତି । ଚେତା ହରାଇବା, ତୀବ୍ର ମୁଣ୍ଡବ୍ୟଥା, ଦୃଷ୍ଟି ସମସ୍ୟା, ମାନସିକ ଭାରସାମ୍ୟ ହରାଇବା ଆଦି ନ୍ୟୁରୋସିଷ୍ଟିସରକୋସିସ ରୋଗର ଲକ୍ଷଣ । ତେବେ ସଂକ୍ରମଣ ଅଧିକ ହେଲେ ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ଅଚଳ ହେବା ସହ ଅନ୍ତନଳୀରେ ବ୍ଲକେଜ ସୃଷ୍ଟି ହୋଇଥାଏ । ମସ୍ତିଷ୍କ ଫୁଲିଯିବା ସହ ପାଣି ଜମି ଯାଇଥାଏ । ତେବେ କିଛି ସଂକ୍ରମିତଙ୍କ କ୍ଷେତ୍ରରେ କୌଣସି ଲକ୍ଷଣ ଦେଖା ଦେଇନଥାଏ । ଏଥିରୁ ରକ୍ଷା ପାଇବାରୁ ମାଂସକୁ ଭଲ ଭାବେ ରାନ୍ଧି ଖାଇବା ସହ ଶାଗ, ପନିପରିବା ଓ ଫଳମୂଳକୁ ଭଲଭାବେ ଧୋଇ ବ୍ୟବହାର କରିବାକୁ ଡାକ୍ତର ପରାମର୍ଶ ଦେଉଛନ୍ତି । ବିଶେଷ କରି ଶାଗ ଏବଂ ବନ୍ଧାକୋବିକୁ ଭଲ ଭାବେ ପରିଷ୍କାର କରି ବ୍ୟବହାର କରିବାକୁ କୁହାଯାଇଛି । ବର୍ଷା ଦିନେ ରାସ୍ତାକଡରେ ବିକ୍ରି ହେଉଥିବା ଚାଟ, ଗୁପୁଚୁପ୍ , କଟା ଫଳ ଖାଇବାରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି । ସେହିପରି ଖୋଲାରେ ବିକ୍ରି ହେଉଥିବା ଜୁସ୍, ସରବତ ନପିଇବାକୁ କୁହାଯାଇଛି । କେବଳ ଫୁଟା ଯାଇଥିବା କିମ୍ବା ପରିଷ୍କାର ପାଣି ପିଇବା ଦ୍ୱାରା ଏଭଳି ସଂକ୍ରମଣକୁ ଏଡା ଯାଇପାରିବ । ସେହିପରି ବର୍ଷା ଦିନେ ଖାଦ୍ୟ ଖାଇବା କିମ୍ବା ପ୍ରସ୍ତୁତ କରିବା ପୂର୍ବରୁ ହାତ ଭଲ ଭାବେ ଧୋଇବା ସହ ପରିଚ୍ଛନ୍ନତା ରକ୍ଷା କରିବାକୁ ପରାମର୍ଶ ଦିଆଯାଇଛି । ଖାଦ୍ୟ ପ୍ରସ୍ତୁତ ପରେ ଢାଙ୍କି ରଖିବା ସହ ଏହାକୁ ଭଲ ଭାବେ ସଂରକ୍ଷଣ କରିବାକୁ କୁହାଯାଇଛି । ସେହିପରି ମୁଣ୍ଡବ୍ୟଥା, ଜ୍ୱର, କିମ୍ବା ମୂର୍ଚ୍ଛା ରୋଗର ଲକ୍ଷଣ ଦେଖା ଦେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବାକୁ କୁହାଯାଇଛି । ଏମଆରଆଇ, ସିଟି ସ୍କାନ ଆଦି ଦ୍ୱାରା ଏହି ରୋଗ ଚିହ୍ନଟ ହୋଇଥାଏ । ନ୍ୟୁରୋସିଷ୍ଟିସର କୋସିସ ଚିକିତ୍ସାରେ ଆଣ୍ଟି-ପାରାସାଇଟିକ ଡ୍ରଗ୍ସ ଓ କେତେକ କ୍ଷେତ୍ରରେ ଅସ୍ତ୍ରୋପଚାର ଆବଶ୍ୟକ ହୋଇପାରେ ।

## ପାକିସ୍ତାନରେ ଭୁଲ ଇଞ୍ଜେକ୍ସନ ପାଇଁ ଚାଲିଗଲା ୧୩୦୦ ରୋଗୀଙ୍କ ଜୀବନ



ପାକିସ୍ତାନ: ଆପଣ କଣ ବିଶ୍ୱାସ କରିପାରିବେ ଦେଶର ଉଚ୍ଚମାନର ଡାକ୍ତରଖାନାର ଡାକ୍ତରମାନେ ହୃଦରୋଗୀଙ୍କୁ ମ୍ୟାଲେରିଆର ଔଷଧ ଦେବା ଭଳି ଏକ ଜଘନ୍ୟ ଭୂଲ କରିପାରନ୍ତି ? ହଁ ଆଜ୍ଞା ଏମିତି କିଛି ଘଟଣା ପାକିସ୍ତାନରେ ଘଟିଛି । ସେଠାରେ ଅଜ୍ଞାତା ଯୋଗୁଁ ୧୦୦୦ ରୁ ଅଧିକ ଜୀବନ ଲିଭିଯାଇଛି । ଯାହାକୁ ଆପଣ ଜାଣିଲା ପରେ ହଠାତ ବିଶ୍ୱାସ କରିପାରିବେ ନାହିଁ ଏହା କେମିତି ହୋଇପାରେ ବୋଲି ପୂର୍ବରୁ ଏକ କଥା ରହିଛି କି ପାକିସ୍ତାନ ହେଉଛି ଅଜ୍ଞ ଲୋକଙ୍କ ଦେଶ । ଯାହା ଆଜି ପ୍ରମାଣିତ ହୋଇଛି । ଜଣେ ହୃଦରୋଗୀଙ୍କୁ ମ୍ୟାଲେରିଆର ଔଷଧ ଦେଇଛନ୍ତି ଜଣେ ଡାକ୍ତର । ତେବେ ଏହି ଘଟଣାରେ ପାକିସ୍ତାନ ସରକାର ଡାକ୍ତରଙ୍କ ନିର୍ବଧୋତା ପାଇଁ ୧୦ ରୁ ୨୦ କିମ୍ବା ୫୦ ରୁ ୧୦୦ ନୁହେଁ ବରଂ ୧୩୦୦ ରୋଗୀଙ୍କ ଜୀବନ ଅକାଳରେ ଚାଲିଯାଇଛି । ଏହାପରେ ପାକିସ୍ତାନର ଜନସାଧାରଣ ଓ ଗଣ ମାଧ୍ୟମ ସରକାରଙ୍କୁ ଗାଳି କରିଛନ୍ତି । ତେବେ ଏହି ଘଟଣାଟି ପାକିସ୍ତାନର ପଞ୍ଜାବ ଇନଷ୍ଟିଚୁଟ ଅଫ୍ କାର୍ଡିଓଲୋଜିରେ ହୋଇଛି । ଯେଉଁଠାରେ ହୃଦରୋଗୀ ମାନଙ୍କୁ ଗୋଟିଏ ପରେ ଗୋଟିଏ ମୃତ୍ୟୁ ହେବାକୁ ଲାଗିଲେ । ତଦନ୍ତ ପରେ ଏହାର ଅସଲ ଘଟଣା ସାମନାକୁ ଆସିଲା । ପରିସ୍ଥିତିକୁ ଆହୁରି ଖରାପ କରିବା ପାଇଁ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ନିଜେଏହି ଅଜ୍ଞତାର ପ୍ରମାଣ ଦେଇଥିଲେ । ତେବେ ତଦନ୍ତରୁ ଜଣା ପଡିଥିଲା ଏହିଁ ଔଷଧ ହୃଦରୋଗୀ ମାନଙ୍କ ପାଇଁ ନଥିଲା । ଏହା ମ୍ୟାଲେରିଆ ର ଔଷଧ ଥିଲା । ତେବେ ଏହି ଘଟଣାକୁ ନେଇ ସରିଫ୍ କହିଛନ୍ତି ଯେତେବେଳେ ଏହି ଘଟଣା ତାଙ୍କ ନଜରକୁ ଆସିଲା ସେ କିଛି ସମୟ ଭାବିଥିଲେ । ଏହାପରେ ସେ ଦୁଇଟି ନମୁନା ସଂଗ୍ରହ କରିଥିଲେ । ଗୋଟିଏ ୟୁକେ ଓ ଗୋଟିଏ ଫ୍ରାନ୍ସ କୁ ପଠାଇଥିବା ସେ କହିଥିଲେ । ଯାହା ଫଳରେ ସେଠାରୁ ସଠିକ ରିପୋର୍ଟ ଆସିପାରିବ ।

## ପ୍ରବଳ ବର୍ଷା ଯୋଗୁଁ କେଦାରନାଥ ରାସ୍ତା ଅବରୋଧ

ଉତ୍ତରାଖଣ୍ଡ : ଉତ୍ତରାଖଣ୍ଡର ରୁଦ୍ରପ୍ରୟାଗ ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁଁ ପରିସ୍ଥିତି ଗୁରୁତର ଅବସ୍ଥାରେ ରହିଛି । ଯାହା ଦ୍ୱାରା ଗୌରୀକୁଣ୍ଡ ନିକଟରେ କେଦାରନାଥକୁ ଯାଉଥିବା ବାଟରେ ବଡ଼ ବଡ଼ ପଥର ଦେଖିବାକୁ ମିଳିଛି । ଫଳରେ ରାସ୍ତା ଅବରୋଧ ହୋଇ ରହିଛି । ଏଭଳି ପରିସ୍ଥିତିରେ ଚାରିଧାମ ଯାତ୍ରାରେ ଯାଇଥିବା ୧୬୦୦ରୁ ଅଧିକ ତୀର୍ଥଯାତ୍ରୀଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି । ଏହା ବ୍ୟତୀତ ରିଲିଫ୍ କାର୍ଯ୍ୟ ବର୍ତ୍ତମାନ ସୁଦ୍ଧା ଜାରି ରହିଛି । ସୂଚନାନୁଯାୟୀ, ଗୌରୀକୁଣ୍ଡର ଘୋଡା ପାହଡ଼ଠାରୁ ପାଖାପାଖି ୫୦ ମିଟର ଦୂରରେ ଥିବା କେଦାରନାଥ ପାଦଚଲା ରାସ୍ତାର ପ୍ରାୟ ୩୦ ମିଟର ପର୍ଯ୍ୟନ୍ତ ଭାରି ପଥର ପଡ଼ି ରାସ୍ତା ଅବରୋଧ ହୋଇ ରହିଛି । ଯାହା



ପରେ ଜିଲ୍ଲା ପ୍ରଶାସନ, ଏନଡିଆରଏଫ, ଏସଡିଆରଏଫ୍ ସମେତ ଅନ୍ୟ ବିଭାଗୀୟ ସମ୍ବନ୍ଧୀତ ଟିମ୍ ତୁରନ୍ତ ସେଠାରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ବିକଳ୍ପ ରାସ୍ତା ଦେଖି ଯାତ୍ରୀଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି । ଏହାରି ମଧ୍ୟରେ ବିପର୍ଯ୍ୟୟ ପରିଚାଳନା ଏବଂ ପୁନର୍ବାସ ସଚିବ ବିନୋଦ କୁମାର ସୁମନ କହିଛନ୍ତି ଯେ, ଜିଲ୍ଲାରେ ରାତି ପ୍ରାୟ ୧ଟାରୁ ଭୋର୍ ୪ ଟା ପର୍ଯ୍ୟନ୍ତ ଲଗାତାର ବର୍ଷା ହୋଇଥିଲା । ଯାହା ଫଳରେ ଚାମେଲି ଏବଂ ରୁମସି, ଚାମରାଡା ଟୋକ୍ ଏବଂ ବିଜୟନଗର ଅଞ୍ଚଳର ପ୍ରାୟ ଦଶଟି ଘରେ ପାଣି ପ୍ରବେଶ କରିଥିଲା । କିନ୍ତୁ ଏଥିରେ କୌଣସି ମୃତାହତର ଖବର ନାହିଁ । ଏହା ସହିତ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ ଏହି ସବୁ ପରିସ୍ଥିତି ବିଷୟରେ ସୂଚନା ନେଉଥିଲେ । ଏହା ଛଡ଼ା ତୀର୍ଥଯାତ୍ରୀଙ୍କ ପ୍ରତି ଯତ୍ନ ନେବାକୁ, ରିଲିଫ୍ ସହାୟତା ଯୋଗାଇବାକୁ ଏବଂ ଉଦ୍ଧାର କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ ବିଭାଗର ସୁରକ୍ଷାକର୍ମୀ ଦଳ ସକାଳ ୬ଟାରୁ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ ।

## ବିଦେଶରେ ବଢୁଛି ଭାରତୀୟଙ୍କ ଉପରେ ଆକ୍ରମଣ



ନୂଆଦିଲ୍ଲୀ : ବିଦେଶରେ ବଢୁଛି ଭାରତୀୟଙ୍କ ଉପରେ ଆକ୍ରମଣ । ଶନିବାର ଅଷ୍ଟ୍ରେଲିଆ ମେଲବୋର୍ଣ୍ଣର ସେଣ୍ଟ୍ରାଲ୍ ସ୍କୋୟାର ସପିଙ୍ଗ୍ ସେଣ୍ଟର ବାହାରେ ପାଞ୍ଚ ଜଣ ନାବାଳକ ଜଣେ ଭାରତୀୟ ବଂଶୋଦ୍ଭବ ସୌରଭ ଆନନ୍ଦଙ୍କୁ ଆକ୍ରମଣ କରିଥିଲେ । ଆକ୍ରମଣକାରୀଙ୍କ ମଧ୍ୟରୁ ଜଣେ ସୌରଭଙ୍କ ହାତ କାଟି ଦେଇଥିଲା । ସୌରଭ କହିଛନ୍ତି, ସେ ସନ୍ଧ୍ୟାରେ ଔଷଧ ଦୋକାନରୁ ଔଷଧ ନେଇ ଫେରୁଥିଲେ । ଏହି ସମୟରେ, ଜଣେ ବନ୍ଧୁଙ୍କ ସହ ଫୋନରେ କଥା ହେଉଥିଲେ । ହଠାତ୍ ତାଙ୍କ ଉପରେ ଆକ୍ରମଣ ହୋଇଥିଲା । ପାଞ୍ଚ ଜଣ ତାଙ୍କୁ ପଛରୁ ଆକ୍ରମଣ କରିଥିଲେ । ଜଣେ ତାଙ୍କ ପକେଟ ଖୋଜିବା ବେଳେ ଅନ୍ୟଜଣେ ତାଙ୍କୁ ମୁଥ ମାରିଥିଲା । ତୃତୀୟ ଜଣକ ତାଙ୍କ ବେକରେ ଛୁରି ଲଗାଇଥିଲା । ସୌରଭ ମୁକାବିଲା ପାଇଁ ହାତ ଉଠାଇଥିଲେ । ଛୁରିରେ ତାଙ୍କ ହାତ କାଟି ଦିଆଯାଇଥିଲା । ସୌରଭଙ୍କ ଚିତ୍କାର ଶୁଣି କିଛି ଲୋକ ଜରୁରିକାଳୀନ ସେବାକୁ ଫୋନ୍ କରିଥିଲେ । ପୁଲିସ୍ ପାଞ୍ଚ ଅଭିଯୁକ୍ତଙ୍କ ମଧ୍ୟରୁ ଚାରି ଜଣଙ୍କୁ ଅଟକ ରଖିଛି । ଜଣେ ୧୪ ବର୍ଷୀୟ ଅଭିଯୁକ୍ତ ବିରୋଧରେ ଗୁରୁତର ଆଘାତ, ଡକାୟତି ଏବଂ ବେଆଇନ ଆକ୍ରମଣ ଅଭିଯୋଗ ଲାଗିଛି । ୪ ଦିନ ପୂର୍ବେ ଅଷ୍ଟ୍ରେଲିଆର ଆଡିଲେଡ୍ ସହରରେ ଜଣେ ଭାରତୀୟ ଛାତ୍ରଙ୍କ ଉପରେ ନିର୍ମମ ଆକ୍ରମଣ ହୋଇଥିଲା । ସେତେବେଳେ ସେ ତାଙ୍କ ପତ୍ନୀଙ୍କ ସହିତ ସହରର ଆଲୋକ ଶୋ ଦେଖିବାକୁ ଏକ କାରରେ ଯାଇଥିଲେ । କିଣ୍ଟୋର ଆଭେନ୍ୟୁ ନିକଟରେ ରାତି ୯ଟାରେ କାର ପାର୍କିଂକୁ ନେଇ ସ୍ଥାନୀୟ ଲୋକଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା ।

## ଟ୍ରମ୍ପଙ୍କ ହସ୍ତକ୍ଷେପ ସତ୍ତ୍ୱେ



## ଥାଇଲାଣ୍ଡ ଓ କାମ୍ବୋଡିଆ ମଧ୍ୟରେ ଫେରିପାରିନି ଶାନ୍ତି

# ଅନ୍ତର୍ଜାତୀୟ ସ୍ତରରେ ଘୋର ନିନ୍ଦା ପରେ ମୁଣ୍ଡ ନୁଆଁଇଲା ଇସ୍ରାଏଲ୍



ନୂଆଦିଲ୍ଲୀ : ଗାଜାରେ ଖାଦ୍ୟ ପାଇଁ ହାହାକାର । ଖାଦ୍ୟ ବଦଳରେ ଗାଜା ଲୋକଙ୍କୁ ମିଳୁଛି ମୃତ୍ୟୁ । ଇସ୍ରାଏଲ ସେନାର ଏପରି ଆକ୍ରମଣକୁ ଅନ୍ତର୍ଜାତୀୟ ସ୍ତରରେ ଘୋର ନିନ୍ଦା କରାଯାଇଛି । ତେବେ ଦୀର୍ଘ ଦିନରୁ ଲାଗି ରହିଥିବା ଯୁଦ୍ଧ କାରଣରୁ ଗାଜାରେ ଦେଖାଦେଇଥିବା ଭୟାବହ ମାନବୀୟ ସଙ୍କଟ ଏବଂ ଅନାହାର ପରିସ୍ଥିତିକୁ ନେଇ ଅନ୍ତର୍ଜାତୀୟ ସ୍ତରରେ ତୀବ୍ର ସମାଲୋଚନାର ଶିକାର ହୋଇଛି ଇସ୍ରାଏଲ । ପରେ ଇସ୍ରାଏଲ୍ ନରମ ମନୋଭାବ ପୋଷଣ କରିଛି । ବଢୁଥିବା ଚାପ ଆଗରେ ମୁଣ୍ଡ ନୁଆଁଇ ଇସ୍ରାଏଲ୍ ବର୍ତ୍ତମାନ ଆକାଶ ମାର୍ଗରୁ ଗାଜାରେ ଖାଦ୍ୟ ପହଞ୍ଚାଇବାକୁ ରାଜି ହୋଇଛି । ଏହି ନିଷ୍ପତ୍ତି ପରେ ବିଭିନ୍ନ ଦେଶ ପକ୍ଷରୁ ସହାୟତା ଆରମ୍ଭ ହୋଇଯାଇଛି । ଗତ କିଛି ମାସ ଧରି ଇସ୍ରାଏଲର କଠୋର ଅବରୋଧ ଯୋଗୁଁ ଗାଜାରେ ଖାଦ୍ୟ, ପାନୀୟ ଏବଂ ଅତ୍ୟାବଶ୍ୟକ ସାମଗ୍ରୀର ଘୋର ଅଭାବ ଦେଖାଦେଇଥିଲା । ଏହା ଫଳରେ ଲକ୍ଷ ଲକ୍ଷ ଲୋକ, ବିଶେଷକରି ଶିଶୁମାନେ ଭୋକରେ ଆଉଟୁପାଉଟୁ ହେଉଥିଲେ ଏବଂ ଅପପୁଷ୍ଟିର ଶିକାର ହୋଇ ଅନେକଙ୍କର ମୃତ୍ୟୁ ଘଟିଥିବା ଖବର ମଧ୍ୟ ଆସିଥିଲା । ଏହି ହୃଦୟ ବିଦାରକ ପରିସ୍ଥିତିକୁ ନେଇ ବିଶ୍ୱର ବିଭିନ୍ନ ଦେଶ ଏବଂ ମାନବିକ ଅଧିକାର ସଂଗଠନଗୁଡ଼ିକ ଇସ୍ରାଏଲ୍ ଉପରେ ଚାପ ପକାଇ ଆସୁଥିଲେ । ଏହି ଅନ୍ତର୍ଜାତୀୟ ଚାପର ଫଳ ସ୍ୱରୂପ, ଇସ୍ରାଏଲ ସେନା ପକ୍ଷରୁ ଘୋଷଣା କରାଯାଇଛି ଯେ ସେମାନେ ଗାଜାରେ ଲୋକମାନଙ୍କୁ ଖାଦ୍ୟ ଯୋଗାଇବ । ଏହି ସହାୟତାରେ ମୁଖ୍ୟତଃ ଅଟା, ଚିନି, ଏବଂ ଟିଣରେ ପ୍ୟାକ୍ ହୋଇଥିବା ଖାଦ୍ୟ ସାମଗ୍ରୀ ରହିଛି । ସଂଯୁକ୍ତ ଆରବ ଏମିରେଟ୍ସ (ଟଇଉ), ବ୍ରିଟେନ, ଜୋର୍ଡାନ, ଫ୍ରାନ୍ସ, ଇଜିପ୍ଟ ଏବଂ ଆମେରିକା ଭଳି ଦେଶ ଏହି ଏୟାରଡ୍ରପ୍ ଅଭିଯାନରେ ସାମିଲ ହୋଇଛନ୍ତି ।

ତେବେ, କିଛି ସଂଗଠନଗୁଡ଼ିକ ଏହି ଏୟାରଡ୍ରପକୁ ନେଇ ମିଶ୍ରିତ ପ୍ରତିକ୍ରିୟା ଦେଇଛନ୍ତି । ମିଳିତ ଜାତିସଂଘର ଏଜେନ୍ସି ଟଘଜଡଇ ପରି କିଛି ସଂସ୍ଥା କହିଛନ୍ତି ଯେ ଏୟାରଡ୍ରପ୍ ଏକ ମହଙ୍ଗା, ଅଦକ୍ଷ ଏବଂ ବିପଜ୍ଜନକ ପଦ୍ଧତି । ସେମାନଙ୍କ ମତରେ, ସ୍ଥଳପଥ ଦେଇ ସହାୟତା ପହଞ୍ଚାଇବା ହିଁ ଏକମାତ୍ର ସ୍ଥାୟୀ ସମାଧାନ । ଇସ୍ରାଏଲ୍ କିଛି ନିର୍ଦ୍ଦିଷ୍ଟ ଅଞ୍ଚଳରେ ଯୁଦ୍ଧରେ 'କୌଶଳଗତ ବିରାମ' ଘୋଷଣା କରିଥିଲେ ମଧ୍ୟ ସମ୍ପୂର୍ଣ୍ଣ ଯୁଦ୍ଧବିରାମ କରିନାହିଁ । ଇସ୍ରାଏଲ୍ ଏହା ମଧ୍ୟ କହିଛି ଯେ ଗାଜାରେ ଅନାହାର ପାଇଁ ସେମାନେ ଦାୟୀ ନୁହଁନ୍ତି, ବରଂ ହମାସ ଏବଂ ଜାତିସଂଘର ବିତରଣ ବ୍ୟବସ୍ଥାରେ ତ୍ରୁଟି ଏଥିପାଇଁ ଦାୟୀ । ଏହି ପରିସ୍ଥିତିରେ, ଆକାଶ ମାର୍ଗରୁ ମିଳୁଥିବା ଏହି ସହାୟତା ଗାଜାର ଭୋକିଲା ଲୋକଙ୍କ ପାଇଁ ଏକ ଅସ୍ଥାୟୀ ଆଶ୍ୱାସନା ହୋଇଥିବା ବେଳେ ଏକ ସ୍ଥାୟୀ ଶାନ୍ତି ଏବଂ ନିରବଚ୍ଛିନ୍ନ ସହାୟତା ବ୍ୟବସ୍ଥା ହିଁ ପ୍ରକୃତ ସମାଧାନ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି । ଇସ୍ରାଏଲ ଏବଂ ହମାସ ମଧ୍ୟରେ ଚାଲିଥିବା ଯୁଦ୍ଧ ଗାଜା ଉପତ୍ୟକାକୁ ଏକ ଖାଦ୍ୟ ସଙ୍କଟର ଗଭୀର ଗର୍ତ୍ତକୁ ଠେଲି ଦେଇଛି, ଯାହାର ସବୁଠାରୁ ଭୟାବହ ପରିଣାମ ଭୋଗୁଛନ୍ତି ସେଠାକାର ନିରୀହ ଶିଶୁମାନେ । ଖାଦ୍ୟ, ପାନୀୟ ଏବଂ ସ୍ୱାସ୍ଥ୍ୟସେବାର ଘୋର ଅଭାବ ଯୋଗୁଁ ପ୍ରାୟ ୯ ଲକ୍ଷ ଶିଶୁ ଭୋକରେ ଆଉଟୁପାଉଟୁ ହେଉଛନ୍ତି ଏବଂ ସେମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ଗୁରୁତର ଭାବେ ଦୁର୍ବଳ ହୋଇପଡ଼ିଛି । ଏହା ସେମାନଙ୍କୁ ବିଭିନ୍ନ ସଂକ୍ରାମକ ରୋଗର ଶିକାର ହେବା ପାଇଁ ଅଧିକ ଆଶଙ୍କା ସୃଷ୍ଟି କରିଛି । ମିଳିତ ଜାତିସଂଘର ଶିଶୁ ପାଣ୍ଠି ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପରି ଅନ୍ତର୍ଜାତୀୟ ସଂସ୍ଥାଗୁଡ଼ିକ ଗାଜାର ପରିସ୍ଥିତିକୁ ନେଇ ବାରମ୍ବାର ସତର୍କବାଣୀ ଜାରି କରିଛନ୍ତି । ସେମାନଙ୍କ ରିପୋର୍ଟ ଅନୁଯାୟୀ, ଗାଜାରେ ପାଞ୍ଚ ବର୍ଷରୁ କମ୍ ବୟସର ଅଧିକାଂଶ ଶିଶୁ ଦିନକୁ ମାତ୍ର ଥରେ ଖାଇବାକୁ ବଞ୍ଚିତ ହେଉଛନ୍ତି । ଯାହାକୁ 'ଗୁରୁତର ଖାଦ୍ୟ ଦାରିଦ୍ର୍ୟ' ଭାବେ ବର୍ଣ୍ଣନା କରାଯାଇଛି । ଦୀର୍ଘ ସମୟ ଧରି ଅପପୁଷ୍ଟିର ଶିକାର ହେବା କାରଣରୁ ଶିଶୁମାନଙ୍କ ଶରୀରର ବିକାଶ ବାଧାପ୍ରାପ୍ତ ହେଉଛି ଏବଂ ସେମାନଙ୍କର ରୋଗ ପ୍ରତିରୋଧକ ପ୍ରଣାଳୀ ଭୁଶୁଡ଼ି ପଡୁଛି ।

ନୂଆଦିଲ୍ଲୀ : ଯୁଦ୍ଧରେ କ୍ଷତିଗ୍ରସ୍ତ ଗାଜା କାନ୍ଦୁଛି । ଇସ୍ରାଏଲର ଆକ୍ରମଣରେ କେବଳ ବିଦ୍ରୋହୀଙ୍କ ଜୀବନ ଯାଉନି, ବଳି ପଡୁଛନ୍ତି କୁନିକୁନି ପିଲା, ବୟସ୍କ ଓ ମହିଳା । ଯାଉଛି ନିରୀହ ଜୀବନ । ପରିସ୍ଥିତି ଏଭଳି ହେଲାଣି ଯେ, ଭୋକ ଉପାସରେ ମଧ୍ୟ ଲୋକ ମରୁଛନ୍ତି । ମୃତ୍ୟୁସଂଖ୍ୟା ବଢୁଛି । ଗାଜାରେ ୫୦ ଗ୍ରାମ୍ ବିସ୍କୁଟର ଦାମ୍ ପଡୁଛି ୭ଶହ ୫୦ ଟଙ୍କା । ନଗଦ ଟଙ୍କା ଉଠାଇଲେ ୩୫ ପ୍ରତିଶତ କଟୁଛି । ଗୋଟିଏ ସପ୍ତାହ ପୂର୍ବରୁ ରିଲିଫ୍ ନେଉଥିବା ଲୋକଙ୍କ ଉପରେ ଗୁଳିମାଡ଼ କରି ଇସ୍ରାଏଲ ନରସଂହାର ରଚିଥିଲା । ତେବେ ବିଶ୍ୱ ସମୁଦାୟର ବିରୋଧ ପରେ ଏହାକୁ ଏକ ଭୁଲ୍ କହି ଇସ୍ରାଏଲ ନିଜ ଦୋଷକୁ ଏଡ଼ାଇଥିବା ବେଳେ ଏବେ ପୁଣି ବଡ଼ ଆକ୍ରମଣ କରିଛି । ଭୋକ ଉପାସରେ ଛଟପଟ ହେଉଥିବା ୨୧ଜଣ ଲୋକଙ୍କ ପ୍ରାଣହାନି ପରେ ବିଶ୍ୱବ୍ୟାପୀ ଇସ୍ରାଏଲକୁ ନିନ୍ଦା କରାଯାଉଛି । ଶନିବାର ଲୋକ ଜିକିମ୍ କ୍ରସିଂ ନିକଟରେ ରିଲିଫ୍ ସାମଗ୍ରୀ ପାଇଁ ଅପେକ୍ଷା କରିଥିଲେ । ଇସ୍ରାଏଲୀ ସୈନିକମାନେ ହଠାତ୍ ସେମାନଙ୍କ ଉପରେ ଗୁଳି ଚଳାଇଥିଲେ । ଇସ୍ରାଏଲୀ ସେନା ଏହି ଗୁଳି ଚଳାଇବାର କାରଣ କହିନାହିଁ । ଦୁଇ ମାସ ମଧ୍ୟରେ ଖାଦ୍ୟ ସାମଗ୍ରୀ ପାଇଁ ଗାଜା ଯାଇଥିବା ୧ ହଜାରରୁ ଅଧିକ ଲୋକ ଇସ୍ରାଏଲ ଗୁଳିରେ ପ୍ରାଣ ହରାଇଛନ୍ତି । ଶନିବାର ଗାଜା ସହରରେ ଏକ ଆପାର୍ଟମେଣ୍ଟରେ ବୋମା ବିସ୍ଫୋରଣରେ ଚାରି ଜଣ ପ୍ରାଣ ହରାଇଥିଲେ । ଯୁଦ୍ଧବିରତି ସମ୍ପର୍କରେ ଆଲୋଚନା ହୋଇପାରିନାହିଁ ।

# ଗିଲ୍, ଜାଡେଜା ଓ ସୁନ୍ଦରଙ୍କ ଶତକ, ଡ୍ର'ରେ ମ୍ୟାଚ୍ ଶେଷ

ନୂଆଦିଲ୍ଲୀ, ୨୭।୭: ମାଞ୍ଚେଷ୍ଟରରେ ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ଚତୁର୍ଥ ଟେଷ୍ଟ ମ୍ୟାଚ୍ ଡ୍ରରେ ଶେଷ ହୋଇଛି। ଟେଷ୍ଟ ମ୍ୟାଚ୍‌ର ଶେଷ ଦିନରେ, ଟିମ୍ ଇଣ୍ଡିଆ। ଶୁଭମନ ଗିଲ୍, ରବିନ୍ଦ୍ର ଜାଡେଜା ଏବଂ ୱାଶିଂଟନ୍ ସୁନ୍ଦରଙ୍କ ଚମତ୍କାର ଖେଳ ପ୍ରଦର୍ଶନ କରିଥିଲେ। ୩ ବ୍ୟାଟର ଜବରଦସ୍ତ ଶତକ ହାସଲ କରି ଇଂଲଣ୍ଡର ଅଗ୍ରଣୀକୁ ଟପିଯାଇଥିଲେ ଟିମ୍ ଇଣ୍ଡିଆର ଷ୍ଟାର ବ୍ୟାଟରମାନେ ଦିନସାରା ବ୍ୟାଟିଂ କରି ପରାଜୟକୁ ଏଡାଇ ଦେଇଛନ୍ତି।

ଏହି ମ୍ୟାଚ୍ ଭାରତ ପାଇଁ ଅନେକ ଦୃଷ୍ଟିରୁ ଐତିହାସିକ ଥିଲା। ପ୍ରଥମ ଇନିଂସରେ ୬୬୯ ରନ କରିବା ପରେ, ଇଂଲଣ୍ଡ ଭାରତ ସମ୍ମୁଖରେ ୩୧୧ ରନର ଲିଡ୍ ରଖିଥିଲା। ଯାହାର ଜବାବରେ ଭାରତୀୟ ଦଳ ପ୍ରଥମ ଓଭରରେ ଦୁଇଟି ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏପରି ପରିସ୍ଥିତିରେ ଭାରତ ଇନିଂସ ହାରିବା ଆଶଙ୍କା ଦେଖା ଦେଇଥିଲା। ଏହାପରେ କେଏଲ ରାହୁଲ ଏବଂ ଗିଲଙ୍କ ମଧ୍ୟରେ ୧୮୮ ରନର ପାର୍ଟନର୍ସିପ୍ ଦଳ ପାଇଁ ଟର୍ଣ୍ଣିଂ ପଏଣ୍ଟ ହୋଇଥିଲା।

ପରବର୍ତ୍ତୀ ସମୟରେ ଜାଡେଜା ଏବଂ ସୁନ୍ଦର ଦୁହେଁ ଆକ୍ରମଣାତ୍ମକ ଢଙ୍ଗରେ ଖେଳ ପ୍ରଦର୍ଶନ କରି ଇଂଲଣ୍ଡକୁ ବିଜୟୀ ହେବାରୁ ରୋକିଥିଲେ। ଜାଡେଜା ଏବଂ ସୁନ୍ଦର ଉଭୟ ଅପରାଜିତ ଶତକ ହାସଲ କରିଥିଲେ। ଦୁହିଁଙ୍କ ମଧ୍ୟରେ ୨୦୩ ରନର ପାର୍ଟନର୍ସିପ୍ ହୋଇଥିଲା ପଞ୍ଚମ ତଥା ଅନ୍ତିମ ଦିନ ଶେଷ ସୁଦ୍ଧା ଭାରତ ୪ ୱିକେଟ୍ ହରାଇ ୪୨୫ ରନ୍ କରିଥିଲା ରବିନ୍ଦ୍ର ଜାଡେଜା ଅପରାଜିତ ୧୦୭ ରନ୍ କରିଥିଲେ, ଯେତେବେଳେ ସୁନ୍ଦର ଅପରାଜିତ ୧୦୧ ରନ୍ କରିଥିଲେ। ସୁନ୍ଦରଙ୍କର ଏହା ପ୍ରଥମ ଶତକ। ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜରେ ଭାରତୀୟ ଦଳ ୧-୨ରେ ପଛରେ ଅଛି ଯଦି ପଞ୍ଚମ ମ୍ୟାଚ୍‌ରେ ଭାରତ ଜିତିଲା ତେବେ ଏହି ସିରିଜ୍ ୨-୨ରେ ବରାବର ରହିବ।

ଜାଡ଼େଜା ଓ ସୁନ୍ଦରଙ୍କ ଭାଗିଦାରୀରୁ ଏହା ନିଶ୍ଚିତ ହୋଇ ଯାଇଥିଲା ଯେ, ଏହି ମୁକାବିଲା ଡ୍ର ରହିବ ତଥାପି ଇଂଲଣ୍ଡ ଅଧିନାୟକ ବେନ ଷ୍ଟୋକ୍ସ ଜାଡ଼େଜା ଓ ସୁନ୍ଦରଙ୍କୁ ଡ୍ରର ଅଫର ଦେଇଥିଲେ ହେଲେ ଦୁଇ ଖେଳାଳି ଇଂଲଣ୍ଡର ଅଧିନାୟକ ବେନ ଷ୍ଟୋକ୍ସଙ୍କ ଏହି ପ୍ରସ୍ତାବକୁ ଅଗ୍ରାହ୍ୟ କରି ବ୍ୟାଟିଂ ଜାରି ରଖିଥିଲେ କାରଣ ଦୁଇ ବ୍ୟାଟର ନିଜର ଶତକର ନିକଟତର ଥିଲେ ଏହା ପରେ ଜାଡ଼େଜା ଓ ସୁନ୍ଦର ଶତକ ହାସଲ କରିଥିଲେ ମ୍ୟାଚ୍ ଡ୍ର ଘୋଷଣା ହେବା ପରେ ଷ୍ଟୋକ୍ସ ଜାଡ଼େଜାଙ୍କ ସହ ହାତ ବି ମିଳାଇ ନ ଥିଲେଏହାକୁ ନେଇ ଦୁଇ ଖେଳାଳିଙ୍କ ମଧ୍ୟରେ କିଛି ପାଟିତୁଣ୍ଡ ବି ହୋଇଥିବା ଦେଖିବାକୁ ମିଳିଥିଲା। ଯେବେ ଭାରତର ସ୍କୋର ୩୮୬/୪ ଥିଲା, ଭାରତ ୭୫ ରନର ଅଗ୍ରଣୀ ହାସଲ କରି ନେଇଥିଲା ସେହି ସମୟରେ ଷ୍ଟୋକ୍ସ ଅମ୍ପାୟରଙ୍କ ସହ କଥା ହୋଇ ହାତ ମିଳାଇବାକୁ ପ୍ରସ୍ତାବ ଦେଇଥିଲେ ଅର୍ଥାତ ଏହା ମ୍ୟାଚ୍ ଡ୍ର ରଖିବାକୁ ସଙ୍କେତ ଥିଲା ସେହି ସମୟରେ ୧୫ ଓଭର ଖେଳ ବାକି ଥିଲା ଇଂଲଣ୍ଡ ବିଜୟର କୌଣସି ସମ୍ଭାବନା ନ ଥିଲା ଏହି ସମୟରେ ଜାଡ଼େଜା ଓ ସୁନ୍ଦର ନିଜ ନିଜର ଶତକର ନିକଟତର ଥିଲେ ଏବଂ ମଇଦାନରେ କାନ୍ଥ ପରି ଛିଡ଼ା ହୋଇଥିଲେ ବେନ ଷ୍ଟୋକ୍ସ ଭାରତର ବ୍ୟାଟିଂ ଜାରି ରଖିବା ନିଷ୍ପତ୍ତିରେ ଖୁସି ନ ଥିଲେ ଏବଂ ଅମ୍ପାୟର ଓ ବ୍ୟାଟରଙ୍କ ସହ ଲମ୍ବା ଆଲୋଚନା ପରେ ରାଜି ହୋଇଥିଲେ ଏହା ପରେ ଭାରତର ଦୁଇ ବ୍ୟାଟର ଜାଡ଼େଜା ଓ ସୁନ୍ଦର ନିଜ ନିଜର ଶତକ ପୂରଣ କରିଥିଲେ

ମ୍ୟାଚ୍ ପରେ ଦୁଇ ଦଳର ଖେଳାଳି ହାତ ମିଳାଇଥିଲେ ମାତ୍ର ଷ୍ଟୋକ୍ସ ଜାଡ଼େଜା ଓ ସୁନ୍ଦରଙ୍କ ସହ ହାତ ମିଳାଇବାକୁ ମନା କରି ଦେଇଥିଲେ ଏହାକୁ ଭେ ଜାଡ଼େଜା ଓ ଷ୍ଟୋକ୍ସଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ଦେଖିବାକୁ ମିଳିଥିଲା ଏହାର ଭିଡିଓ ଏବେ ଭାଇରାଲ୍ ହୋବାରେ ଲାଗିଛି ଏହା ପରେ ଦୁଇ ବ୍ୟାଟର ଇଂଲଣ୍ଡର ବ୍ୟାଟରଙ୍କୁ ନୟାନ୍ତ କରିଥିଲେ ଜାଡ଼େଜା ଶତକ ପୂରଣ କରିବା ପରେ ନିଜ ଶୈଳୀରେ ଉତ୍ସବ ମନାଇଥିଲେ ସୁନ୍ଦର ନିଜର ପ୍ରଥମ ଟେଷ୍ଟ ଶତକ ହାସଲ କରିବା ପରେ ଖୁସି ପ୍ରକାଶ କରିଥିଲେ।




# ଇଂଲଣ୍ଡରେ ଇତିହାସ ରଚିଲେ ଗିଲ୍

## ପ୍ରଥମ ଏସୀୟ ଅଧିନାୟକ ଭାବେ କଲେ ୭୦୦ ରନ

ନୂଆଦିଲ୍ଲୀ: ଭାରତର ଅଧିନାୟକ ଶୁଭମନ ଗିଲ୍ ରବିବାର ଏକ ଐତିହାସିକ ଉପଲବ୍ଧି ହାସଲ କରିଛନ୍ତି। ସେ ବିଦେଶ ମାଟିରେ ଟେଷ୍ଟ ସିରିଜ୍‌ରେ ୭୦୦ରୁ ଅଧିକ ରନ କରିବାରେ ପ୍ରଥମ ଭାରତୀୟ ଅଧିନାୟକ ହେବାର ଉପଲବ୍ଧି ହାସଲ କରିଛନ୍ତି। ସେ ଏହି ସଫଳତା ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ର ଚତୁର୍ଥ ମ୍ୟାଚ୍‌ରେ ହାସଲ କରିଥିଲେ। ୨୫ ବର୍ଷୀୟ ଗିଲ୍ ସେହି ସଫଳ କିମ୍ବଦନ୍ତୀ ଅଧିନାୟକଙ୍କ କ୍ଲବରେ ସାମିଲ ହୋଇଛନ୍ତି। ଯେଉଁମାନେ ଗୋଟିଏ ଟେଷ୍ଟ ସିରିଜ୍‌ରେ ୭୦୦ରୁ ଅଧିକ ରନ କରିଥିଲେ। ଏହି ତାଲିକାରେ ସାର ଡନବ୍ରାଡମ୍ୟାନ(ଦୁଇ ଥର), ସାର ଗ୍ୟାରି ସୋବର୍ସ, ଗ୍ରେଗ ଚ୍ୟାପେଲ, ସୁନୀଲ ଗାଭାସ୍କର, ଡେଭିଡ ୱାର୍ଣ୍ଣର, ଗ୍ରାହାଗମ ଗୁଚ୍ ଓ ଗ୍ରେମ ସ୍ମିଥଙ୍କ ପରି ନାଁ ସାମିଲ।




ଗିଲ, ସୁନୀଲ ଗାଭାସ୍କର ଓ ଯଶସ୍ୱୀ ଜସ୍ୱାଲଙ୍କ ପରେ ଟେଷ୍ଟ ସିରିଜରେ ୭୦୦ ରନ ଅତିକ୍ରମ କରିବାରେ ତୃତୀୟ ଭାରତୀୟ ବ୍ୟାଟର ହୋଇ ପାରିଛନ୍ତି। ତାଙ୍କର ଏହି ସ୍ମରଣୀୟ ଇନିଂସ ସେହି ସମୟରେ ଆସିଛି ଯେତେବେଳେ ଭାରତୀୟ ଦଳ ମୁସ୍କିଲ ସ୍ଥିତିରେ ଥିଲା। ଆଜବେଷ୍ଟନ ଟେଷ୍ଟରେ କ୍ୟାରିୟରର ସର୍ବଶ୍ରେଷ୍ଠ ଇନିଂସ ୨୬୯ ରନ କରିବା ପରେ ଗିଲ୍ ସିରିଜର ପ୍ରଥମ ୭ ଇନିଂସରେ ୬୧୯ ରନ କରି ସାରିଥିଲେ।

ତାଙ୍କୁ ବିରାଟ କୋହଲିଙ୍କ ୨୦୧୪ ଇଂଲଣ୍ଡ ଗସ୍ତରେ କରିଥିବା ୬୯୨ ରନ ଅତିକ୍ରମ କରିବା ପାଇଁ ୭୪ ରନ ଦରକାର ଥିଲା ଏବଂ ୭୦୦ ରନ ଛୁଇଁବା ପାଇଁ ୮୧ ରନ ଦରକାର ଥିଲା ଭାରତ ୩୧୧ ରନରେ ପଛୁଆ ଥିବା ବେଳେ ଦଳ ପ୍ରଥମ ଓଭରରେ ହିଁ ୨ଟି ୱିକେଟ୍ ହରାଇଥିଲା। ଏହି ସମୟରେ ଗିଲ୍ ଓ କେଏଲ ରାହୁଲ ଚତୁର୍ଥ ଦିନର ପୂରା ଦୁଇଟି ସେସନ ବ୍ୟାଟିଂ କରି ଭାରତ ପାଇଁ ମ୍ୟାଚ୍ ଡ୍ର କରିବାର ଆଶା ସଞ୍ଚାର କରିଥିଲେ। ଭାରତ ପାଇଁ ଟେଷ୍ଟ ସିରିଜ୍‌ରେ ୭୦୦ କିମ୍ବା ଅଧିକ ରନ କରିଥିବା ବ୍ୟାଟର।

୭୭୪- ସୁନୀଲ ଗାଭାସ୍କର ବନାମ ୱେଷ୍ଟଇଣ୍ଡିଜ, ୧୯୭୧(ବିଦେଶ)। ୭୩୨- ସୁନୀଲ ଗାଭାସ୍କର ବନାମ ୱେଷ୍ଟଇଣ୍ଡିଜ, ୧୯୭୮/୭୯(ଘରୋଇ)। ୭୧୨- ଯସ୍ୱୀ ଜୟସ୍ୱାଲ ବନାମ ଇଂଲଣ୍ଡ, ୨୦୨୪(ଘରୋଇ)। ୭୦୦ ଅ- ଶୁଭମନ ଗିଲ୍ ବନାମ ଇଂଲଣ୍ଡ, ୨୦୨୫(ବିଦେଶ)

ଗିଲ୍ ଲିୟାମ ଡାସନଙ୍କ ବଲରେ ଚୌକା ମାରି କୋହଲିଙ୍କ ରେକର୍ଡ ଭାଙ୍ଗିଥିଲେ ପୁଣି ବେନ ଷ୍ଟୋକ୍ସଙ୍କ ବଲରେ ୨ ରନ ଦେଇ ୭୦୦ ରନ ପୂରଣ କରିଥିଲେ ଏହି ସିରିଜ୍‌ରେ ଗିଲ୍ ଚତୁର୍ଥ ଶତକୀୟ ଇନିଂସ ଖେଳିଛନ୍ତି ଏହା ପୂର୍ବରୁ ସେ ୧୪୭ ରନ, ୧୬୧ ରନ ଓ ୨୬୯ ରନ କରିଥିଲେ ତେବେ ପୂର୍ବର ଇନିଂସ ସହଜ ପରିସ୍ଥିତିରେ ଆସିଥିବା ବେଳେ ଏହି ପାଳି ବହୁତ କଠିନ ଏବଂ ମୁସ୍କିଲ ସ୍ଥିତିରେ ଆସିଛି

ଏହି ଉପଲବ୍ଧି ସହିତ ଗିଲ୍ ଏ ପର୍ଯ୍ୟନ୍ତ ଭାରତୀୟ ବ୍ୟାଟରଙ୍କ ଦ୍ୱାରା କୌଣସି ଏକ ଟେଷ୍ଟ ସିରିଜ୍‌ରେ ସବୁଠୁ ଅଧିକ ରନ କରିଥିବା ବ୍ୟାଟରଙ୍କ ତାଲିକାରେ ଚତୁର୍ଥ ସ୍ଥାନରେ ରହିଛନ୍ତି ଗାଭାସ୍କରଙ୍କ ୭୭୪ ଓ ୭୩୨ ରନ, ଜୟସ୍ୱାଲଙ୍କ ୭୧୨ ରନ ପରେ ଗିଲ୍ ୭୦୦ଅ ରନ ରହିଛି ଗିଲ୍ ପ୍ରଥମ ଭାରତୀୟ ଅଧିନାୟକ ଭାବେ ବିଦେଶ ମାଟିରେ ଟେଷ୍ଟ ସିରିଜ୍‌ରେ ୭୦୦ରୁ ଉର୍ଦ୍ଧ୍ୱ ରନ କରିଛନ୍ତି ୨୫ ବର୍ଷ ବୟସରେ ଏହିପରି ଋପ ସମୟରେ ପ୍ରଦର୍ଶନ କରିବା ଏବଂ ଦଳକୁ ସମ୍ଭାଳିବା ବାସ୍ତବରେ ବହୁତ ପ୍ରଶଂସନୀୟ।

# ନଭେମ୍ବର ୭ରେ ୧୦୦୦ତମ ହକି ମ୍ୟାଚ

ମହାବଳିପୁରମ, ୨୭।୭: ଆସନ୍ତା ନଭେମ୍ବର ୭ ତାରିଖରେ ଭାରତୀୟ ହକି ଅଭିଯାନକୁ ୧୦୦ବର୍ଷ ପୂରିବାକୁ ଯାଉଥିବାରୁ ହକି ଇଣ୍ଡିଆ (ଏଚ୍‌ଆଇ)ର ୧୫ତମ କଂଗ୍ରେସରେ କିଛି ଗୁରୁତ୍ୱପୂର୍ଣ୍ଣ ଘୋଷଣା କରାଯାଇଛି।

ଭାରତୀୟ ହକିକୁ ୧୦୦ ବର୍ଷ ପୂର୍ତ୍ତି ଅବସରରେ ସମଗ୍ର ଦେଶରେ ଉତ୍ସବ ପାଳନ କରାଯିବ, ଯେଉଁଥିରେ ଏକାସମୟରେ ୧୦୦୦ ମ୍ୟାଚ୍ ଆୟୋଜନ କରାଯିବ। ଦେଶର ପ୍ରତ୍ୟେକ ଜିଲାରେ ଗୋଟିଏ ଲେଖାଏଁ ପୁରୁଷ ଓ ମହିଳା ମ୍ୟାଚ୍ ଖେଳାଯିବ। ଏଥିରେ ମୋଟ ଉପରେ ୩୬,୦୦୦ ଖେଳାଳି ଭାଗ ନେବେ ଦେଶର ପ୍ରତ୍ୟେକ କୋଣରୁ ହକି ଖେଳାଳିଙ୍କୁ ଏକତ୍ରିତ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି।



ଜାତୀୟ ଓ ତୃଣମୂଳସ୍ତରରେ ପ୍ରତିଯୋଗିତା ଆୟୋଜନ କ୍ଷେତ୍ରରେ ଦିଆଯାଉଥିବା ଆର୍ଥିକ ସହାୟତାରେ ଆଖିଦୃଶିଆ ବୃଦ୍ଧି କରାଯାଇଛି। ଏବେଠାରୁ ଜାତୀୟ ସିନିୟର ପୁରୁଷ ଓ ମହିଳା ଚାମ୍ପିୟନଶିପ୍ ଆୟୋଜନ ଲାଗି ୭୦ ଲକ୍ଷ ଦିଆଯିବ। ସେହିଭଳି ଜୁନିୟର ବାଳକ, ବାଳିକା, ସବ୍-ଜୁନିୟର ବାଳକ ଓ ସବ୍-ଜୁନିୟର ବାଳିକା ଜାତୀୟ ଚାମ୍ପିୟନଶିପ୍ ଲାଗି ୩୦ ଲକ୍ଷ ଲେଖାଏ ଫେଡେରେଶନ ପକ୍ଷରୁ ଦିଆଯିବ ଏହା ବ୍ୟତୀତ ପ୍ରତ୍ୟେକ ରାଜ୍ୟକୁ ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ଓ ଜିଲା ସଂଗଠନକୁ ସମର୍ଥନ କରିବା ପାଇଁ ୨୫ ଲକ୍ଷ ଲେଖାଏ ଦିଆଯିବ ବୋଲି ଏଚ୍‌ଆଇ ପକ୍ଷରୁ ଘୋଷଣା କରାଯାଇଛି।

ସ୍ଥାନୀୟ ସ୍ତରରେ ଆର୍ଥିକ ବାଧାକୁ ହ୍ରାସ କରି ଭିତ୍ତିଭୂମିକୁ ସଶକ୍ତ କରିବା, ପ୍ରତିଯୋଗିତାର କ୍ୱାଲିଟିରେ ବୃଦ୍ଧି ଓ ଅଧିକରୁ ଅଧିକ ଦଳକୁ ପ୍ରତିଯୋଗିତାରେ ସାମିଲ କରିବା ପାଇଁ ଅନୁଦାନରେ ବୃଦ୍ଧି କରାଯାଇଛି। ଏହାଦ୍ୱାରା ହଜାର ହଜାର ଉଦୀୟମାନ ଖେଳାଳି, କୋଚ୍, ତୃଣମୂଳ ସ୍ତରର ଅଧିକାରୀ ଲାଭବାନ ହେବେ, ଯେଉଁମାନେ ଭାରତୀୟ ହକିର ଭବିଷ୍ୟତର ମେରୁଦଣ୍ଡ ବୋଲି ଏଚ୍‌ଆଇ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

ଏଚ୍‌ଆଇ ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ କହିଛନ୍ତି, ଭାରତୀୟ ହକିକୁ ୧୦୦ ବର୍ଷ ପୂରିବାକୁ ଯାଉଥିବାରୁ ସାରା ଦେଶରେ ଉତ୍ସବ ଜରିଆରେ ଭାରତୀୟ ହକିକୁ ଆଗକୁ ନେଇଥିବା ପ୍ରତ୍ୟେକ ଖେଳାଳି, କୋଚ୍ ଓ ପ୍ରଶଂସକଙ୍କ ପ୍ରତି ସମ୍ମାନ ପ୍ରଦର୍ଶିତ କରାଯିବ ଘୋଷଣା ହୋଇଥିବା ଆର୍ଥିକ ସମର୍ଥନ ଜରିଆରେ ଆମେ ଭବିଷ୍ୟତ ପିଢ଼ିର ସ୍ୱପ୍ନ ଉପରେ ନିବେଶ କରିବୁ।

# ପ୍ରଥମ ଥର ଟେଷ୍ଟରେ ୧୦୦ ରନ୍ ବ୍ୟୟ କଲେ ବୁମରା

ମାଞ୍ଚେଷ୍ଟର, ୨୭।୭: ଇଂଲଣ୍ଡ ବିପକ୍ଷ ଚଳିତ ଚତୁର୍ଥ ଟେଷ୍ଟ୍‌ରେ ଯଶପୀତ ବୁମ୍ରା ପ୍ରଥମ ଥର ପାଇଁ ଏକ ପାଳିରେ ୧୦୦ରୁ ଉର୍ଦ୍ଧ୍ୱ ରନ୍ ବରଣ କରିଛନ୍ତି। ଇଂଲଣ୍ଡ ପ୍ରଥମ ପାଳିରେ ସେ ୩୩ ଓଭର ବୋଲିଂ କରି ୧୧୨ ରନ୍ ବିନିମୟରେ ୨ କେଟ୍ ଅକ୍ତିଆର କରିଥିଲେ ପୂର୍ବରୁ ସେ ଗତବର୍ଷ ଏମ୍‌ସିଜିରେ ଅଷ୍ଟ୍ରେଲିଆ ବିପକ୍ଷରେ ୯୯ ରନ୍ ଲିକ୍ କରି ୪ ୱିକେଟ୍ ନେବା ଏ ପର୍ଯ୍ୟନ୍ତ ତାଙ୍କ ତାଲିକାରେ ଶୀର୍ଷରେ ଥିଲା। କେବଳ ବୁମ୍ରା ନୁହଁନ୍ତି, ଚଳିତ ଟେଷ୍ଟ୍‌ରେ ଅନ୍ୟ ୩ ଭାରତୀୟ ବୋଲର ରବୀନ୍ଦ୍ର ଜାଡ଼େଜା (୧/୧୪୩), ମହମ୍ମଦ ସିରାଜ (୧/୧୪୦), ୱାସିଂଟନ୍ ସୁନ୍ଦର (୨/୧୦୭) ମଧ୍ୟ ୧୦୦ରୁ ଉର୍ଦ୍ଧ୍ୱ ରନ୍ ବରଣ କରିଛନ୍ତି। ଏହି ଆଲୋଡ଼ା ରେକର୍ଡ ସହିତ ବୁମ୍ରାଙ୍କ ଅବସର ଚର୍ଚ୍ଚା ବି ଉଭା ହୋଇଛି। ପୂର୍ବତନ କ୍ରିକେଟର୍ ମହମ୍ମଦ କେଫ କହିଛନ୍ତି ଯେ ରୋହିତ ଶର୍ମା, ବିରାଟ କୋହଲି, ଆର୍ ଅଶ୍ୱିନଙ୍କ ଭଳି ବୁମ୍ରା ଅବସର ନେଇଯିବେ। ତାଙ୍କ ଦକ୍ଷତା କି ସାମର୍ଥ୍ୟର ଅଭାବ ନୁହେଁ ଟେଷ୍ଟ୍ ମ୍ୟାଚ୍ ପାଇଁ ଆବଶ୍ୟକ ଶାରୀରିକ ସଂଘର୍ଷ ସେ ଅଧିକ ଦିନ କରି ନପାରନ୍ତି। ମାଞ୍ଚେଷ୍ଟର୍ ଟେଷ୍ଟ୍ ଅବସରରେ ବୁମ୍ରା ତାଙ୍କ ସ୍ୱାଭାବିକ। ଗତି ଘଣ୍ଟାପ୍ରତି ୧୪୦ କିଲୋମିଟର୍‌ଠାରୁ କମ୍ ୧୩୦/୧୩୫ ଗତିରେ ବୋଲିଂ କରୁଥିଲେ। ହେଡିଂଲେ ଓ ଲର୍ଡସ୍‌ରେ ସେ ଭଲ ବୋଲିଂ କରିଥିଲେ ମଧ୍ୟ ଓଲ୍ଡ ଟ୍ରାଫୋର୍ଡ ଗତି ଭିନ୍ନ କାହାଣୀ ଦର୍ଶାଇଛି। ଗୋଟିଏ ଓଭର ବୋଲିଂ କରିବା ପରେ ସେ ଆହତ ସମସ୍ୟା କାରଣରୁ ପଡ଼ିଆ ଛାଡ଼ିଥିଲେ। ଗତିରେ ହ୍ରାସ ଓ ଫର୍ମରେ ସଂଘର୍ଷ କାରଣରୁ ସେ ଟେଷ୍ଟ୍ କ୍ରିକେଟ୍ ଛାଡ଼ିପାରନ୍ତି ବୋଲି କୈଫ ଆଶଙ୍କା କରିଛନ୍ତି। ୱିକେଟ୍ ନେବା ନ ନେବା ଭିନ୍ନ କଥା। ଭାରତକୁ ଏବେ ବୁମ୍ରାଙ୍କ ବିନା ଖେଳିବାକୁ ପ୍ରସ୍ତୁତ ହେବାକୁ ପଡ଼ିବ ମୋ ଆଶଙ୍କା ଭୁଲ୍ ହେଉ, କିନ୍ତୁ ବୁମ୍ରା ଆଉ ଟେଷ୍ଟ୍ କ୍ରିକେଟ୍‌କୁ ଉପଭୋଗ କରିପାରୁଥିବା ମୁଁ ଅନୁଭବ କରୁନାହିଁ ବୋଲି କେଫ କହିଛନ୍ତି।




## ଅବସର ନେଲେ ବେଦା କୃଷ୍ଣମୂର୍ତ୍ତି

ନୂଆଦିଲ୍ଲୀ: ଭାରତୀୟ ବ୍ୟାଟର୍ ବେଦା କୃଷ୍ଣମୂର୍ତ୍ତି ଶୁକ୍ରବାର ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେଇଛନ୍ତି ୩୨ ବର୍ଷୀୟା ବେଦା ୧୦ ବର୍ଷର ଖେଳ ଜୀବନରେ ବିରାମ ଲଗାଇଥିଲା ବେଳେ କ୍ରିକେଟ୍ ସହିତ ଜଡ଼ିତ ରହିବେ ବୋଲି କହିଛନ୍ତି ସାମାଜିକ ଗଣମାଧ୍ୟମରେ ଏକ ହୃଦୟସ୍ପର୍ଶୀ ବାର୍ତ୍ତା ପୋଷ୍ଟ୍ କରି ସେ ନିଜ ଅବସର ବିଷୟରେ ସୂଚନା ଦେଇଛନ୍ତି। ଏକ ଛୋଟ ସହରର ଝିଅର ସ୍ୱପ୍ନ ଥିଲା ଭାରତୀୟ ଜର୍ସି ପିନ୍ଧିବା ଏହା ପୂରଣ ହୋଇଥିବାରୁ ଗର୍ବିତ କ୍ରିକେଟ୍ ମୋତେ ସବୁକିଛି ଦେଇଛି। ଏବେ ଖେଳାଳି ଜୀବନକୁ ଗୁଡ୍‌ବାଏ କରୁଛି, ହେଲେ ଖେଳକୁ ନୁହେଁ ସର୍ବଦା ଭାରତ ଓ ଦଳ ପାଇଁ ରହିଛି ବୋଲି କୃଷ୍ଣମୂର୍ତ୍ତି ଲେଖିଛନ୍ତି ଭାରତ ପକ୍ଷରୁ ମିଡିଲ୍‌ଅର୍ଡରେ ବ୍ୟାଟର୍ ବେଦା ୪୮ ଦିନିକିଆ ଓ ୭୬ ଟ୍ୱେଣ୍ଟି-୨୦ ଖେଳି ଯଥାକ୍ରମେ ୮୨୯ ଓ ୮୭୫ ରନ୍ କରିଛନ୍ତି ଶେଷ ଥର ଲାଗି ୨୦୨୦ରେ ମେଲବର୍ଣ୍ଣରେ ଅଷ୍ଟ୍ରେଲିଆ। ବିପକ୍ଷରେ ଟ୍ୱେଣ୍ଟି-୨୦ ଏବଂ ୨୦୧୮ରେ ଦିନିକିଆ। ଖେଳିଥିଲେ।

## ରାଜ୍ୟ କନିଷ୍ଠ ଓ ଉପକନିଷ୍ଠ ସନ୍ତରଣ ଉଦ୍‌ଯାପିତ

# ଅଭିନବ ଓ ଅଂଶିକା ଶ୍ରେଷ୍ଠ: ଖୋର୍ଦ୍ଧା-ଭୁବନେଶ୍ୱର ବିଜେତା



ଭୁବନେଶ୍ୱର: ଓଡ଼ିଶା ରାଜ୍ୟ ସନ୍ତରଣ ସଂଘ ଓ କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍ ଇନ୍‌ଡୋର୍ ଆକ୍ୱାଟିକ୍ ସେଣ୍ଟର୍‌ରେ ଆୟୋଜିତ ୬୫ତମ ରାଜ୍ୟ କନିଷ୍ଠ ଓ ଉପକନିଷ୍ଠ ସନ୍ତରଣ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଏହି ୩ଦିନିଆ। ସନ୍ତରଣ ପ୍ରତିଯୋଗିତାର ଖୋର୍ଦ୍ଧା-ଭୁବନେଶ୍ୱର ଜିଲ୍ଲା ଦଳଗତ ବିଜେତା ହୋଇଥିଲା ବେଳେ କିଟ୍-କିସ୍ ଉପବିଜେତା ହୋଇଛି ବ୍ୟକ୍ତିଗତର ବର୍ଗରେ ଖୋର୍ଦ୍ଧାର ଅଭିନବ କୁମାର ସିଂହ, ଅଂଶିକା ଆରାଧନା ସାହୁ, ସାଇ ସ୍ୱରୂପ ସ୍ୱାଇଁ, ଧାନ୍‌ବୀ ଭେମିକ, ସାଇ ଅକ୍ଷୟ ଓ ସହିତା ଘୋଷ ବିଜେତା ଟ୍ରଫି ହାତେଇଥିଲେ ପୁରୁଷ ଓ ମହିଳାର ଶ୍ରେଷ୍ଠ ସନ୍ତରଣକାରୀ ହୋଇଛନ୍ତି ଖୋର୍ଦ୍ଧା-ଭୁବନେଶ୍ୱରର ଅଭିନବ କୁମାର ସିଂହ ଓ ଅଂଶିକା ଆରାଧନା ସାହୁ।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କ୍ରୀଡ଼ା ଓ ଯୁବସେବା ସଚିବ ସଚିନ ରାମଚନ୍ଦ୍ର ଯାଦବ ଏବଂ ସମ୍ମାନୀୟ ଅତିଥି ଭାବେ କ୍ରୀଡ଼ା ନିର୍ଦ୍ଦେଶକ ଯେଦୁଲା ବିଜୟ, ଓଡ଼ିଶା ହକି ବିକାଶ ପରିଷଦ ସିଇଓ ଦୀପଙ୍କର ମହାପାତ୍ର, କ୍ରୀଡ଼ା ବିଭାଗ ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ, ଯୁଗ୍ମ ସଚିବ ବିଜୟାନନ୍ଦ ନାୟକ ଉପସ୍ଥିତ ରହି ପୁରସ୍କାର ବଣ୍ଟନ କରିଥିଲେ। ଓଡ଼ିଶା ରାଜ୍ୟ ସନ୍ତରଣ ସଂଘ ସମ୍ପାଦକ ଗୋଲାପମଣି ମହାନ୍ତ, କୋଷାଧ୍ୟକ୍ଷ ବିଜୟ କୁମାର ଦୀକ୍ଷିତ, ଯୁଗ୍ମ ସମ୍ପାଦକ ଲକ୍ଷ୍ମୀଚନ୍ଦ୍ର ମହାକୁଡ଼, ଉପସଭାପତି ଅକ୍ଷୟ କୁମାର ପ୍ରଧାନ ଓ ରବୀନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ମ୍ୟାକକୁଲମଙ୍କ ରେକର୍ଡ ଭାଙ୍ଗିଲେ ଆୟୁଷ ମହାତ୍ରେ

ନୂଆଦିଲ୍ଲୀ, ୨୭।୬: ଭାରତୀୟ ଯୁବ କ୍ରିକେଟ ଦଳର ଅଧିନାୟକ ଆୟୁଷ ମହାତ୍ରେ ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଯୁବ ଟେଷ୍ଟରେ ଏକ ଐତିହାସିକ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ମାତ୍ର ୬୪ ବଲରେ ଶତକ ପୂରଣ କରି ସେ ନ୍ୟୁଜିଲ୍ୟାଣ୍ଡର ପୂର୍ବତନ ଅଧିନାୟକ ବ୍ରେଣ୍ଡନ ମ୍ୟାକକୁଲମଙ୍କ ରେକର୍ଡକୁ ଭାଙ୍ଗି ଯୁବ ଟେଷ୍ଟ ଇତିହାସରେ ତୃତୀୟ ଦ୍ରୁତତମ ଶତକର ଗୌରବ ହାସଲ କରିଛନ୍ତି। ଚେଲମସଫୋର୍ଡରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ଭାରତୀୟ ଯୁବ ଦଳ ୩୫୫ ରନର ଲକ୍ଷ୍ୟକୁ ପିଛା କରି ପଡିଆକୁ ଓହ୍ଲାଇଥିଲା।

୧୮ ବର୍ଷୀୟ ମହାତ୍ରେ ୮୦ ବଲରେ ୧୨୬ ରନର ଏକ ବିସ୍ଫୋରକ ପାରି ଖେଳିଥିଲେ, ଯେଉଁଥିରେ ୧୩ଟି ଚୌକା ଓ ୬ଟି ଛକା ସାମିଲ ଥିଲା। ଏହି ପାରି ତାଙ୍କୁ ମ୍ୟାକକୁଲମଙ୍କ ସହ ଏକ ବିରଳ କୀର୍ତ୍ତିମାନରେ ସ୍ଥାନିତ କରିଛି, ଯେଉଁମାନେ ଯୁବ ଟେଷ୍ଟରେ ୧୦୦ରୁ ଅଧିକ ଷ୍ଟ୍ରାଇକ ରେଟରେ ୨୦୦ରୁ ଅଧିକ ରନ ସଂଗ୍ରହ କରିଛନ୍ତି। ମହାତ୍ରେଙ୍କ ଷ୍ଟ୍ରାଇକ ରେଟ ୧୨୧.୧୭ ଥିବା ବେଳେ, ମ୍ୟାକକୁଲମ ୨୦୦୧ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଯୁବ ଟେଷ୍ଟରେ ୧୦୮.୪୧ ଷ୍ଟ୍ରାଇକ ରେଟରେ ୨୩୨ ରନ ସଂଗ୍ରହ କରିଥିଲେ।

ମ୍ୟାଚ୍‌ରେ ଭାରତୀୟ ଦଳ ପ୍ରଥମ ବଲରେ ଷ୍ଟାର ଓପନର ବୈଭବ ସୂର୍ଯ୍ୟବଂଶୀଙ୍କୁ ଗୋଲ୍‌ଡେନ ଡକରେ ହରାଇଥିଲା। କିନ୍ତୁ ମହାତ୍ରେ ଦାୟିତ୍ୱ ନେଇ ଇଂଲଣ୍ଡର ବୋଲରମାନଙ୍କୁ ଆକ୍ରମଣ କରିଥିଲେ। ସେ ମାତ୍ର ୨୫ ବଲରେ ଅର୍ଦ୍ଧଶତକ ପୂରଣ କରିଥିଲେ ଏବଂ ଆଲେକ୍ସ ଗ୍ରୀନଙ୍କ ଏକ ଓଭରରୁ ୧୪ ରନ ନେଇଥିଲେ। ତାଙ୍କ ସହ ଅଭିଜ୍ଞାନ କୁଣ୍ଡୁ ୪୬ ବଲରେ ୬୫ ରନର ଏକ ଦ୍ରୁତ ପାରି ଖେଳି ତାଙ୍କୁ ସମର୍ଥନ ଦେଇଥିଲେ। ଦୁହେଁ ମିଳିତ ଭାବେ ମାତ୍ର ୭୭ ବଲରେ ୧୧୭ ରନର ଗୁରୁତ୍ୱପୂର୍ଣ୍ଣ ଭାଗିଦାରୀ ଗଢ଼ିଥିଲେ। ମହାତ୍ରେ ଏହି ମ୍ୟାଚ୍‌ର ପ୍ରଥମ ଇନିଂସରେ ୯୦ ବଲରେ ୮୦ ରନ ଏବଂ ପ୍ରଥମ ଯୁବ ଟେଷ୍ଟରେ ୧୦୭ ବଲରେ ୧୦୨ ରନ ସଂଗ୍ରହ କରିଥିଲେ। ଏହି ସିରିଜରେ ସେ ମୋଟ ୩୪୦ ରନ ସଂଗ୍ରହ କରି ନିଜର ପ୍ରତିଭା ପ୍ରମାଣ କରିଛନ୍ତି। ଚେନ୍ନାଇ ସୁପର କିଙ୍ଗସ (ସିଏସକେ) ପାଇଁ ଆଇପିଏଲ ୨୦୨୫ରେ ୭ ମ୍ୟାଚ୍‌ରେ ୧୮୮ ଷ୍ଟ୍ରାଇକ ରେଟରେ ୨୪୦ ରନ ସଂଗ୍ରହ କରି ସେ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ମ୍ୟାଚ୍‌ରେ ଭାରତ ୪୩ ଓଭରରେ ୨୯୦/୬ ସଂଗ୍ରହ କରିଥିଲା, କିନ୍ତୁ ଖରାପ ଆଲୋକ ଯୋଗୁଁ ବାକି ୬୫ ରନ ସଂଗ୍ରହ କରିବାରୁ ବଞ୍ଚିତ ହୋଇଥିଲା। ଫଳରେ ମ୍ୟାଚ୍ ଡ୍ରରେ ଶେଷ ହୋଇଥିଲା। ମହାତ୍ରେଙ୍କ ଏହି ପାରି ତାଙ୍କୁ ଭାରତୀୟ କ୍ରିକେଟର ଏକ ଉଦୀୟମାନ ତାରକା ଭାବେ ପ୍ରତିଷ୍ଠିତ କରିଛି। ଅନ୍ୟପକ୍ଷରେ, ମହାତ୍ରେ ମନୋଜ ତିୱାରୀଙ୍କ ଭାରତୀୟ ଯୁବ ଟେଷ୍ଟରେ ସର୍ବାଧିକ ଛକାର ରେକର୍ଡକୁ ମଧ୍ୟ ଭାଙ୍ଗିଛନ୍ତି। ତାଙ୍କର ୯ଟି ଛକା ଏହି ମ୍ୟାଚ୍‌ରେ ନୂଆ ମାନଦଣ୍ଡ ସ୍ଥାପନ କରିଛି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ